ପ୍ରକଳ୍ପ ସଂକଳନ-୦୧

# ସାଧାରଣ ଓଡ଼ିଆ ବନାନଶୁଦ୍ଧି

ଓଡ଼ିଆ ଭାଷା ପ୍ରତିଷ୍ଠାନ

# ସାଧାରଣ
# ଓଡ଼ିଆ ବନାନଶୁଦ୍ଧି

ପ୍ରକାଶକ

ଓଡ଼ିଆ ଭାଷା ପ୍ରତିଷ୍ଠାନ
ଭୁବନେଶ୍ୱର

# ସାଧାରଣ ଓଡ଼ିଆ ବନାନଶୁଦ୍ଧି


●

ସଂକଳକ :

ଡ. ଚକ୍ରଧର ବିଶ୍ୱାଳ

ଡ. ମୀନକେତନ ପାଠୀ

ଡ. ଗୌରହରି ଦାସ

●

ପ୍ରକଳ୍ପ ସଂଯୋଜନା :

ଡ. ଅରବିନ୍ଦ ରାୟ

●

ସମୀକ୍ଷା :

ଡ. ଉଦୟନାଥ ସାହୁ

●

ପ୍ରକାଶକ :

ଓଡ଼ିଆ ଭାଷା ପ୍ରତିଷ୍ଠାନ

ୟୁନିଟ୍ - ୫, ଭୁବନେଶ୍ୱର

●

ମୁଦ୍ରଣ :

ଇନ୍ ପ୍ରିଣ୍ଟ

ବିହାରୀବାଗ, ଚାନ୍ଦିନୀଚୌକ,

କଟକ-୦୨

●

ପ୍ରଥମ ପ୍ରକାଶ : ୨୦୦୯

●

ମୂଲ୍ୟ : ୫୦ ଟଙ୍କା


## SADHARANA ODIA BANANA SUDDHI


●

**Compiled by**

Dr. Chakradhara Biswal

Dr. Minaketana Pathi

Dr. Gourahari Das

●

**Programme Co-ordinated by**

Dr. Arbinda Ray

●

**Reviewed by**

Dr. Udayanatha Sahu

●

**Printed at :**

INN PRINT

Biharibag, Chandinichowk,

Cuttack-02

●

**Published by :**

ODIA BHASA PRATISTHANA

Bhubaneswara

●

**First Publication** : 2009

**Price** : Rs. 50/-

# ଉପକ୍ରମଣିକା....

ଓଡ଼ିଆ ଲେଖାଲେଖିରେ ପରିଲକ୍ଷିତ ବର୍ଣ୍ଣାଶୁଦ୍ଧିର ପରିହାର ପାଇଁ ଏକ ସହାୟକ ପୁସ୍ତକ ପ୍ରସ୍ତୁତ କରି ଅଗଣିତ ଓଡ଼ିଆ ଛାତ୍ରଛାତ୍ରୀ ତଥା ଲେଖକମାନଙ୍କ ହାତପାଆନ୍ତାରେ ଉପଲବ୍ଧ କରାଇବାର ଉଦ୍ଦେଶ୍ୟ ରଖି ଓଡ଼ିଆ ଭାଷା ପ୍ରତିଷ୍ଠାନ ``ସାଧାରଣ ଓଡ଼ିଆ ବନାନ ଶୁଦ୍ଧି`` ଶୀର୍ଷକ ଗ୍ରନ୍ଥଟିଏ ପ୍ରସ୍ତୁତ କରିଅଛି। ଏହାକୁ ପ୍ରତିଷ୍ଠାନଦ୍ୱାରା ଗୃହୀତ ହୋଇଥିବା ଏତଦ୍ ବିଷୟକ ଅନ୍ୟତମ ପ୍ରକଳ୍ପ-କାର୍ଯ୍ୟର ସମ୍ଭାବ୍ୟ ଉପଲବ୍ଧି ଭାବେ ବିଚାର କରାଯାଇପାରେ। ଏଭଳି ଏକ ଗ୍ରନ୍ଥ ପ୍ରଣୟନ ପାଇଁ ଓଡ଼ିଆ ଭାଷା ପ୍ରତିଷ୍ଠାନ କାର୍ଯ୍ୟନିର୍ବାହୀ କମିଟିଙ୍କ ତା ୪.୫.୦୭ରିଖର ବୈଠକରେ ଏହାର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ମାନନୀୟ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ଅଜିତ କୁମାର ତ୍ରିପାଠୀ ପ୍ରଥମେ ପ୍ରସ୍ତାବ ଦେଇଥିଲେ ଏବଂ ତାଙ୍କ ପ୍ରସ୍ତାବଟି ମଧ୍ୟ କାର୍ଯ୍ୟନିର୍ବାହୀ କମିଟିରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ପରିଣତିସ୍ୱରୂପ ଏହାକୁ ପ୍ରତିଷ୍ଠାନର ଏକ ନିଜସ୍ୱ ପ୍ରକଳ୍ପଭାବେ କାର୍ଯ୍ୟକାରୀ କରାଯିବାପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା ଏବଂ ତିନିଜଣ ବିଶେଷଜ୍ଞଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇ ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକଳ୍ପ-କାର୍ଯ୍ୟଟିକୁ ସଂପୂର୍ଣ୍ଣ କରାଯାଇଥିଲା। ଏହାର ସମ୍ଭାବ୍ୟ ଉପଲବ୍ଧି ସ୍ୱରୂପ ଉକ୍ତ ଗ୍ରନ୍ଥଟି ପ୍ରକାଶ ପାଉଥିବାରୁ ମୁଁ ଏହି ଗ୍ରନ୍ଥ ପ୍ରକାଶନର ଶୁଭ ଅବସରରେ ଏହାର ଲେଖକବୃନ୍ଦଙ୍କୁ ପ୍ରଥମେ କୃତଜ୍ଞତା ଜଣାଉଛି।

ଭାଷା, ଏକ ସାମାଜିକ ତଥା ଜାତୀୟ ସଂପଦ। ତେଣୁ ଯେ କୌଣସି ଭାଷାର ସୁରକ୍ଷା ଓ ଅଭିବୃଦ୍ଧି ସହିତ ତା'ର ଶୁଦ୍ଧତା-ରକ୍ଷା ଏକ ସାମାଜିକ ତଥା ଜାତୀୟ କର୍ତ୍ତବ୍ୟ ଭାବେ ବିବେଚିତ ହେବା ସ୍ୱାଭାବିକ। ଏହି ଦାୟରେ ପ୍ରସ୍ତୁତ ହୋଇଥିବା `ସାଧାରଣ ଓଡ଼ିଆ ବନାନ ଶୁଦ୍ଧି` ଗ୍ରନ୍ଥଟି ଓଡ଼ିଆ ଭାଷାର ଶୁଦ୍ଧତା ରକ୍ଷା ପାଇଁ ଏକ ସହାୟକ ଗ୍ରନ୍ଥ ଭାବେ ଆଦୃତ ହୋଇପାରିବ-ଏ ବିଶ୍ୱାସ ମୋର ରହିଛି।

ଏହି ଗ୍ରନ୍ଥର ଲେଖକବୃନ୍ଦ (ଡ. ଚକ୍ରଧର ବିଶ୍ୱାଳ, ଡ. ମିନକେତନ ପାଠୀ, ଡ. ଗୌରହରି ଦାସ) ନିଜ ନିଜ କ୍ଷେତ୍ରରେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ଏହି ପୁସ୍ତକ ପ୍ରକାଶନର ଶୁଭ ଅବସରରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ମୁଁ ସମସ୍ତଙ୍କୁ ସାଧୁବାଦ ଜଣାଉଛି। ପରିଶେଷରେ ପୁସ୍ତକଟି ଓଡ଼ିଶାର ଅଗଣିତ ଛାତ୍ର-ଛାତ୍ରୀ ତଥା ଓଡ଼ିଆ ଭାଷାପ୍ରେମୀ ପାଠକ, ପାଠିକାଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେବ ବୋଲି ଆଶା ରଖୁଛି।

**ନିର୍ଦ୍ଦେଶକ**

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ବର୍ଣ୍ଣାଶୁଦ୍ଧି ବା ବନାନ ଭୁଲ୍‌ର କାରଣ ଓ ନିରାକରଣ | ୧ |
| ତ୍ରୁଟିପୂର୍ଣ୍ଣ ଉଚ୍ଚାରଣ | ୨ |
| ଅସାବଧାନତା ବା ଅମନୋଯୋଗିତା | ୨ |
| ପାରିପାର୍ଶ୍ୱିକ ପ୍ରଭାବ | ୩ |
| ଆବଶ୍ୟକ ଶ୍ରୁତଲିଖନ କାର୍ଯ୍ୟକ୍ରମର ଅଭାବ | ୪ |
| ଉପଯୁକ୍ତ ବ୍ୟାକରଣ ଜ୍ଞାନର ଅଭାବ | ୬ |
| ଉପଯୁକ୍ତ ସଂଶୋଧନ କାର୍ଯ୍ୟକ୍ରମର ଅଭାବ | ୧୭ |
| ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦକ୍ଷତାର ଅଭାବ | ୧୮ |
| ଅଭିଧାନର ବ୍ୟବହାର ପାଇଁ ଆଗ୍ରହର ଅଭାବ | ୧୮ |
| ଦୋଷଯୁକ୍ତ ପଠନ ସାମଗ୍ରୀର ପ୍ରଭାବ | ୧୯ |
| ସାମୂହିକ ଉଦ୍ୟମର ଅଭାବ | ୨୦ |
| ଓଡ଼ିଆ ଭାଷାର ସ୍ୱଳ୍ପ ବ୍ୟବହାର ଏବଂ ଓଡ଼ିଆ ଶିଖିବା ଦିଗରେ ଶିକ୍ଷାର୍ଥୀମାନଙ୍କ ଆଗ୍ରହର ଅଭାବ | ୨୧ |
| ବର୍ଣ୍ଣାଶୁଦ୍ଧି ନିରାକରଣ ନିମନ୍ତେ କେତେକ ଉପାୟ | ୨୨ |
| ଆମେ ବ୍ୟବହାର କରୁଥିବା କେତେକ ଶବ୍ଦ ଓ ସେଗୁଡ଼ିକର ତ୍ରୁଟିଯୁକ୍ତ ରୂପ | ୨୭ |
| ଶ୍ରବଣ, କଥନ ଓ ପଠନର ପ୍ରଭାବ | ୨୮ |
| ମଣିଷ ଲେଖେ କାହିଁକି | ୩୩ |
| ଲିଖନ ଶୁଦ୍ଧତା ସମ୍ପର୍କରେ ଆଉ କିଛି କଥା | ୪୦ |
| ସାଧାରଣତଃ ବନାନ ଭୁଲ୍ ହେଉଥିବା ଶବ୍ଦ ଓ ସେଗୁଡ଼ିକର ଶୁଦ୍ଧରୂପ ('ଅ' ରୁ 'କ୍ଷ' ଅନୁକ୍ରମେ ସଜ୍ଜିତ) | ୪୪-୧୦୦ |

# ବର୍ଣ୍ଣାଶୁଦ୍ଧି ବା ବନାନ ଭୁଲ୍‌ର କାରଣ ଓ ନିରାକରଣ

ମନର ଭାବନାକୁ ଅନ୍ୟ ନିକଟରେ ପହଞ୍ଚାଇବା ପାଇଁ ଆମେ ସାଧାରଣତଃ ଦୁଇଟି ଉପାୟ ଅନୁସରଣ କରିଥାଉ । ଗୋଟିଏ ହେଲା କହିବା ଏବଂ ଅନ୍ୟଟି ହେଉଛି ଲେଖିବା । କଥା କହି ସବୁବେଳେ ସମସ୍ତଙ୍କ ପାଖରେ ମନର ଭାବନାକୁ ପହଞ୍ଚାଇ ଦେଇ ହୁଏନାହିଁ । ସେହି ଅସୁବିଧାକୁ ଦୂର କରିବା ପାଇଁ ମଣିଷ ଲେଖିବା କାମଟି ଆବିଷ୍କାର କରିଥିଲା । 'ମଣିଷ ଲେଖେ କାହିଁକି' ଶିରୋନାମାରେ ଏ ବିଷୟରେ ଆଲୋଚନା କରାଯାଇଛି ।

ଏବେ ଆସନ୍ତୁ ବିଚାର କରିବା ଏହି ଲେଖିବା କାର୍ଯ୍ୟଟି ବିଷୟରେ । ଆମ ମନର ଭାବନାକୁ ଆମେ କାଗଜ ଉପରେ ଲେଖୁ । ତାହାକୁ ଆଉ ଜଣେ ପଢ଼ିଲେ ଆମ ମନର ଭାବନାକୁ ବୁଝିବା ଦିଗରେ ସମର୍ଥ ହୁଏ । କିନ୍ତୁ ମନର କଥାଟିକୁ ଠିକ୍‌ଠିକ୍ ଲେଖିବା ସହଜ କାମଟିଏ ନୁହେଁ । ଏଥିପାଇଁ ସତର୍କ ହୋଇ ଲେଖିବାକୁ ହୁଏ । କେତେ ପ୍ରକାରର ସାବଧାନତା ମଧ୍ୟ ଅବଲମ୍ବନ କରିବାକୁ ହୁଏ । ବର୍ଣ୍ଣ ବା ଅକ୍ଷରଟିକୁ ଠିକ୍ ଭାବରେ ଲେଖି ନପାରିଲେ, ଲେଖିଲାବେଳେ ଆବଶ୍ୟକ ହେଉଥିବା ମାତ୍ରା ଓ ଫଳାଗୁଡ଼ିକୁ ଯଥାର୍ଥ ବ୍ୟବହାର କରିନପାରିଲେ ଆମ ଲେଖାରେ ତ୍ରୁଟି ରହିଯାଏ । ଏ ପ୍ରକାରର ତ୍ରୁଟି ବା ଅଶୁଦ୍ଧିକୁ ବର୍ଣ୍ଣାଶୁଦ୍ଧି ବା ବନାନଗତ ଅଶୁଦ୍ଧି ବୋଲି କୁହାଯାଏ ।

ଲେଖିଲା ବେଳେ ବନାନ ଭୁଲ୍ ହେବାର ଅନେକ କାରଣ ରହିଛି । ସେହି କାରଣଗୁଡ଼ିକ ସମ୍ପର୍କରେ ଆମେ ଅବଗତ ହେଲେ ଏବଂ ସେଗୁଡ଼ିକଠାରୁ ଦୂରରେ ରହିବାକୁ ଚେଷ୍ଟା କଲେ ଆମ ଲେଖାରେ ପରିଲକ୍ଷିତ ହେଉଥିବା ବନାନଭୁଲ୍ କମିଯିବ । ଆମ ଲେଖା ତ୍ରୁଟିଶୂନ୍ୟ ହେଲେ, ତାକୁ ପଢ଼ି ବୁଝିବାରେ

ଅନ୍ୟର ଅସୁବିଧା ରହିବ ନାହିଁ। ଫଳରେ ଆମ ମନକଥାକୁ ଲେଖା ମାଧ୍ୟମରେ ଆମେ ଅନ୍ୟ ନିକଟରେ ଅଧିକ ସଫଳତାର ସହିତ ପହଞ୍ଚାଇପାରିବା।

ଲେଖିବା ବେଳେ ଆମ ଲେଖାରେ ହେଉଥିବା ବନାନଭୁଲ୍‌ର ବିଭିନ୍ନ କାରଣ ସମ୍ପର୍କରେ ଆସନ୍ତୁ ଆଲୋଚନା କରିବା।

**ତ୍ରୁଟିପୂର୍ଣ୍ଣ ଉଚ୍ଚାରଣ :**

ଆମେ ଲେଖୁଥିବା ଶବ୍ଦକୁ ଯଦି ଆମେ ଭୁଲ୍ ଭାବରେ ଉଚ୍ଚାରଣ କରୁଥିବା ଅଥବା ସେହି ଶବ୍ଦକୁ ଅନ୍ୟମାନେ ଭୁଲ୍ ଭାବରେ ଉଚ୍ଚାରଣ କରୁଥିବାର ଆମେ ଶୁଣୁଥିବା, ତା'ହେଲେ ଲେଖିବା ବେଳେ ତାକୁ ସେହିପରି ଲେଖି ପକାଇବା। ଶବ୍ଦଟିକୁ ମଣିଷ ଯେପରି ଉଚ୍ଚାରଣ କରେ, ପ୍ରାୟ୍ ସେହିପରି ଲେଖେ। ଏହି ତ୍ରୁଟିପୂର୍ଣ୍ଣ ଉଚ୍ଚାରଣ ଯୋଗୁଁ ଆମ ଲେଖାରେ କେତେକ ଭୁଲ୍ ରହିଯାଏ। ଏ ସମ୍ପର୍କରେ ଆସନ୍ତୁ କେତୋଟି ଉଦାହରଣ ଦେଖିବା। ଶବ୍ଦଟି ହେଉଛି 'ସାହସ'; କିନ୍ତୁ କେତେକ କହିବା ବେଳେ କହନ୍ତି 'ସାହାସ'। ଶବ୍ଦଟି ହେଉଛି 'ଉପସ୍ଥାନ', କହିବାବେଳେ କେହିକେହି ଏହାକୁ 'ଉପସ୍ତାନ' ବୋଲି କହି ଦିଅନ୍ତି। ଫଳରେ ଲେଖିବା ବେଳେ 'ସାହାସ', 'ଉପସ୍ତାନ' ବୋଲି ଲେଖିପକାନ୍ତି। ଏପରି ଲେଖିବାଦ୍ୱାରା ଲେଖାରେ ବନାନ ଭୁଲ୍ ରହିଯାଏ।

ଏହି ପର୍ଯ୍ୟାୟର ଅନ୍ୟାନ୍ୟ କେତେକ ଉଦାହରଣ ହେଲା, 'ରାକ୍ଷସ' ସ୍ଥାନରେ 'ରାକ୍ଷାସ', 'ନିତାନ୍ତ' ସ୍ଥାନରେ 'ନିତ୍ୟାନ୍ତ', 'ଭୂମିଷ୍ଠ' ସ୍ଥାନରେ 'ଭୂମିଷ୍ଟ' ; 'ମୃତ୍ତିକା' ସ୍ଥାନରେ 'ମୁର୍ତ୍ତିକା', 'ମୃଦଙ୍ଗ' ସ୍ଥାନରେ 'ମୁର୍ଦଙ୍ଗ'; 'ସମ୍ବନ୍ଧ' ସ୍ଥାନରେ 'ସମନ୍ଧ'; 'ପୋଟଳ' ସ୍ଥାନରେ 'ପୁଟଳ'; 'ଉପତ୍ୟକା' ସ୍ଥାନରେ 'ଉପତ୍ୟାକା'; 'ସହ୍ୟ' ସ୍ଥାନରେ 'ସର୍ଝ୍ୟ' ; 'ଅନ୍ନପୂର୍ଣ୍ଣା' ସ୍ଥାନରେ 'ଅର୍ଣ୍ଣପୂର୍ଣ୍ଣା' ଲେଖିବା ଇତ୍ୟାଦି। ଆମେ ଲେଖୁଥିବା ଶବ୍ଦଗୁଡ଼ିକର ଉପଯୁକ୍ତ ଉଚ୍ଚାରଣ ସହିତ ପରିଚିତ ରହିଲେ ଆମ ଲେଖାରେ ଏପ୍ରକାରର ବନାନ ଭୁଲ୍ ରହିବ ନାହିଁ।

**ଅସାବଧାନତା ବା ଅମନୋଯୋଗିତା :**

ଲେଖିବା ବେଳେ ଆବଶ୍ୟକ ସାବଧାନତା ଅବଲମ୍ବନ ନକଲେ ଅଥବା ମନୋଯୋଗୀ ହୋଇ ନଲେଖିଲେ ଆମ ଲେଖାରେ କେତେକ ଅଶୁଦ୍ଧି ରହିଯାଏ।

ଅନ୍ୟର ଅସୁବିଧା ରହିବ ନାହିଁ। ଫଳରେ ଆମ ମନକଥାକୁ ଲେଖା ମାଧ୍ୟମରେ ଆମେ ଅନ୍ୟ ନିକଟରେ ଅଧିକ ସଫଳତାର ସହିତ ପହଞ୍ଚାଇପାରିବା।

ଲେଖିବା ବେଳେ ଆମ ଲେଖାରେ ହେଉଥିବା ବନାନଭୁଲ୍‌ର ବିଭିନ୍ନ କାରଣ ସମ୍ପର୍କରେ ଆସନ୍ତୁ ଆଲୋଚନା କରିବା।

**ତ୍ରୁଟିପୂର୍ଣ୍ଣ ଉଚ୍ଚାରଣ :**

ଆମେ ଲେଖୁଥିବା ଶବ୍ଦକୁ ଯଦି ଆମେ ଭୁଲ୍ ଭାବରେ ଉଚ୍ଚାରଣ କରୁଥିବା ଅଥବା ସେହି ଶବ୍ଦକୁ ଅନ୍ୟମାନେ ଭୁଲ୍ ଭାବରେ ଉଚ୍ଚାରଣ କରୁଥିବାର ଆମେ ଶୁଣୁଥିବା, ତା'ହେଲେ ଲେଖିବା ବେଳେ ତାକୁ ସେହିପରି ଲେଖି ପକାଇବା। ଶବ୍ଦଟିକୁ ମଣିଷ ଯେପରି ଉଚ୍ଚାରଣ କରେ, ପ୍ରାୟ୍ ସେହିପରି ଲେଖେ। ଏହି ତ୍ରୁଟିପୂର୍ଣ୍ଣ ଉଚ୍ଚାରଣ ଯୋଗୁଁ ଆମ ଲେଖାରେ କେତେକ ଭୁଲ୍ ରହିଯାଏ। ଏ ସମ୍ପର୍କରେ ଆସନ୍ତୁ କେତୋଟି ଉଦାହରଣ ଦେଖିବା। ଶବ୍ଦଟି ହେଉଛି 'ସାହସ'; କିନ୍ତୁ କେତେକ କହିବା ବେଳେ କହନ୍ତି 'ସାହାସ'। ଶବ୍ଦଟି ହେଉଛି 'ଉପସ୍ଥାନ', କହିବାବେଳେ କେହିକେହି ଏହାକୁ 'ଉପସ୍ତାନ' ବୋଲି କହି ଦିଅନ୍ତି। ଫଳରେ ଲେଖିବା ବେଳେ 'ସାହାସ', 'ଉପସ୍ତାନ' ବୋଲି ଲେଖିପକାନ୍ତି। ଏପରି ଲେଖିବାଦ୍ୱାରା ଲେଖାରେ ବନାନ ଭୁଲ୍ ରହିଯାଏ।

ଏହି ପର୍ଯ୍ୟାୟ୍‌ର ଅନ୍ୟାନ୍ୟ କେତେକ ଉଦାହରଣ ହେଲା, 'ରାକ୍ଷସ' ସ୍ଥାନରେ 'ରାକ୍ଷାସ', 'ନିତାନ୍ତ' ସ୍ଥାନରେ 'ନିତ୍ୟାନ୍ତ', 'ଭୂମିଷ୍ଠ' ସ୍ଥାନରେ 'ଭୂମିଷ୍ଟ' ; 'ମୃତ୍ତିକା' ସ୍ଥାନରେ 'ମୁର୍ତ୍ତିକା', 'ମୃଦଙ୍ଗ' ସ୍ଥାନରେ 'ମୁର୍ଦଙ୍ଗ'; 'ସମ୍ବନ୍ଧ' ସ୍ଥାନରେ 'ସମନ୍ଧ'; 'ପୋଟଳ' ସ୍ଥାନରେ 'ପୁଟଳ'; 'ଉପତ୍ୟକା' ସ୍ଥାନରେ 'ଉପତ୍ୟାକା'; 'ସହ୍ୟ' ସ୍ଥାନରେ 'ସର୍ହ୍ୟ' ; 'ଅନ୍ନପୂର୍ଣ୍ଣା' ସ୍ଥାନରେ 'ଅର୍ଣ୍ଣପୂର୍ଣ୍ଣା' ଲେଖିବା ଇତ୍ୟାଦି। ଆମେ ଲେଖୁଥିବା ଶବ୍ଦଗୁଡ଼ିକର ଉପଯୁକ୍ତ ଉଚ୍ଚାରଣ ସହିତ ପରିଚିତ ରହିଲେ ଆମ ଲେଖାରେ ଏପ୍ରକାରର ବନାନ ଭୁଲ୍ ରହିବ ନାହିଁ।

**ଅସାବଧାନତା ବା ଅମନୋଯୋଗିତା :**

ଲେଖିବା ବେଳେ ଆବଶ୍ୟକ ସାବଧାନତା ଅବଲମ୍ବନ ନକଲେ ଅଥବା ମନୋଯୋଗୀ ହୋଇ ନଲେଖିଲେ ଆମ ଲେଖାରେ କେତେକ ଅଶୁଦ୍ଧି ରହିଯାଏ।

କେବଳ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ନୁହେଁ, ବୟସ୍କ ଲୋକଙ୍କ କ୍ଷେତ୍ରରେ ମଧ୍ୟ ଏହି ଅସାବଧାନତା ବା ଅମନୋଯୋଗିତା କାରଣରୁ କେତେକ ଅଶୁଦ୍ଧି ରହିଯାଏ ।

ଏ ସମ୍ପର୍କରେ କେତେକ ଉଦାହରଣ ଦେଖିବା । ଶବ୍ଦଟି ହେଉଛି `ପଦ୍ୟାଂଶ` । ଲେଖିବା ବେଳେ ଅନୁସ୍ୱାରକୁ ଉପଯୁକ୍ତ ସ୍ଥାନରେ ନଦେଇ କେତେକ ଲେଖନ୍ତି `ପଦ୍ୟାଶଂ` । ସେହିପରି `ଗଦ୍ୟାଂଶ`କୁ `ଗଦ୍ୟାଶଂ` ରୂପରେ ମଧ୍ୟ ଲୋକେ ଲେଖିଦିଅନ୍ତି । ଶ୍ରୀକୃଷ୍ଣଙ୍କ ମା`ଙ୍କ ନାମ `ଯଶୋଦା` । ଲେଖୁଥିବା ପିଲା ଏହା ଜାଣେ, କିନ୍ତୁ ଲେଖିବାବେଳେ ଲେଖିଦିଏ `ଯୋଶଦା`, `ଶ`କୁ ନେଇ ସେ ଭୁଲ୍ କରେନା; ଭୁଲ୍ କରିଦିଏ `ଓ`କାରର ବ୍ୟବହାରକୁ ନେଇ । `ଶ`ରେ `ଓ`କାର ଦେବା ବଦଳରେ ସେ `ଓ`କାର ଦେଇଦିଏ `ଯ`ରେ । ଏ ପ୍ରକାର ଭୁଲ୍‌କୁ ଆମେ ଅସାବଧାନତାଜନିତ ଭୁଲ୍ ବୋଲି କହିବା ।

ଏହି ପର୍ଯ୍ୟାୟର ଅନ୍ୟ କେତେକ ଉଦାହରଣ ହେଲା- `କପୋଳକଳ୍ପିତ`କୁ କୋପଳକଳ୍ପିତ` ଭାବରେ ଲେଖିବା, `ଚିରୋପକୃତ`କୁ `ଚିରପୋକୃତ` ଭାବରେ ଲେଖିବା, `ଚିତ୍ରୋତ୍ତୋଳନ`କୁ `ଚିତ୍ରତ୍ତୋଳନ` ଭାବରେ ଲେଖିବା ଇତ୍ୟାଦି । `ଚତୁର୍ଦ୍ଦିଗ`କୁ `ଚର୍ତୁଦିଗ`, `ଅନ୍ତର୍ଜାତୀୟ`କୁ `ଅର୍ନ୍ତଜାତୀୟ`, `ଚତୁର୍ପାର୍ଶ୍ୱ`କୁ `ଚର୍ତୁପାର୍ଶ୍ୱ`, `ଶବ୍ଦ`କୁ `ଶଦ୍ଦ`, `ଆଶୀର୍ବାଦ`କୁ `ଆଶ୍ରିବାଦ` ବା `ଆର୍ଶୀବାଦ` ଭାବରେ ଲେଖିବା ଏହି ଶ୍ରେଣୀୟ ଅଶୁଦ୍ଧ ଲିଖନର ଅନ୍ୟ କେତେକ ଉଦାହରଣ ।

**ପାରିପାର୍ଶ୍ୱିକ ପ୍ରଭାବ :**

ମଣିଷ ତାର ପରିବେଶ ବା ପରିପାର୍ଶ୍ୱଦ୍ୱାରା ବହୁ ଭାବରେ ପ୍ରଭାବିତ ହୁଏ । ଏହି ପରିପାର୍ଶ୍ୱର ପ୍ରଭାବ କେବଳ ଆମ ସ୍ୱାସ୍ଥ୍ୟ ବା ମାନସିକ ଅବସ୍ଥା ଉପରେ ପଡ଼େନାହିଁ, ଆମର ଲେଖାକୁ ମଧ୍ୟ ବହୁଭାବରେ ଏହା ପ୍ରଭାବିତ କରେ । ପରିପାର୍ଶ୍ୱର ପ୍ରଭାବ ଆମ ଲେଖାକୁ କିପରି ତ୍ରୁଟିପୂର୍ଣ୍ଣ କରାଏ ଏବଂ ବନାନ ଭୁଲ୍‌ର କାରଣ ଭାବରେ ଉଭାହୁଏ ସେହିକଥା ଏବେ ଦେଖିବା ।

ପିଲାଟିଏ ତା`ର ବିଦ୍ୟାଳୟରେ ବା ଘରେ ବିଭିନ୍ନ ସମୟରେ ଅନେକ ନିମନ୍ତ୍ରଣପତ୍ର ଦେଖେ । ସ୍କୁଲ୍‌କୁ ଯିବା ଆସିବା କରିବା ସମୟରେ ଦୋକାନ

ବଜାରରେ ଲାଗିଥିବା ବିବିଧ ବିଜ୍ଞାପନ ଫଳକ (Sign Board) ତା' ଆଖିରେ ପଡ଼େ। କାନ୍ଥବାଡ଼ରେ ଲେଖା ହୋଇଥିବା ବିଭିନ୍ନ ଲେଖାକୁ ସେ ଦେଖେ। ଯା'ଆସ କରୁଥିବା ବସ୍‌ର ନାମଫଳକ, ସେମାନଙ୍କ ଦେହରେ ଲେଖାଯାଇଥିବା ବିଭିନ୍ନ ବାକ୍ୟ ସେ ପଢ଼ିବାକୁ ପାଏ। ସେହିସବୁ ନିମନ୍ତ୍ରଣ ପତ୍ର, ବିଜ୍ଞାପନ ଫଳକ, କାନ୍ଥବାଡ଼ ଲେଖା, ପ୍ରାଚୀର ପତ୍ର ଓ ଗାଡ଼ିମଟରରେ ଲେଖାଯାଇଥିବା ତ୍ରୁଟିପୂର୍ଣ୍ଣ ଶବ୍ଦ ବା ବାକ୍ୟ ପିଲା ଉପରେ ପ୍ରଭାବ ପକାନ୍ତି। ସେସବୁର ପ୍ରଭାବ ଯୋଗୁଁ ପିଲା ବା ବୟସ୍କ ଲୋକଟିର ଲେଖାରେ ଅନେକ ଅଶୁଦ୍ଧି ବା ବନାନଭୁଲ୍ ଦେଖାଯାଏ। ଏହି କାରଣରୁ ହେଉଥିବା ବନାନ ଭୁଲ୍‌ଗୁଡ଼ିକ ମଧ୍ୟରୁ କେତେକ ଉଦାହରଣ ହେଲା-'ଗଣେଶ' ସ୍ଥାନରେ 'ଗଣେଷ', 'ଭୁବନେଶ୍ୱର' ବଦଳରେ 'ଭୂବନେଶ୍ୱର' ଲେଖିବା; 'ମୁଖ୍ୟ'କୁ 'ମୂଖ୍ୟ' ଭାବରେ, 'ଦ୍ରୁତ ଗତି'କୁ 'ଦୃତଗତି' ଭାବରେ, 'ଦାୟିତ୍ୱ'କୁ 'ଦାୟୀତ୍ୱ' ଭାବରେ ଲେଖିବା ଇତ୍ୟାଦି।

ଏହି ପର୍ଯ୍ୟାୟର ଅନ୍ୟ କେତେକ ବର୍ଣ୍ଣାଶୁଦ୍ଧିର ଉଦାହରଣ ହେଲା 'ପୁଷ୍ପାଞ୍ଜଳି'କୁ 'ପୁଷ୍ପାଞ୍ଜଳୀ' ଭାବରେ, 'ଧୂମପାନ'କୁ 'ଧୂମ୍ରପାନ' ଭାବରେ, 'ଈଶ୍ୱର'କୁ 'ଇଶ୍ୱର' ଭାବରେ, 'ସିନ୍ଦୂର'କୁ 'ସିନ୍ଦୁର' ଭାବରେ, 'ସନ୍ଧ୍ୟା'କୁ 'ସଂନ୍ଧ୍ୟା' ଭାବରେ, 'ଭରସା'କୁ 'ଭରଷା' ଭାବରେ, 'ଅଭିଯାନ'କୁ 'ଅଭିଜାନ' ଭାବରେ, 'ସପରିବାର'କୁ 'ସପରିବାରେ' ଭାବରେ, ଏବଂ 'ତ୍ରୁଟି'କୁ 'ତୃଟି' ଭାବରେ ଲେଖିବା ଇତ୍ୟାଦି।

**ଆବଶ୍ୟକ ଶ୍ରୁତଲିଖନ କାର୍ଯ୍ୟକ୍ରମର ଅଭାବ :**

ଲେଖାରେ ହେଉଥିବା ବନାନ ଭୁଲ୍ ପାଇଁ ଏହାକୁ ଏକ କାରଣ ଭାବରେ ନିଆଯାଇପାରେ। ବିଶେଷତଃ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଲେଖାରେ ହେଉଥିବା ବନାନ ଭୁଲ୍ ପାଇଁ ଉପଯୁକ୍ତ ଶ୍ରୁତଲିଖନ କାର୍ଯ୍ୟକ୍ରମର ଅଭାବ ଏକ ବଡ଼ କାରଣ।

ଆମେ ମନେରଖିବା, ଭାଷା ଶିକ୍ଷା ହେଉଛି ଅଭ୍ୟାସର ଏକ ପରିଣତି। କାମଟିକୁ ବାରମ୍ବାର କଲେ ଆମର ଅଭ୍ୟାସ ଦୃଢ଼ୀଭୂତ ହୁଏ। କାମଟିକୁ ଯେତିକି ନିଷ୍ଠା ଓ ସତର୍କତାର ସହିତ କରାଯିବ, ଅଭ୍ୟାସ ସେତିକି ବଳିଷ୍ଠ ଓ ତ୍ରୁଟିଶୂନ୍ୟ

ହେବ । ମୁଖରୁ ଉଚ୍ଚାରିତ ଧ୍ୱନିକୁ ବାନ୍ଧି ରଖିବା ପାଇଁ ମଣିଷ ଲିପିର ବ୍ୟବହାର କରିବା ଶିଖିଛି । ବାସ୍ତବରେ ଦେଖିବାକୁ ଗଲେ, ଲିପି ହେଉଛି କୌଣସି ନା କୌଣସି ଧ୍ୱନିର ଏକ ସାଙ୍କେତିକ ରୂପ । ବାୟୁରେ ତରଙ୍ଗ ସୃଷ୍ଟି କରୁଥିବା ଧ୍ୱନିର ରେଖାଗତ ରୂପ ହେଉଛି ଲିପି ବା ବର୍ଣ୍ଣ । 'ଗୀତା ଏକ ପବିତ୍ର ଗ୍ରନ୍ଥ' - ଏହା କହିବା ବେଳେ ବାୟୁମଣ୍ଡଳରେ ଯେଉଁ ଧ୍ୱନି ତରଙ୍ଗ ସୃଷ୍ଟି ହୁଏ, ତାହାକୁ ଏହି ଚାରିଗୋଟି ଶବ୍ଦ ବା ୯ଟି ଅକ୍ଷର ମଧ୍ୟରେ ଲିପିବଦ୍ଧ କରାଯାଇଛି । ବିଭିନ୍ନ ଅକ୍ଷରରେ କେତୋଟି ମାତ୍ରା ବା ଫଳା ବ୍ୟବହାର କରାଯାଇଛି । 'ଗୀତା' ଲେଖିବା ବେଳେ 'ଗ'ରେ ହ୍ରସ୍ୱ 'ଇ'କାର ରହିବ ନା ଦୀର୍ଘ 'ଈ' କାର ରହିବ ଏବଂ 'ବି'କୁ କିପରି ଲେଖାଯିବ, 'ତ' ଏବଂ 'ଗ'ରେ କେଉଁ ଫଳା ଲାଗିବ ଏବଂ ତାହା ଅକ୍ଷର ପାଖରେ କିପରି ଲେଖାଯିବ, ସେକଥା ନିର୍ଭର କରେ ଲିଖନର ଅଭ୍ୟାସ ଉପରେ । ଛାତ୍ରଛାତ୍ରୀମାନଙ୍କୁ ଏହି ଅଭ୍ୟାସରେ ଅଭ୍ୟସ୍ତ କରାଇବା ନିମନ୍ତେ ଆଗେ ପ୍ରାଥମିକ ବିଦ୍ୟାଳୟରେ ଶ୍ରୁତଲିଖନର ନିୟମିତ ବ୍ୟବସ୍ଥା ଥିଲା । ଫଳରେ ପିଲାମାନେ ଶବ୍ଦଟିଏ ବା ବାକ୍ୟଟିଏକୁ ପ୍ରଥମେ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କ ମୁହଁରୁ ଶୁଣୁଥିଲେ ଏବଂ ତା'ପରେ ତାକୁ ଖାତାରେ ହେଉ କି ସିଲଟରେ ହେଉ ଲେଖୁଥିଲେ । ଶ୍ରୁତଲିଖନ ପରେ ସେ ଲେଖା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଖରେ ଦାଖଲ କରାଯାଉଥିଲା । ଗୁରୁଜୀ ବା ଗୁରୁମା ପିଲାଙ୍କର ସେହି ଲେଖାକୁ ପଢ଼ି ସେଥିରେ ଥିବା ବନାନଗତ ଅଶୁଦ୍ଧିକୁ ଚିହ୍ନଟ କରୁଥିଲେ ଏବଂ ତା'ର ସଂଶୋଧନ କରୁଥିଲେ । ଏହା ଫଳରେ ପିଲାମାନେ ଅନେକ ଶବ୍ଦର ଶୁଦ୍ଧ ବନାନ ସହିତ ପରିଚିତ ହେଉଥିଲେ । ସମୟେ ସମୟେ ଶୁଦ୍ଧ ବନାନ ପାଇଁ ପାଞ୍ଚଥର ବା ତଦୂର୍ଦ୍ଧ୍ୱଥର ଲେଖିବାକୁ କୁହାଯାଉଥିଲା । ବାରମ୍ବାର ଅଭ୍ୟାସ ଫଳରେ ସେମାନଙ୍କ ଲେଖାରୁ ଅଶୁଦ୍ଧିର ପରିମାଣ ହ୍ରାସ ପାଉଥିଲା ଏବଂ ଲେଖା ତ୍ରୁଟିଶୂନ୍ୟ ହେଉଥିଲା ।

ବିଭିନ୍ନ କାରଣରୁ ଏବେ ଯଦି ଆମ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ଭାବରେ ଶ୍ରୁତଲିଖନ କାର୍ଯ୍ୟ କରାଯାଉନଥିବ ଏବଂ ତା'ର ଉପଯୁକ୍ତ ସଂଶୋଧନ କରାଯାଉନଥିବ, ତା'ହେଲେ ପିଲାମାନଙ୍କ ଲେଖାରେ ବନାନ ଭୁଲ୍‌ର ମାତ୍ରା ବଢ଼ିଯିବା ଅସମ୍ଭବ ନୁହେଁ । କିନ୍ତୁ ନିଷ୍ଠାପର ଭାବରେ ଶ୍ରୁତଲିଖନ କାର୍ଯ୍ୟକ୍ରମ

କରାଗଲେ ବର୍ଣ୍ଣାଶୁଦ୍ଧି ନିଶ୍ଚୟ କମିବ। ପୂର୍ବେ ଏହି ଶ୍ରୁତଲିଖନର ଅଭ୍ୟାସ ଯୋଗୁଁ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶୁଶ୍ରୂଷା, ଆକାଂକ୍ଷା, ମୂଷିକ, ସିନ୍ଦୂର, ମୁହୂର୍ତ୍ତ, ପ୍ରତିଯୋଗିତା, ପ୍ରତିଶ୍ରୁତି, ଦ୍ରୁତଗାମୀ ପ୍ରଭୃତି ଶବ୍ଦକୁ ନିର୍ଭୁଲ୍ ଭାବରେ ଲେଖିପାରୁଥିଲେ। ଏବକୁ ଗଠନାନୁସାରୀ ଭାଷା ଶିକ୍ଷା ଦିଆଯାଉଥିଲେ ମଧ୍ୟ ଶ୍ରୁତଲିଖନ ବା ଅନୁରୂପ ବ୍ୟବସ୍ଥା ଉଠି ଯାଇନାହିଁ। କିନ୍ତୁ ସମ୍ଭବତଃ ଶିକ୍ଷକମାନେ ଲିଖନ ଉପରେ ଗୁରୁତ୍ୱ ଦେଉ ନାହାନ୍ତି।

**ଉପଯୁକ୍ତ ବ୍ୟାକରଣ ଜ୍ଞାନର ଅଭାବ :**

ଆମ ଲେଖାରେ ଯେତେ ବନାନ ଭୁଲ୍ ହୁଏ, ତାହାର ବହୁଭାଗ ବ୍ୟାକରଣ ଜ୍ଞାନର ଅଭାବ ଯୋଗୁଁ ହୋଇଥାଏ। ଶବ୍ଦଟିର ବନାନ କିପରି ହେବ, ଶବ୍ଦ ମଧ୍ୟରେ କେଉଁଠାରେ `ଶ', `ଷ' ବା `ସ' ରହିବ, କେଉଁ ସ୍ଥାନରେ `ଜ' ବା `ଯ' ରହିବ, ହ୍ରସ୍ୱ/ଦୀର୍ଘ ମଧ୍ୟରୁ କେଉଁ `ଇ'କାର ବା `ଉ'କାର ରହିବ ଇତ୍ୟାଦି ନାନା କଥା ବ୍ୟାକରଣର ନିୟମ ଅନୁସାରେ ନିର୍ଦ୍ଧାରିତ ହୋଇଥାଏ। ବ୍ୟାକରଣ ସମ୍ପର୍କରେ ଉପଯୁକ୍ତ ଜ୍ଞାନର ଅଭାବ ଥିଲେ ଲେଖିବା ବେଳେ ବନାନ ଭୁଲ୍‌ର ସମ୍ଭାବନା ବଢ଼ିଯାଏ।

ବ୍ୟାକରଣ ସମ୍ବନ୍ଧୀୟ ଏହି ନିୟମକୁ ବିଭିନ୍ନ ବିଭାଗର ଅନ୍ତର୍ଗତ କରି ଆମେ ଏଠାରେ ଆଲୋଚନା କରିବା। ବ୍ୟାକରଣର ଏହି ବିଭାଗଗୁଡ଼ିକ ହେଉଛି ସନ୍ଧି ସମ୍ପର୍କୀୟ, ବିଶେଷ୍ୟ/ବିଶେଷଣ ପଦ ସମ୍ପର୍କୀୟ, କୃଦନ୍ତ ସମ୍ପର୍କୀୟ, ତଦ୍ଧିତ ସମ୍ପର୍କୀୟ, ସମାସ ସମ୍ପର୍କୀୟ, ଣତ୍ୱବିଧି ଓ ଷତ୍ୱବିଧି ଇତ୍ୟାଦି ସମ୍ପର୍କୀୟ।

**(କ) ସନ୍ଧି ସମ୍ପର୍କୀୟ ଜ୍ଞାନର ଅଭାବ ଯୋଗୁଁ ହେଉଥିବା ବନାନ ଭୁଲ୍ :**

ଅନେକ ଲୋକ `ଗଣେଶ'କୁ `ଗଣେଷ' ଭାବରେ ଏବଂ `ରବୀନ୍ଦ୍ର'କୁ ରବିନ୍ଦ୍ର ଭାବରେ ଲେଖିବାର ଦେଖାଯାଏ। `ଗଣେଶ' ଶବ୍ଦକୁ ସନ୍ଧି ବିଚ୍ଛେଦ କଲେ ହେବ ଗଣ + ଈଶ, `ଈଶ' ଶବ୍ଦର ଅର୍ଥ ପ୍ରଭୁ ବା ସ୍ୱାମୀ। ଶବ୍ଦଟିରେ ଅଛି ତାଲବ୍ୟ `ଶ'। `ଗଣ' ଶବ୍ଦ ସହିତ `ଈଶ' ଶବ୍ଦର ସନ୍ଧି ହେଲେ ନୂଆ ଶବ୍ଦଟି ହେବ `ଗଣେଶ'। ତେଣୁ ଏଠାରେ `ଶ'ଟି `ଷ'ରେ ପରିଣତ ହେବାର ସମ୍ଭାବନା ନାହିଁ। ଶବ୍ଦଟିକୁ `ଗଣେଷ' ଭାବରେ ଲେଖିବା ଅଶୁଦ୍ଧ।

ସେହିପରି ରବୀନ୍ଦ୍ର ଶବ୍ଦଟିକୁ ଦେଖାଯାଉ । `ରବି` ଏବଂ `ଇନ୍ଦ୍ର`ଏ ଦୁଇ ଶବ୍ଦର ସନ୍ଧି ହେବା ଫଳରେ ନୂଆ ଶବ୍ଦଟି ହୁଏ `ରବୀନ୍ଦ୍ର` । `ରବି`ର ଶେଷ ଧ୍ୱନି `ଇ` ଏବଂ `ଇନ୍ଦ୍ର`ର ପ୍ରଥମ ଧ୍ୱନି `ଇ` ପରସ୍ପର ସଂଯୁକ୍ତ ହେବା ଫଳରେ ଇ + ଇ = ଈ ହେବ । ତେଣୁ `ରବି` ଶବ୍ଦରେ `ଇନ୍ଦ୍ର` ଶବ୍ଦର ସନ୍ଧି ହେବା ଫଳରେ ନୂଆଶବ୍ଦଟିର ଲିଖିତରୂପ ହେବ `ରବୀନ୍ଦ୍ର` । ଶବ୍ଦଟିକୁ `ରବିନ୍ଦ୍ର` ଭାବରେ ଲେଖିବା ସନ୍ଧିଗତ ଜ୍ଞାନର ଅଭାବ ଯୋଗୁଁ ହୋଇଥାଏ ।

ଏହି ଶ୍ରେଣୀର ଆଉ କେତୋଟି ଉଦାହରଣ ଦେଖିବା । ଲୋକେ ଲେଖନ୍ତି ତଦ୍ୱାରା, ଯଦ୍ୱାରା, ଏତଦ୍ୱାରା । ଏଗୁଡ଼ିକ ସନ୍ଧିଗତ ଅଶୁଦ୍ଧି । ତତ୍ + ଦ୍ୱାରା = ତଦ୍ଦ୍ୱାରା ; ଯତ୍ + ଦ୍ୱାରା = ଯଦ୍ଦ୍ୱାରା, ଏତତ୍ + ଦ୍ୱାରା = ଏତଦ୍ଦ୍ୱାରା । ସନ୍ଧିର ନିୟମ ଅନୁସାରେ ଏସବୁ କ୍ଷେତ୍ରରେ `ଦ`ର ଦ୍ୱିତ୍ୱ (ଦ୍ଦ) ହୋଇଅଛି । ଦୁଇଟି `ଦ` ନଲେଖି ଗୋଟିଏ `ଦ` ଲେଖିଲେ ବନାନ ଭୁଲ୍ ହେବ ।

ସେହିପରି ଗୋଟିଏ ଶବ୍ଦ ହେଉଛି `ଦୁରବସ୍ଥା` । ସନ୍ଧିବିଚ୍ଛେଦ କଲେ ଏହା ହେବ ଦୁଃ + ଅବସ୍ଥା, ଅର୍ଥାତ୍ ଖରାପ ଅବସ୍ଥା । ସନ୍ଧିର ନିୟମ ଅନୁସାରେ `ବିସର୍ଗ` ଲୋପ ହୋଇ ତା` ସ୍ଥାନରେ `ର୍`ହୁଏ ଏବଂ ଦ୍ୱିତୀୟ ଶବ୍ଦର ପ୍ରଥମ ବର୍ଣ୍ଣ ଲୋପ ହୁଏ । ତେଣୁ ଦୁଃ + ଅବସ୍ଥା, ସନ୍ଧି ହୋଇ ହୁଏ `ଦୁରବସ୍ଥା` । `ର` ସ୍ଥାନରେ `ରା` ହେବାର କୌଣସି ନିୟମ ନାହିଁ । ଶବ୍ଦଟିକୁ `ଦୁରାବସ୍ଥା` ଭାବରେ ଲେଖି କେତେକ ଲୋକ ବନାନ ଭୁଲ୍ କରିବସନ୍ତି । ଏହି ଭଳି ଅନ୍ୟ ଶବ୍ଦଟିଏ ହେଉଛି `ଦିଗମ୍ବର` । `ଦିକ୍` ଓ `ଅମ୍ବର` ଶବ୍ଦ ଦୁଇଟିର ସନ୍ଧି ହୋଇ ନୂଆ ଶବ୍ଦଟି ହେଉଛି `ଦିଗମ୍ବର` । ଏଠାରେ `ଗ`କୁ `ଗା` କରି `ଦିଗାମ୍ବର` ବୋଲି ଲେଖିବା ଏକ ଅଶୁଦ୍ଧି ।

ଏହି ପର୍ଯ୍ୟାୟରେ `ଯାତାୟାତ` ଶବ୍ଦଟିର କଥା ବିଚାର କରିବା । ଅନେକ ଏହି ଶବ୍ଦଟିକୁ ଅଶୁଦ୍ଧ ଭାବରେ `ଯାତାୟତ` ବୋଲି ଲେଖନ୍ତି । `ଯାତ` (ଯାଇଥିବା) ଏବଂ `ଆୟାତ` (ଆସିଥିବା) ଶବ୍ଦଦୁଇଟିର ସନ୍ଧି ହେଲେ ହୁଏ `ଯାତାୟାତ` (ଅର୍ଥାତ୍ `ଅ` + `ଆ`=ଆ) । ପ୍ରଥମ ତିନୋଟିଯାକ ଅକ୍ଷରରେ ଆକାର ରହୁଛି । ତାକୁ `ଯାତାୟାତ` ଭାବରେ ନଲେଖି `ଯାତାୟତ` ଲେଖିବା ଦ୍ୱାରା ବର୍ଣ୍ଣାଶୁଦ୍ଧି ହୁଏ । ଏହା ହେଉଛି ସନ୍ଧି ସମ୍ପର୍କୀୟ ଏକ ଅଶୁଦ୍ଧି ।

## (ଖ) ବିଶେଷ୍ୟ / ବିଶେଷଣ ପଦ ସମ୍ପର୍କୀୟ ଅଶୁଦ୍ଧି :

ଶବ୍ଦଟିଏ ବିଶେଷଣ ପଦ ଭାବରେ ବ୍ୟବହୃତ ହୋଇଥିବା ବେଳେ ତା'ର ଯେପରି ବନାନ ଥାଏ, ସେହି ଶବ୍ଦଟି ବିଶେଷ୍ୟ ପଦ ଭାବରେ ପ୍ରଯୁକ୍ତ ହେଲେ ତା'ର ବନାନରେ କିଛି ପରିବର୍ତ୍ତନ ହୁଏ। ଏହି ବିଷୟରେ ଅବଗତ ନଥାଇ ଲେଖିଲେ ଶବ୍ଦର ବନାନ ଭୁଲ୍ ହୁଏ। କେତୋଟି ଉଦାହରଣରୁ କଥାଟି ସ୍ପଷ୍ଟ ହେବ।

ଯିଏ ପ୍ରତିଯୋଗିତାରେ ଭାଗ ନିଏ ସେ 'ପ୍ରତିଯୋଗୀ'। 'ପ୍ରତିଯୋଗୀ' ହେଉଛି ବିଶେଷଣ ପଦ। ବିଶେଷ୍ୟରେ ରୂପାନ୍ତରିତ ହେଲେ ଶବ୍ଦଟି ହେବ 'ପ୍ରତିଯୋଗିତା'। ବିଶେଷଣ ପଦ ଭାବରେ 'ଗ'ରେ ଦୀର୍ଘ-ଇକାର ଲାଗେ। ଅଥଚ 'ତା' ପ୍ରତ୍ୟୟ ଯୋଗରେ ଏହାକୁ ବିଶେଷ୍ୟରେ ପରିବର୍ତ୍ତନ କଲେ 'ଗ'ର ଦୀର୍ଘ-ଇକାର ବଦଳି ଯାଇ ହ୍ରସ୍ୱ-ଇକାର ହୁଏ। ତେଣୁ ଆମେ ମନେ ରଖିବା - ବିଶେଷଣ ପଦରେ 'ପ୍ରତିଯୋଗୀ', ଅଥଚ ବିଶେଷ୍ୟ ପଦରେ 'ପ୍ରତିଯୋଗିତା'। ନିମ୍ନ ଉଦାହରଣଗୁଡ଼ିକରେ ଶବ୍ଦଗୁଡ଼ିକର ଶୁଦ୍ଧ ରୂପକୁ ଲକ୍ଷ୍ୟ କରନ୍ତୁ ଏବଂ ମନେରଖନ୍ତୁ -

| **ବିଶେଷଣ** | **ବିଶେଷ୍ୟ** |
|---|---|
| ସହଯୋଗୀ | ସହଯୋଗିତା |
| ପ୍ରତିଦ୍ୱନ୍ଦ୍ୱୀ | ପ୍ରତିଦ୍ୱନ୍ଦ୍ୱିତା |
| ସହଭାଗୀ | ସହଭାଗିତା |

'ତା' ପ୍ରତ୍ୟୟ ଯୋଗରେ ବିଶେଷଣକୁ ବିଶେଷ୍ୟରେ ପରିଣତ କରାଯିବା ପରି 'ଯ' ପ୍ରତ୍ୟୟ ଯୋଗରେ ମଧ୍ୟ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କରାଯାଇଥାଏ। ଏ ସମ୍ପର୍କୀୟ କେତେକ ଉଦାହରଣକୁ ଲକ୍ଷ୍ୟ କରନ୍ତୁ -

| **ବିଶେଷଣ** | **ବିଶେଷ୍ୟ ('ତା' ପ୍ରତ୍ୟୟ ଯୋଗରେ)** | **ବିଶେଷ୍ୟ ('ଯ' ପ୍ରତ୍ୟୟ ଯୋଗରେ)** |
|---|---|---|
| ସରଳ | ସରଳତା | ସାରଲ୍ୟ |
| ସରସ | ସରସତା | -- |
| ତରଳ | ତରଳତା | ତାରଲ୍ୟ |

| | | |
|---|---|---|
| ମଧୁର | ମଧୁରତା | ମାଧୁର୍ଯ୍ୟ |
| ଦରିଦ୍ର | ଦରିଦ୍ରତା | ଦାରିଦ୍ର୍ୟ |
| ସୁଜନ | ସୁଜନତା | ସୌଜନ୍ୟ |
| ମଳିନ | ମଳିନତା | ମାଳିନ୍ୟ |
| ଉଜ୍ଜ୍ୱଳ | ଉଜ୍ଜ୍ୱଳତା | ଔଜ୍ଜ୍ୱଲ୍ୟ |
| ଉଦାର | ଉଦାରତା | ଔଦାର୍ଯ୍ୟ |
| ପ୍ରଧାନ | ପ୍ରଧାନତା | ପ୍ରାଧାନ୍ୟ |
| ପୁରୋହିତ | -- | ପୌରୋହିତ୍ୟ |

ଏଠାରେ ମନେରଖିବାକୁ ହେବ ଯେ ବିଶେଷଣ ପଦକୁ `ତା` ପ୍ରତ୍ୟୟ/ ଯୋଗରେ ଅଥବା `ଯ` ପ୍ରତ୍ୟୟ ଯୋଗରେ ବିଶେଷ୍ୟରେ ପରିଣତି କରାଯାଇପାରେ । (ସେହିପରି `ତ୍ୱ` ପ୍ରତ୍ୟୟ ଓ ଅନ୍ୟାନ୍ୟ ପ୍ରତ୍ୟୟ ଯୋଗରେ ମଧ୍ୟ ପଦପରିବର୍ତ୍ତନ କରାଯାଏ; ଯାହାକି ପ୍ରସଙ୍ଗକ୍ରମେ ଆଲୋଚନା କରାଯିବ, ଯେପରି ସରଳ (ବିଂ) - ସରଳତ୍ୱ (ବି) ।) ଥରେ `ଯ` ପ୍ରତ୍ୟୟ ଯୋଗରେ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କରିବା ପରେ ତହିଁରେ ଆଉଥରେ `ତା` ପ୍ରତ୍ୟୟ ଯୋଗ କରିବାର ଆବଶ୍ୟକତା ନଥାଏ । ସେପରି **କଲେ** ଶବ୍ଦଟିର ଅଶୁଦ୍ଧ ରୂପଟି ହିଁ ମିଳିବ । ତେଣୁ ସାରଲ୍ୟତା, ମାଧୁର୍ଯ୍ୟତା, ତାରଲ୍ୟତା, ଦାରିଦ୍ର୍ୟତା, ସୌଜନ୍ୟତା, ପ୍ରାଧାନ୍ୟତା ଇତ୍ୟାଦି ଲେଖିବା ନାହିଁ । କାରଣ ଏଗୁଡ଼ିକ ଅଶୁଦ୍ଧ ।

`ତ୍ୱ` ପ୍ରତ୍ୟୟ ଯୋଗକରି ବିଶେଷଣ ପଦକୁ ବିଶେଷ୍ୟ ପଦରେ ପରିବର୍ତ୍ତନ କରାଯାଇଥାଏ । ଏ ସମ୍ପର୍କୀୟ ବିଧାନ ସମ୍ପର୍କରେ ଅବଗତ ନରହିଲେ ଲେଖିବା ବେଳେ ବନାନ ଅଶୁଦ୍ଧିର ସମ୍ଭାବନା ବଢ଼ିଯାଏ । ତଳ ଲିଖିତ ଉଦାହରଣଗୁଡ଼ିକୁ ମନଦେଇ ଲକ୍ଷ୍ୟ କରନ୍ତୁ ।

| **ବିଶେଷଣ** | **ବିଶେଷ୍ୟ** |
|---|---|
| ମହତ୍ | ମହତ୍ତ୍ୱ |
| ଗୁରୁ | ଗୁରୁତ୍ୱ |
| କ୍ଷୁଦ୍ର | କ୍ଷୁଦ୍ରତ୍ୱ |

| | |
|---|---|
| ଲଘୁ | ଲଘୁତ୍ୱ |
| ଦାୟୀ | ଦାୟିତ୍ୱ |
| ସ୍ଥାୟୀ | ସ୍ଥାୟିତ୍ୱ |

ଲକ୍ଷ୍ୟ କରିବାର କଥା, `ମହତ୍` ଶବ୍ଦରେ `ତ୍ୱ` ପ୍ରତ୍ୟୟ ଲାଗିବା ଫଳରେ `ତ`ରେ `ତ` ମିଶି `ତ`ର ଦ୍ୱିତ୍ୱ ହୋଇଛି; ତେଣୁ ଶବ୍ଦଟି ହୋଇଛି `ମହତ୍ତ୍ୱ`। ଏହାକୁ `ମହତ୍ୱ` ଭାବରେ ଲେଖିବା ଏକ ଅଶୁଦ୍ଧି। କିନ୍ତୁ `ଗୁରୁତ୍ୱ` ଶବ୍ଦରେ `ତ` ଗୋଟିଏ। ଏହାର କାରଣ ହେଲା `ଗୁରୁ` ଶବ୍ଦରେ `ତ` ନାହିଁ। ତେଣୁ `ତ୍ୱ` ଯୋଗରେ କେବଳ ଗୋଟିଏ `ତ` ରହି ଶବ୍ଦଟି ହୋଇଛି `ଗୁରୁତ୍ୱ`। `କ୍ଷୁଦ୍ରତ୍ୱ`, `ଲଘୁତ୍ୱ` କ୍ଷେତ୍ରରେ ସେହି ଏକା ନିୟମ। ଆପଣ ପାର୍ଥକ୍ୟ ଲକ୍ଷ୍ୟ କରୁଥିବେ `ଦାୟିତ୍ୱ` ଓ `ସ୍ଥାୟିତ୍ୱ` ଶବ୍ଦ କ୍ଷେତ୍ରରେ। ବିଶେଷଣ ପଦରେ ଥିବା ବେଳେ `ଦାୟୀ` ଓ `ସ୍ଥାୟୀ`ରେ ରହିଛି ଦୀର୍ଘ ଈକାର। କିନ୍ତୁ `ତ୍ୱ` ପ୍ରତ୍ୟୟ ଯୋଗକରି ସେମାନଙ୍କୁ ବିଶେଷ୍ୟରେ ପରିଣତ କରିବା ବେଳେ ଦୀର୍ଘ ଈ-କାର ବଦଳରେ ସେଠାରେ ହ୍ରସ୍ୱ-ଇକାର ଲାଗିଛି। ତେଣୁ ସେ ଶବ୍ଦଦ୍ୱୟର ଶୁଦ୍ଧରୂପ ହେଉଛି `ଦାୟିତ୍ୱ` ଓ `ସ୍ଥାୟିତ୍ୱ`। `ତା` ପ୍ରତ୍ୟୟ ଯୋଗରେ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କରିବା ପ୍ରସଙ୍ଗ ଆଲୋଚନା କଲାବେଳେ ଏ ସମ୍ପର୍କୀୟ କେତେକ ଉଦାହରଣ ଦିଆଯାଇଥିବା ଆପଣ ଲକ୍ଷ୍ୟ କରିଥିବେ।

ଲେଖିବା ବେଳେ କେହିକେହି ଲେଖନ୍ତି - `ସେ ସଂକ୍ଷିପ୍ତରେ ତାଙ୍କ ଭାଷଣ ଶେଷ କଲେ`। ଏହି ବାକ୍ୟରେ ଥିବା `ସଂକ୍ଷିପ୍ତରେ` ଏକ ଅଶୁଦ୍ଧ ପ୍ରୟୋଗ ; କାରଣ `ସଂକ୍ଷିପ୍ତ` ହେଉଛି ବିଶେଷଣ ପଦ। ଏହାର ବିଶେଷ୍ୟ ପଦ ହେଲା `ସଂକ୍ଷେପ`। ବିଶେଷଣ ପଦରେ ବିଭକ୍ତି ଲଗାଇବା ଏକ ବ୍ୟାକରଣଗତ ଅଶୁଦ୍ଧି। ତେଣୁ `ସଂକ୍ଷିପ୍ତରେ` ବଦଳରେ `ସଂକ୍ଷେପରେ` ଲେଖାଯିବା ଉଚିତ। କାରଣ ତାହା ହେଉଛି ଶୁଦ୍ଧ ପ୍ରୟୋଗ।

ଏହି କ୍ରମରେ ଅନ୍ୟ ଏକ ଶବ୍ଦର ଉଦାହରଣ ଦେଖିବା। ଶବ୍ଦଟି ହେଉଛି `ଉଜ୍ଜ୍ୱଳମୟ`। କେତେକ ଲେଖନ୍ତି, `ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ`। ଏହି ବାକ୍ୟରେ `ଉଜ୍ଜ୍ୱଳମୟ` ଶବ୍ଦଟି ଏକ ଅଶୁଦ୍ଧ ପ୍ରୟୋଗ ; କାରଣ `ଉଜ୍ଜ୍ୱଳ`

ହେଉଛି ବିଶେଷଣ ପଦ। ବିଶେଷଣ ପଦ କ୍ଷେତ୍ରରେ 'ମୟ୍' ପ୍ରତ୍ୟୟ୍ ଯୋଗକରି ତାକୁ ବିଶେଷଣର ରୂପ ଦେବା ଅଶୁଦ୍ଧ। 'ମୟ୍' ପ୍ରତ୍ୟୟଟି ବିଶେଷ୍ୟ ପଦରେ ଲାଗେ, ବିଶେଷଣ ପଦରେ ନୁହେଁ। ସେହି ଦୃଷ୍ଟିରୁ ବାକ୍ୟଟିର ଶୁଦ୍ଧ ରୂପ ହେବ- 'ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ' କିମ୍ବା 'ତାଙ୍କର ଭବିଷ୍ୟତ ଔଜ୍ଜ୍ୱଲ୍ୟମୟ୍'।

**(ଗ) କୃଦନ୍ତ ସଂପର୍କୀୟ୍ ଅଶୁଦ୍ଧି :**

କ୍ରିୟା ପଦରେ ପ୍ରତ୍ୟୟ୍ ଯୋଗକରି ଗଢ଼ାଯାଉଥିବା ଶବ୍ଦକୁ କୃଦନ୍ତ ଶବ୍ଦ କହନ୍ତି। କୃଦନ୍ତ ଅନ୍ତର୍ଗତ ପ୍ରତ୍ୟୟଗୁଡ଼ିକ ସମ୍ପର୍କରେ ଅବଗତ ନହେଲେ ଶବ୍ଦର ବନାନ କ୍ଷେତ୍ରରେ ଆମେ ଭୁଲ୍ କରିବସୁ। କେତୋଟି ଉଦାହରଣ ଦେଖିବା। କର୍, ସହ୍, ରହ୍, ଲୋଟ୍, ଖଟ୍ କ୍ରିୟାରେ 'ଅଣି' ପ୍ରତ୍ୟୟ୍ ଯୋଗକରି ଆମେ ଯଥାକ୍ରମେ କରଣି, ସହଣି, ରହଣି, ଲୋଟଣି, ଖଟଣି ପ୍ରଭୃତି ଶବ୍ଦ ଗଠନ କରୁ। ଏହି ଶବ୍ଦଗୁଡ଼ିକରେ ହ୍ରସ୍ୱ-ଇକାର ହିଁ ରହିଛି। ଏହାର କାରଣ ହେଲା, ମୂଳ 'ଅଣି' ପ୍ରତ୍ୟୟରେ ରହିଛି ହ୍ରସ୍ୱ-ଇକାର। ତେଣୁ ଏସବୁ ଶବ୍ଦରେ ଦୀର୍ଘ-ଈକାର ଲଗାଇବା ଅଶୁଦ୍ଧ।

ସେହିପରି 'ଆଣି' ପ୍ରତ୍ୟୟଯୁକ୍ତ କେତେକ ଶବ୍ଦର ଶୁଦ୍ଧ ରୂପ ହେଲା ଚାହାଣି, ଭସାଣି, ଉଠାଣି, ଗଢ଼ାଣି, ଶୁଣାଣି। 'ଉଣି' ପ୍ରତ୍ୟୟ୍ ଲାଗିଥିବା କେତୋଟି ଶବ୍ଦ ହେଲା ମାଗୁଣି, ମାପୁଣି, ରାନ୍ଧୁଣି। ଏସବୁ ଶବ୍ଦରେ ଦୀର୍ଘ-ଈକାର ଲାଗେ ନାହିଁ।

ଏବେ ଦେଖିବା 'ଆଳି' ପ୍ରତ୍ୟୟ୍ ବିଷୟରେ। 'ଖେଳାଳି' ଶବ୍ଦଟିକୁ ବହୁଲୋକ 'ଖେଳାଳୀ' ବୋଲି ଲେଖନ୍ତି। ସମ୍ବାଦପତ୍ରରେ ଅନେକ ସ୍ଥାନରେ ଏହା 'ଖେଳାଳୀ' ରୂପରେ ଛାପା ଯାଇଥାଏ। ଏହା ଅଶୁଦ୍ଧ ; କାରଣ 'ଖେଳ୍' କ୍ରିୟାରେ 'ଆଳି' ପ୍ରତ୍ୟୟ୍ ଯୋଗ କରାଯାଇ 'ଖେଳାଳି' ଶବ୍ଦଟି ଗଢ଼ାଯାଇଛି। 'ଆଳି' ପ୍ରତ୍ୟୟରେ ତ ଈ-କାର ନାହିଁ, ତେଣୁ ଶବ୍ଦଟିକୁ 'ଖେଳାଳୀ' ବୋଲି ଲେଖିବା କାହିଁକି ? ଏହା ଏକ ଅଶୁଦ୍ଧ ପ୍ରୟୋଗ। 'ଆଳି' ପ୍ରତ୍ୟୟ୍ ଯୋଗରେ ଗଠିତ ଆଉ କେତେକ ଶବ୍ଦର ଶୁଦ୍ଧ ରୂପ ହେଲା ଦେଖାଳି, ରଖାଳି, ବୁଣାଳି, ବୁଡ଼ାଳି, ଚଢ଼ାଳି, ବିକାଳି, ଜଗାଳି, ବଟ୍ଟାଳି, କଟାଳି ଇତ୍ୟାଦି। କୌଣସି ଶବ୍ଦରେ ଈ-କାର ରହିବ ନାହିଁ।

ଏବେ ଦେଖିବା `ଅନୀୟ୍` ପ୍ରତ୍ୟୟ୍ ଯୋଗରେ ଗଠିତ କେତେକ କୃଦନ୍ତ ଶବ୍ଦ। ସେଗୁଡ଼ିକ ହେଲା, ଦର୍ଶନୀୟ୍ (ଦୃଶ୍ + ଅନୀୟ୍), ଗ୍ରହଣୀୟ୍ (ଗ୍ରହ୍ + ଅନୀୟ୍), କରଣୀୟ୍ (କୃ + ଅନୀୟ୍), ରମଣୀୟ୍ (ରମ୍ + ଅନୀୟ୍), ସ୍ମରଣୀୟ୍ (ସ୍ମୃ + ଅନୀୟ୍), ସ୍ଥାନୀୟ୍ (ସ୍ଥା + ଅନୀୟ୍) ଇତ୍ୟାଦି। ଉଦାହରଣରେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦରେ ଈ-କାର ଅଛି। ଏହାର କାରଣ ହେଲା, ଏଗୁଡ଼ିକ `ଅନୀୟ୍` ପ୍ରତ୍ୟୟ୍ ଯୋଗରେ ଗଠିତ ହୋଇଛନ୍ତି। ମୂଳ `ଅନୀୟ୍` ପ୍ରତ୍ୟୟ୍ରେ ଈ-କାର ଥିବା ଯୋଗୁଁ ଗଠିତ ଶବ୍ଦଗୁଡ଼ିକରେ ଈ-କାର ରହିଛି।

**(ଘ) ତଦ୍ଧିତ ସଂପର୍କୀୟ୍ ଅଶୁଦ୍ଧି :**

କୃଦନ୍ତ ପରି ତଦ୍ଧିତ ହେଉଛି ବ୍ୟାକରଣ ଅନ୍ତର୍ଗତ ଅନ୍ୟ ଏକ ପ୍ରସଙ୍ଗ। ଶବ୍ଦରେ ପ୍ରତ୍ୟୟ୍ ଯୋଗକରି ଯେଉଁ ନୂଆ ଶବ୍ଦଟି ଗଠିତ ହୁଏ ତାହାକୁ ତଦ୍ଧିତ ଶବ୍ଦ କୁହାଯାଏ। ଏହି ରୀତିରେ ଗଢ଼ାଯାଉଥିବା ଶବ୍ଦର ନିୟମ ବିଷୟ୍ରେ ଅବଗତ ନରହିଲେ ଲେଖିଲାବେଳେ ଭୁଲ୍ ହୋଇଯାଏ। ସେହି ସଂପର୍କରେ ଏବେ କିଛି ଆଲୋଚନା କରିବା।

ଅନେକ ଲେଖନ୍ତି `ବରଫାବୃତ୍ତ`, `ରହସ୍ୟାବୃତ୍ତ` ପ୍ରଭୃତି, ଏହା ଅଶୁଦ୍ଧ। ଏଠାରେ `ତ`ର ଦ୍ୱିତ୍ୱ ନହୋଇ ଗୋଟିଏ `ତ` ରହିବ। ବରଫରେ ଯାହା ଆଚ୍ଛାଦିତ ତାହା `ବରଫାବୃତ`। ରହସ୍ୟରେ ଯାହା ପରିପୂର୍ଣ୍ଣ ତାହା ରହସ୍ୟାବୃତ। `ଆବୃତ` ଶବ୍ଦର ଗଠନ ପ୍ରତି ଆମେ ଏଠି ନଜର ଦେବା। `ଆ`ଉପସର୍ଗ `ବୃ` ଧାତୁରେ `ତ` ପ୍ରତ୍ୟୟ୍ ଯୋଗ ହୋଇ `ଆବୃତ` ଶବ୍ଦଟି ଗଠିତ। ଏହା ବିଶେଷଣ ପଦ ଏବଂ ଏହାର ଅର୍ଥ ହେଉଛି ଆଚ୍ଛାଦିତ, ବେଷ୍ଟିତ। ତେଣୁ ଏ କ୍ଷେତ୍ରରେ ଗୋଟିଏ `ତ` ଲେଖାଯିବ। `ଆବୃତ୍ତ` ବୋଲି ମଧ୍ୟ ଏକ ଶବ୍ଦ ଅଛି ; ତାହା ବିଶେଷଣ ପଦ, ଯାହାର ଅର୍ଥ ହେଉଛି ପୁନଃପୁନଃ ଅଭ୍ୟସ୍ତ। ଯାହାକୁ ଆବୃତ୍ତି (ବି. ପୁନଃପୁନଃ ଅଭ୍ୟାସ) କରାଯାଇଥାଏ, ତାହାକୁ `ଆବୃତ୍ତ` ବୋଲି କୁହାଯାଏ। କିନ୍ତୁ `ବରଫାବୃତ` ବା `ରହସ୍ୟାବୃତ` କ୍ଷେତ୍ରରେ ଆବୃତ୍ତିର କଥା ନାହିଁ, ଏଠାରେ ଅଛି ଆଚ୍ଛାଦନ ବା ଆବରଣର କଥା। ତେଣୁ ଏ ଦୁଇ ଶବ୍ଦକ୍ଷେତ୍ରରେ ଗୋଟିଏ `ତ` ରହିବା ଯଥାର୍ଥ।

ସେହିପରି ବହୁ ଲୋକ ଭୁଲ୍ ଭାବରେ ଲେଖୁଥିବା ଶବ୍ଦଟିଏ ହେଉଛି `ସମ୍ମାନନୀୟ୍' । ଏହାକୁ `ସମ୍ମାନୀୟ୍' ବୋଲି ଅନେକ କହନ୍ତି ଓ ଲେଖନ୍ତି । ଏହା ଅଶୁଦ୍ଧ । ଏଠାରେ ମୂଳ ଶବ୍ଦଟି ହେଉଛି `ସମ୍ମାନ' ; ତହିଁରେ `ଅନୀୟ୍' ପ୍ରତ୍ୟୟ୍ ଯୋଗ କରାଯାଇଛି । ତେଣୁ ନୂଆ ଶବ୍ଦଟି ହେବ `ସମ୍ମାନନୀୟ୍' । ମଝି `ନ'ଟିକୁ ଛାଡ଼ିଯାଇ `ସମ୍ମାନୀୟ୍' ବୋଲି ଲେଖିବା ଅଶୁଦ୍ଧ ।

ବ୍ୟାକରଣର ତଦ୍ଧିତ ଅନ୍ତର୍ଗତ `ଇକ' ପ୍ରତ୍ୟୟ୍ ଯୋଗରେ ଗଠିତ ହେଉଥିବା କେତେକ ଶବ୍ଦ କ୍ଷେତ୍ରରେ କିଛି ଲୋକ ବନାନ ଭୁଲ୍ କରିବାର ଦେଖାଯାଏ । ସେହିପରି କେତେକ ଶବ୍ଦ ହେଉଛି `ଶାରୀରିକ', `ସାମାନ୍ତରିକ', `ଭୌଗୋଳିକ', `ବ୍ୟାବହାରିକ' ଇତ୍ୟାଦି । ଇକ ପ୍ରତ୍ୟୟ୍ ଯୋଗ ହେଲେ ଶବ୍ଦଟିର ପ୍ରଥମ ଧ୍ୱନି ଦୀର୍ଘ ହୁଏ । ଯଥା, `ଅ' ସ୍ଥାନରେ ହୁଏ `ଆ' ; ଇ/ଈ ସ୍ଥାନରେ ହୁଏ `ଐ' ; ଉ ବା ଊ ସ୍ଥାନରେ ହୁଏ `ଔ' ଇତ୍ୟାଦି । ଏହି ନିୟମ ଅନୁସାରେ `ଶରୀର' ଶବ୍ଦରେ `ଇକ' ପ୍ରତ୍ୟୟ୍ ଲାଗିଲେ `ଶ' `ଶା' ହୁଏ । `ଶରୀର' ଶବ୍ଦର ମଝି ଅକ୍ଷରରେ ଦୀର୍ଘ `ଈ'କାର ଥିବାରୁ ତାହା ଅପରିବର୍ତ୍ତିତ ରହେ ଏବଂ `ଇକ' ପ୍ରତ୍ୟୟ୍ ଲାଗିବାରୁ ଶବ୍ଦଟି ହୁଏ ଶାରୀରିକ (ଶରୀର + ଇକ = ଶାରୀରିକ) । ନିୟମ ସଂପର୍କରେ ଅବଗତ ନଥିଲେ ଦୀର୍ଘ `ଈ'କାରଟି କେଉଁଠି ଲାଗିବ, ସେକଥା ଲେଖିବା ଲୋକ ଜାଣିପାରନ୍ତି ନାହିଁ। ତେଣୁ ଅଶୁଦ୍ଧ ଭାବରେ ଲେଖିପକାନ୍ତି `ଶାରିରିକ' ଅଥବା `ଶାରିରୀକ' ।

`ଇକ' ପ୍ରତ୍ୟୟ୍ ଯୋଗରେ ଗଠିତ କେତୋଟି ଶୁଦ୍ଧ ଶବ୍ଦର ଉଦାହରଣ ଦେଖନ୍ତୁ ।

ଶରୀର + ଇକ = ଶାରୀରିକ (ଅ > ଆ)

ସମ୍ବାଦ + ଇକ = ସାମ୍ବାଦିକ (ଅ > ଆ)

ସମାନ୍ତର + ଇକ = ସାମାନ୍ତରିକ (ଅ > ଆ)

ବ୍ୟବହାର + ଇକ = ବ୍ୟାବହାରିକ (ଅ > ଆ)

ସାହିତ୍ୟ + ଇକ = ସାହିତ୍ୟିକ

ଦିନ + ଇକ = ଦୈନିକ (ଇ > ଐ)

ବିଜ୍ଞାନ + ଇକ = ବୈଜ୍ଞାନିକ (ଇ > ଐ)

ଇତିହାସ + ଇକ = ଐତିହାସିକ (ଇ > ଐ)

କୂଳ + ଇକ = କୌଳିକ (ଉ > ଔ)

ମୂଳ + ଇକ = ମୌଳିକ (ଉ > ଔ)

ଭୂଗୋଳ + ଇକ = ଭୌଗୋଳିକ (ଉ > ଔ).

ଆଉ କେତେକ ପ୍ରତ୍ୟୟ ଯୋଗରେ ଗଠିତ ତଦ୍ଧିତ ଶବ୍ଦର ଶୁଦ୍ଧ ରୂପକୁ ଏବେ ଲକ୍ଷ୍ୟ କରନ୍ତୁ।

'ଅ' ପ୍ରତ୍ୟୟ : ମୃଗଶିରା + ଅ = ମାର୍ଗଶିର ('ଶ'ରେ ଦୀର୍ଘ ଇ-କାର ହେବନାହିଁ)

କୃତ୍ତିକା + ଅ = କାର୍ତ୍ତିକ

'ଇ' ପ୍ରତ୍ୟୟ (ଅପତ୍ୟ ଅର୍ଥରେ) : ଦଶରଥ + ଇ = ଦାଶରଥି

ପବନ + ଇ = ପାବନି

ଭଗୀରଥ + ଇ = ଭାଗୀରଥି (ପୁଂଲିଙ୍ଗରେ) - ଅର୍ଥ - (ଭାଗୀରଥଙ୍କ ପୁତ୍ର)

ଭାଗୀରଥୀ (ସ୍ତ୍ରୀ ଲିଙ୍ଗରେ) - ଅର୍ଥ - ଗଙ୍ଗା

ସୁମିତ୍ରା + ଇ = ସୌମିତ୍ରି

'ଇ' ପ୍ରତ୍ୟୟ (ବୃତ୍ତି ଅର୍ଥରେ) : ଡାକ୍ତର + ଇ = ଡାକ୍ତରି (ଦୀର୍ଘ ଈ'କାର ଲାଗିଲେ ବନାନ ଭୁଲ୍ ହୁଏ)

ଚାକର + ଇ = ଚାକିରି (ଦୀର୍ଘ ଈ'କାର ଲାଗିଲେ ବନାନ ଭୁଲ୍ ହୁଏ)

ସର୍ଦ୍ଦାର + ଇ = ସର୍ଦ୍ଦାରି (ଦୀର୍ଘ ଈକାର ଲାଗିଲେ ବନାନ ଭୁଲ୍ ହୁଏ)

'ଆରି' ପ୍ରତ୍ୟୟ (ବୃତ୍ତି ଅର୍ଥରେ) : ଭିକ + ଆରି = ଭିକାରି ('ର'ରେ ଦୀର୍ଘ ଈ'କାର ଦେଇ ଲେଖିବା ଭୁଲ୍)

ଶଙ୍ଖା + ଆରି = ଶଙ୍ଖାରି (ଦୀର୍ଘ ଈ'କାର ଦେଇ ଲେଖିବା ଭୁଲ୍)

କଂସା + ଆରି = କଂସାରି (ଦୀର୍ଘ ଈ'କାର ଦେଇ ଲେଖିବା ଭୁଲ୍)

`ଇନ୍` ପ୍ରତ୍ୟୟ : ଜ୍ଞାନ + ଇନ୍ = ଜ୍ଞାନୀ (ଏ ସବୁ ଶବ୍ଦର ଶେଷରେ ଦୀର୍ଘ ଈ` କାର ରହେ)

ମନୀଷା + ଇନ୍ = ମନୀଷୀ (ଏ ସବୁ ଶବ୍ଦର ଶେଷରେ ଦୀର୍ଘ ଈ` କାର ରହେ)

`ଈନ` ପ୍ରତ୍ୟୟ : କୁଳ + ଈନ = କୁଳୀନ

ସର୍ବାଙ୍ଗ + ଈନ = ସର୍ବାଙ୍ଗୀଣ (ଣତ୍ୱବିଧି ଅନୁସାରେ `ନ`, `ଣ` ହେଉଛି)

ସର୍ବକାଳ + ଈନ = ସର୍ବକାଳୀନ

`ଈୟ` ପ୍ରତ୍ୟୟ : ଭାରତ + ଈୟ = ଭାରତୀୟ

ଉତ୍କଳ + ଈୟ = ଉତ୍କଳୀୟ

ଶାସ୍ତ୍ର + ଈୟ = ଶାସ୍ତ୍ରୀୟ

ଜଳ + ଈୟ = ଜଳୀୟ

ଦେଶ + ଈୟ = ଦେଶୀୟ

(ଲକ୍ଷ୍ୟ କରିବାର କଥା ଯେ `ଈନ` ଏବଂ `ଈୟ`ରେ `ଈ` ଥିବାରୁ ସେହି ପ୍ରତ୍ୟୟ ଯୋଗରେ ଗଠିତ ଶବ୍ଦମାନଙ୍କରେ `ଈ`କାର ରହିଅଛି । ଏହି ଶବ୍ଦଗୁଡ଼ିକୁ `ଇ`-କାର ଦେଇ ଲେଖିଲେ ବନାନ ଭୁଲ୍ ହୁଏ ।)

`ତର` ଓ `ତମ` ପ୍ରତ୍ୟୟ -

| | | |
|---|---|---|
| ଗୁରୁ | ଗୁରୁତର | ଗୁରୁତମ |
| ଲଘୁ | ଲଘୁତର | ଲଘୁତମ |
| ଦୀର୍ଘ | ଦୀର୍ଘତର | ଦୀର୍ଘତମ |
| କ୍ଷୁଦ୍ର | କ୍ଷୁଦ୍ରତର | କ୍ଷୁଦ୍ରତମ |
| ବୃହତ୍ | ବୃହତ୍ତର | ବୃହତ୍ତମ (ତ + ତ = ତ୍ତ) |
| ମହତ୍ | ମହତ୍ତର | ମହତ୍ତମ (ତ + ତ = ତ୍ତ) |

**(ଙ) ଣତ୍ୱ-ବିଧି ସଂପର୍କୀୟ ଅଶୁଦ୍ଧି :**

ପଦ ମଧ୍ୟରେ ଥିବା `ନ୍` ବର୍ଣ୍ଣଟି `ଣ୍` ବର୍ଣ୍ଣରେ ପରିଣତ ହେବା ବିଧାନକୁ `ଣତ୍ୱ` ବିଧି କୁହାଯାଏ । ପଦ ମଧ୍ୟରେ ସାଧାରଣତଃ `ର`, `ର୍` ଓ `ଷ୍` ପରେ `ନ` ବର୍ଣ୍ଣ ଥିଲେ ତାହା `ଣ୍`ରେ ପରିଣତ ହୁଏ । ଉଦାହରଣ

ସ୍ୱରୂପ, ଋଣ, ପୂର୍ଣ୍ଣ, କୃଷ୍ଣ। ର, ର୍‌, ଷ୍‌ ଓ ନ୍‌ ମଧ୍ୟରେ ଏକ ବା ଏକାଧିକ ବର୍ଣ୍ଣର ବ୍ୟବଧାନ ଥିଲେ ମଧ୍ୟ `ନ୍‌` ସ୍ଥାନରେ `ଣ୍‌` ହୋଇଥାଏ; ଯଥା - ରୁଗ୍‌ଣ, ପ୍ରୟାଣ, ରାବଣ। `ଣତ୍ୱ` ବିଧାନ ଅନୁସାରେ ଗଠିତ କେତେକ ଶବ୍ଦର ବନାନକୁ ଲକ୍ଷ୍ୟ କରିବା ଆସନ୍ତୁ।

ରାମାୟଣ (ରାମ+ଅୟନ ; ଅୟନର `ନ୍‌` `ଣ୍‌`ରେ ପରିଣତ ହୋଇଛି)

ରମଣୀୟ (ରମ୍‌+ଅନୀୟ ; ଅନୀୟର `ନ୍‌` `ଣ୍‌`ରେ ପରିଣତ ହୋଇଛି)

ସୂର୍ପଣଖା (ସୂର୍ପ + ନଖା) (ନଖାର `ନ୍‌`, `ଣ୍‌`ରେ ପରିଣତ ହୋଇଛି)

ପୂର୍ବାହ୍ଣ (ପୂର୍ବ + ଅହନ୍‌) (`ଅହନ୍‌`ର `ନ୍‌`, `ଣ୍‌`ରେ ପରିଣତ ହୋଇଛି)

ଅପରାହ୍ଣ (ଅପର + ଅହନ୍‌) (`ଅହନ୍‌`ର `ନ୍‌`, `ଣ୍‌`ରେ ପରିଣତ ହୋଇଛି)

ଏହି ନିୟମ ବିଷୟରେ ଅବଗତ ନଥାଇ କିଛି ଲୋକ `ପୂର୍ବାହ୍ଣ`କୁ `ପୂର୍ବାହ୍ନ` ଭାବରେ ଏବଂ `ଅପରାହ୍ଣ`କୁ `ଅପରାହ୍ନ` ଭାବରେ ଲେଖିବା ଫଳରେ ବନାନ ଭୁଲ୍‌ ହୁଏ। ଏହାକୁ ମଧ୍ୟ `ପୂର୍ବାହ୍ଣ` ଏବଂ `ଅପରାହ୍ଣ` ଭାବରେ ଲେଖାଯାଇପାରେ। `ପୂର୍ବାହ୍ନ` ଓ `ଅପରାହ୍ନ` ହେଉଛି ଅଶୁଦ୍ଧ ବର୍ଣ୍ଣବିନ୍ୟାସ।

**(ଚ) ଷତ୍ୱ ବିଧି ସଂପର୍କୀୟ ଅଶୁଦ୍ଧି :**

ପଦ ମଧ୍ୟରେ ଥିବା `ସ୍‌` ବର୍ଣ୍ଣଟି `ଷ୍‌`ରେ ପରିଣତ ହେବା ବିଧାନକୁ ଷତ୍ୱ ବିଧି କୁହାଯାଏ। ଅ, ଆ ବ୍ୟତୀତ ଅନ୍ୟ ସ୍ୱରବର୍ଣ୍ଣ (`ଇ`ରୁ ଔ) ଏବଂ `କ` ଓ `ର` ବର୍ଣ୍ଣର ପରେ ଥିବା `ସ୍‌`, `ଷ୍‌`ରେ ପରିଣତ ହୁଏ। ସନ୍ଧି ଯୋଗୁଁ ଗଢ଼ା ଯାଉଥିବା କେତେକ ଶବ୍ଦ ଏବଂ ପ୍ରତ୍ୟୟ ସମ୍ବନ୍ଧୀ କେତେକ ଶବ୍ଦରେ `ସ୍‌`, `ଷ୍‌`ରେ ପରିଣତ ହୁଏ। ଉଦାହରଣ ସ୍ୱରୂପ, ବିଷମ, ବିଷାଦ, ସୁଷୁପ୍ତି, ସୁଷମା, ଅଭିଷେକ, ଆବିଷ୍କାର, ଭବିଷ୍ୟତ, ବିଶେଷଣ, ମୁମୂର୍ଷୁ, ଈର୍ଷା, ଜିଗୀଷା। ଏହି ନିୟମ ସଂପର୍କରେ ଅବଗତ ନରହିଲେ ଏହିସବୁ ଶବ୍ଦ ଲେଖିବା ବେଳେ ବନାନ ଭୁଲ୍‌ ହେବାର ସମ୍ଭାବନା ରହିଯାଏ।

ମନେ ରଖିବାକୁ ହେବ ଯେ କେତେକ କ୍ଷେତ୍ରରେ 'ଷତ୍ୱ-ବିଧି'ର ବ୍ୟତିକ୍ରମ ଦେଖାଯାଏ। ସେହି ଶବ୍ଦଗୁଡ଼ିକ ହେଲା, ବିସର୍ଗ, ବିସ୍ତାର, ଧୂଳିସାତ୍‌,ଅନୁସରଣ ଇତ୍ୟାଦି। ନିମ୍ନରେ ପ୍ରଦତ୍ତ ଶବ୍ଦଗୁଡ଼ିକର ଶୁଦ୍ଧ ରୂପକୁ ଲକ୍ଷ୍ୟ କରନ୍ତୁ-

ଉଷା, ଶେଷ, ତୋଷ,ରୋଷ, ପୁରୁଷ, ମୂଷିକ, ମହିଷ, କଳୁଷ, ବିଷ, ଭୂଷଣ, ପାଷାଣ, ଷୋଡ଼ଶ, ଔଷଧ, ଦୂଷଣ, ଈଷତ୍, ସୋରିଷ, କର୍ଷଣ, କୃଷକ ।

**(ଛ) ସମାସ ସଂପର୍କୀୟ ଜ୍ଞାନ ଅଭାବ ଯୋଗୁଁ ଅଶୁଦ୍ଧି :**

କେତେଗୁଡ଼ିଏ ପଦକୁ ଗୋଟିଏ ପଦରେ ପରିଣତ କରିବାର ଉପଲବ୍ଧିକୁ ବ୍ୟାକରଣରେ ସମାସ ବୋଲି କୁହାଯାଏ । ସୁନାରେ ତିଆରି ହୋଇଥିବା ମୁଦିକୁ ଗୋଟିଏ ପଦରେ କୁହାଯାଏ 'ସୁନାମୁଦି' । ସେହିପରି 'ରାତ୍ରିର ଅର୍ଦ୍ଧ'କୁ କୁହାଯାଏ 'ଅର୍ଦ୍ଧରାତ୍ର' । ଅହନ୍ ଓ ନିଶା ଦୁଇଟି ପଦ ମିଶିଗଲେ ହୁଏ 'ଅହର୍ନିଶ' । ଯଦି କେହି ଅର୍ଦ୍ଧରାତ୍ରି, ଅହର୍ନିଶି ବୋଲି ଲେଖନ୍ତି, ତେବେ ବର୍ଣ୍ଣାଶୁଦ୍ଧି ହୁଏ । ଏ ପ୍ରକାର ଅଶୁଦ୍ଧି ସମାସ ସଂପର୍କୀୟ ଜ୍ଞାନର ଅଭାବ ଯୋଗୁଁ ହୋଇଥାଏ । ନିମ୍ନରେ କେତେଗୁଡ଼ିଏ ଶବ୍ଦର ଅଶୁଦ୍ଧରୂପ ଏବଂ ସେ ସବୁର ଶୁଦ୍ଧ ଲିଖନ ସମ୍ପର୍କରେ ଉଦାହରଣ ଦିଆଯାଉଛି ।

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସପରିବାରରେ/ସପରିବାରେ | ସପରିବାର |
| ସବାନ୍ଧବେ | ସବାନ୍ଧବ |
| ସସ୍ତ୍ରୀକେ | ସସ୍ତ୍ରୀକ |
| ସସୈନ୍ୟେ | ସସୈନ୍ୟ |
| ସଦଳବଳେ | ସଦଳବଳ |

ବ୍ୟାକରଣ ଜ୍ଞାନର ଅଭାବ ଯୋଗୁଁ ଆମ ଲେଖାରେ ହେଉଥିବା ବନାନ ଭୁଲ୍ ସମ୍ପର୍କରେ ଉପରେ କେତେଗୁଡ଼ିଏ ଉଦାହରଣ ଦିଆଗଲା । ଏସବୁ ବିଷୟରେ ସଚେତନ ରହିଲେ ଆମର ଲେଖା ତ୍ରୁଟିଶୂନ୍ୟ ହୋଇପାରିବ ।

**ଉପଯୁକ୍ତ ସଂଶୋଧନ କାର୍ଯ୍ୟକ୍ରମର ଅଭାବ :**

ଜଣକର ଲେଖା ଯଦି ଉପଯୁକ୍ତ ଭାବରେ ସଂଶୋଧିତ ନହେଲା, ତେବେ ତହିଁରେ ଥିବା ତ୍ରୁଟିକୁ ଦୂର କରାଯାଇ ପାରିବ ନାହିଁ । ବିଦ୍ୟାଳୟରେ ଆମ ପିଲାଙ୍କୁ ଶ୍ରୁତଲିଖନ ଦିଆଯାଏ, ସରଳାର୍ଥ ଲେଖିବାକୁ କୁହାଯାଏ, ବିଭିନ୍ନ ପ୍ରଶ୍ନର

ଉତ୍ତର ଲେଖିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଏ। ଏହା ବ୍ୟତୀତ ପିଲାମାନେ ରଚନା ଲେଖନ୍ତି, ପତ୍ର ଓ ଦରଖାସ୍ତ ଇତ୍ୟାଦି ଲେଖନ୍ତି। କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଏ ପିଲାମାନଙ୍କର ଲେଖାକୁ ଭଲ ଭାବରେ ପଢ଼ି ତା'ର ସଂଶୋଧନ କରାଯାଇ ନଥାଏ। ବିଭିନ୍ନ କାରଣରୁ ହୁଏତ ଏପରି ଘଟେ। ପିଲାଙ୍କ ଲେଖା ଠିକ୍ ଭାବରେ ସଂଶୋଧିତ ନହେଲେ ନିଜ ଲେଖାରେ କେଉଁଠି ଭୁଲ୍ ରହୁଛି ଏବଂ ଭୁଲ୍‌ଟି କେଉଁ ପ୍ରକାରର ସେକଥା ପିଲାମାନେ ଜାଣି ପାରନ୍ତି ନାହିଁ। ତେଣୁ ସେହି ଗୋଟିଏ ଭୁଲ୍ ବାରମ୍ବାର ଲାଗି ରହିଥାଏ।

**ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦକ୍ଷତାର ଅଭାବ :**

ଶିକ୍ଷକ/ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ କେବଳ ଶିକ୍ଷାଦାନ କରନ୍ତି ନାହିଁ, ଅଧିକନ୍ତୁ ସେମାନଙ୍କର ମାର୍ଗଦର୍ଶକ ଭାବରେ ମଧ୍ୟ କାର୍ଯ୍ୟ କରନ୍ତି। ପ୍ରାୟ ସବୁ କ୍ଷେତ୍ରରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ହେଉଛନ୍ତି ପିଲାମାନଙ୍କର ଆଦର୍ଶ। ବେଳେବେଳେ ଦେଖାଯାଏ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିଜ ଲେଖାରେ ବର୍ଣ୍ଣାଶୁଦ୍ଧି ରହିଯାଏ। ପିଲାମାନଙ୍କର ନିର୍ଭୁଲ୍ ବନାନ ଥିବା ଶବ୍ଦକୁ ଶିକ୍ଷକ ବା ଶିକ୍ଷୟିତ୍ରୀ ସଂଶୋଧନ ଆଳରେ ଭୁଲ୍ ବନାନ ଦେଇ ଲେଖିଦିଅନ୍ତି। ଏହା ଫଳରେ ପିଲା ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଶବ୍ଦଟିର ଉପଯୁକ୍ତ ବନାନ ସମ୍ପର୍କରେ ଶିକ୍ଷାର୍ଥୀ ସଚେତନ ହୋଇ ପାରେନା। ଶିକ୍ଷକ/ଶିକ୍ଷୟିତ୍ରୀଙ୍କ କ୍ଷେତ୍ରରେ ଆବଶ୍ୟକ ଦକ୍ଷତାର ଅଭାବ ଯୋଗୁଁ ପିଲାମାନଙ୍କ ଲିଖନରେ ବର୍ଣ୍ଣାଶୁଦ୍ଧି ଦେଖିବାକୁ ମିଳିଥାଏ।

**ଅଭିଧାନର ବ୍ୟବହାର ପାଇଁ ଆଗ୍ରହର ଅଭାବ :**

ଲେଖିବା ବେଳେ କୌଣସି ଏକ ଶବ୍ଦର ଉପଯୁକ୍ତ ବନାନ ସମ୍ପର୍କରେ ମନରେ ସନ୍ଦେହ ଜାତ ହେବା ସ୍ୱାଭାବିକ। କେତେକ ଅତି ପରିଚିତ ଶବ୍ଦ ଏବଂ ବିଶେଷତଃ ଅଧିକ ବ୍ୟବହାର କରାଯାଉ ନଥିବା ଶବ୍ଦ ଲେଖିବା ବେଳେ ଏ ପ୍ରକାର ସନ୍ଦେହ ମନରେ ଦେଖାଦିଏ। ମନରେ ସନ୍ଦେହ ଉପୁଜିଲେ ଅନୁମାନ କରି ଲେଖି ପକାଇବା ବାଞ୍ଛନୀୟ ନୁହେଁ। ପ୍ରକୃତ ବନାନଟି କ'ଣ, ତାହା ଜାଣିବା ପାଇଁ ଅଭିଧାନ ଦେଖିନେବା ଉଚିତ। ଗୋଟିଏ ଦୁଇଟି ଉଦାହରଣ ଦେଖାଯାଉ। ଧରନ୍ତୁ, ଆପଣ 'ଶାରୀରିକ' ଶବ୍ଦଟି ଲେଖିବାକୁ ଯାଉଛନ୍ତି।

କେଉଁ `ର`ରେ ଦୀର୍ଘ ଈ କାର ରହିବ, ସେକଥା ଆପଣ ଜାଣି ପାରୁନାହାନ୍ତି। ସେପରି କ୍ଷେତ୍ରରେ ଅଭିଧାନ ଦେଖିଦେଲେ ସନ୍ଦେହ ଦୂରହୁଏ, ଲେଖା ମଧ୍ୟ ନିର୍ଭୁଲ୍ ହୁଏ। କେତେକ ଲୋକ `ଆଶିଷ` ଶବ୍ଦଟିକୁ `ଆଶୀଷ` ଭାବରେ ଲେଖନ୍ତି। ଅଭିଧାନ ଦେଖିଦେଲେ ଏ ପ୍ରକାର ଭୁଲ୍ ହୁଅନ୍ତା ନାହିଁ। ସେହି ପରି ଏକ ଶବ୍ଦ ହେଉଛି `ଅବସୋସ`। ଅନେକ ଲୋକ ଏହାକୁ `ଅବଶୋଷ` ଭାବରେ ଲେଖନ୍ତି। ଏହା ଭୁଲ୍। `ଅବସୋସ`ରେ `ଶୋଷ` ସହିତ କିଛି ସମ୍ପର୍କ ନାହିଁ। ତୃଷା ବା `ଶୋଷ`ର ରୂପ ଯାହା `ଅବସୋସ`ରେ ଥିବା `ସୋସ` ତାହା ନୁହେଁ। ଅବସୋସ ଏକ ଯାବନିକ ଶବ୍ଦ। ଏଥିରେ ଦୁଇଟି ଯାକ `ସ` ଦନ୍ତ୍ୟସ। କିନ୍ତୁ ସେତକ ନଜାଣି ଲୋକେ ଏ ଶବ୍ଦଟିକୁ `ଅବଶୋଷ` ଭାବରେ ଲେଖି ବନାନ ଭୁଲ୍ କରିବସନ୍ତି। ଅଭିଧାନ ଦେଖିଲେ ଏପରି ଭୁଲ୍ ହୁଅନ୍ତା ନାହିଁ।

ଅଭିଧାନ ନଥିବା କାରଣରୁ ହେଉ ବା ଥିଲେ ମଧ୍ୟ ଅଭିଧାନ ଦେଖିବା ଲାଗି ଆଗ୍ରହର ଅଭାବ ଯୋଗୁଁ ହେଉ, ଆମେ ସନ୍ଦେହ ସ୍ଥଳରେ ଅଭିଧାନ ଦେଖୁନା। ତେଣୁ ଲେଖିବା ବେଳେ ଅଶୁଦ୍ଧ ବନାନ ଦେଖାଯାଏ ।

**ଦୋଷଯୁକ୍ତ ପଠନ ସାମଗ୍ରୀର ପ୍ରଭାବ :**

ପିଲାମାନେ ଯେଉଁସବୁ ବହି, ପତ୍ରପତ୍ରିକା, ସମ୍ବାଦପତ୍ର ଇତ୍ୟାଦି ପଢ଼ନ୍ତି, ତହିଁରେ ମୁଦ୍ରଣଜନିତ ତ୍ରୁଟି ଥିଲେ, ତାହା ପିଲାମାନଙ୍କ ଲିଖନକୁ ପ୍ରଭାବିତ କରେ। ଶିଶୁ ବା କିଶୋର ଉପଯୋଗୀ ପତ୍ରିକା, ଗଳ୍ପ ବହି, ଖବରକାଗଜ ଇତ୍ୟାଦି ପିଲାଏ ପଢୁଛନ୍ତି। ଅସାବଧାନତା କାରଣରୁ ଏହି ସବୁ ସାମଗ୍ରୀରେ ଅନେକ ମୁଦ୍ରଣତ୍ରୁଟି ରହିଯାଇଥାଏ। କେତେକ ଭୁଲ୍ ଶବ୍ଦର ବ୍ୟବହାର ହୋଇଥାଏ ତ' ଆଉ କେତେକ ଶୁଦ୍ଧ ଶବ୍ଦକୁ ଅଶୁଦ୍ଧ ଭାବରେ ଛାପା ଯାଇଥାଏ। ଏ ସମ୍ପର୍କରେ କେତୋଟି ଉଦାହରଣ ଦେଖାଯାଇପାରେ।

| ଅଶୁଦ୍ଧ | ଶୁଦ୍ଧ |
| --- | --- |
| କଟୁକ୍ତି | କଟୂକ୍ତି |
| ପୁଷ୍ପାଞ୍ଜଳୀ | ପୁଷ୍ପାଞ୍ଜଳି |
| ମୂଖ୍ୟବକ୍ତା | ମୁଖ୍ୟବକ୍ତା |

| | |
|---|---|
| ସମ୍ମାନୀୟ | ସମ୍ମାନନୀୟ |
| ରହସ୍ୟାବୃତ୍ତ | ରହସ୍ୟାବୃତ |
| ସୁନାମଧନ୍ୟ | ସ୍ୱନାମଧନ୍ୟ |
| ଲବ୍‌ଧ ପ୍ରତିଷ୍ଠିତ | ଲବ୍‌ଧପ୍ରତିଷ୍ଠ |
| କୃତୀତ୍ୱ | କୃତିତ୍ୱ |
| ପ୍ରତିଯୋଗୀତା | ପ୍ରତିଯୋଗିତା |

**ସାମୂହିକ ଉଦ୍ୟମର ଅଭାବ :**

ଜଣେ ଲୋକଦ୍ୱାରା ଯେଉଁ କାମଟି ସହଜରେ ହୋଇପାରେନା, ସେ କାମ ବିଭିନ୍ନ ଲୋକଙ୍କ ପ୍ରଚେଷ୍ଟା ବଳରେ ସହଜରେ ହୋଇପାରେ । ପିଲାମାନଙ୍କ ବର୍ଣ୍ଣାଶୁଦ୍ଧି ନିରାକରଣ କ୍ଷେତ୍ରରେ ଏହା ଅନେକ ପରିମାଣରେ ସତ୍ୟ । କେତେକ ଭାବନ୍ତି, ପିଲାମାନଙ୍କ ବର୍ଣ୍ଣାଶୁଦ୍ଧି ଦୂର କରିବାର ଦାୟିତ୍ୱ କେବଳ ମାତୃଭାଷା ପଢ଼ାଉଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କର । ବିଦ୍ୟାଳୟରେ ଅନ୍ୟାନ୍ୟ ବିଷୟ ପଢ଼ାଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କର ଏ ସମ୍ପର୍କରେ କୌଣସି ଦାୟିତ୍ୱ ନାହିଁ । ମାତ୍ର ଏହା ଏକ ଭୁଲ୍ ଧାରଣା । ପିଲାମାନଙ୍କର ଲିଖନ ତ୍ରୁଟି ସୁଧାରିବା ସବୁ ଶିକ୍ଷକ/ଶିକ୍ଷିକାଙ୍କ ଦାୟିତ୍ୱ । ସମସ୍ତେ ଏଥି ନିମନ୍ତେ ଯୋଜନାବଦ୍ଧ ଉଦ୍ୟମ କରିବା ଆବଶ୍ୟକ । ଶିକ୍ଷିତ ଅଭିଭାବକମାନେ ମଧ୍ୟ ଏ ଦିଗରେ ସହଯୋଗର ହାତ ବଢ଼ାଇବା ଦରକାର । ମୁଦ୍ରଣ ଶିଳ୍ପ ସହିତ ଜଡ଼ିତ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କ ଦାୟିତ୍ୱ ମଧ୍ୟ ଏ କ୍ଷେତ୍ରରେ କିଛି କମ୍ ନୁହେଁ । ଛାପା ଅକ୍ଷରରେ ପିଲାଏ ଯାହା ପଢ଼ନ୍ତି ବା ଦେଖନ୍ତି, ତାକୁ ଶୁଦ୍ଧ ଭାବରେ ଗ୍ରହଣ କରନ୍ତି । ତେଣୁ ପତ୍ରପତ୍ରିକା, ଶିଶୁ ଉପଯୋଗୀ ପୁସ୍ତକ ଏବଂ ଖବର କାଗଜ ପ୍ରଭୃତି ଯଥା ସମ୍ଭବ ତ୍ରୁଟିଶୂନ୍ୟ ଭାବରେ ମୁଦ୍ରିତ ହେବା ଆବଶ୍ୟକ । ଆଗାମୀ ବଂଶଧରଙ୍କ ହିତଦୃଷ୍ଟିରୁ ଆମର ମୁଦ୍ରାକର ଓ ପ୍ରକାଶକମାନେ ଏ ଦିଗରେ ଅଧିକ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ । ସମସ୍ତଙ୍କ ମିଳିତ ଉଦ୍ୟମର ଅଭାବ ରହିଲେ ବର୍ଣ୍ଣାଶୁଦ୍ଧି ଦୂରୀକରଣ ଦିଗରେ ଆଶାନୁରୂପ ସଫଳତା ମିଳିପାରିବ ନାହିଁ ।

**ଓଡ଼ିଆ ଭାଷାର ସ୍ୱଳ୍ପ ବ୍ୟବହାର ଏବଂ ଓଡ଼ିଆ ଶିଖିବା ଦିଗରେ ଶିକ୍ଷାର୍ଥୀମାନଙ୍କ ଆଗ୍ରହର ଅଭାବ :**

ଭାଷାଟିଏ ସମୃଦ୍ଧ ହୁଏ ତା'ର ବ୍ୟବହାରକୁ କେନ୍ଦ୍ରକରି । ଯେଉଁ ଭାଷାକୁ ଲୋକେ ଅଧିକ ପରିମାଣରେ ଲେଖନ୍ତି, ଯେଉଁ ଭାଷାରେ ମୁଦ୍ରିତ ସାମଗ୍ରୀକୁ ଲୋକେ ପଢିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି, ସେ ଭାଷା ଆପଣା ଛାଏଁ ସମୃଦ୍ଧ ହୋଇଥାଏ । କିନ୍ତୁ ଓଡ଼ିଆ ଭାଷା କ୍ଷେତ୍ରରେ, ଏହି କଥାଟିର ଅଭାବ ଦେଖାଯାଉଛି । ନିମନ୍ତ୍ରଣ ପତ୍ର, ପ୍ରଚାର ପତ୍ର, ବିଜ୍ଞାପନ ଇତ୍ୟାଦି ଲେଖିବା ବେଳକୁ ଆମର ପ୍ରଥମ ପସନ୍ଦ ହେଉଛି ଇଂରାଜୀ ଭାଷା । ପୁଅଝିଅଙ୍କ ବିବାହ ନିମନ୍ତ୍ରଣ ପତ୍ର ଛାପିବା ବେଳେ ଓଡ଼ିଆ ଭାଷା ବ୍ୟବହାର କରିବାକୁ ଅନେକ ପସନ୍ଦ କରୁନାହାନ୍ତି । ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ଆଜି ପର୍ଯ୍ୟନ୍ତ ନିଶ୍ଚିତ ହୋଇପାରିନାହିଁ । ଓଡ଼ିଆରେ ପ୍ରକାଶ ପାଉଥିବା ପତ୍ରପତ୍ରିକା, ସମ୍ବାଦ ପତ୍ରମାନଙ୍କର ସଂଖ୍ୟା ଖୁବ୍ ବେଶି ନୁହେଁ । ଯେତେକ ବି ପ୍ରକାଶିତ ହେଉଛି, ସେଗୁଡ଼ିକର ପାଠକପାଠିକାଙ୍କ ସଂଖ୍ୟା ଉତ୍ସାହଜନକ ନୁହେଁ । ଏ କ୍ଷେତ୍ରରେ ଅନ୍ୟ ଭାରତୀୟ ଭାଷାମାନଙ୍କ ସହିତ ଓଡ଼ିଆ ଭାଷାର ତୁଳନା କଲେ ଆମକୁ ନିରାଶ ହେବାକୁ ପଡ଼େ । ପଢ଼ିବା ଓ ଲେଖିବା ପାଇଁ ଏହି ଭାଷାକୁ ଆଶାନୁରୂପ ଭାବରେ ବ୍ୟବହାର କରାଯାଉନଥିବା ଯୋଗୁଁ ଏ ଭାଷାରେ ଲେଖିବାର ସାମର୍ଥ୍ୟ ବୃଦ୍ଧି ପାଇବାର ସମ୍ଭାବନା କମିଯାଉଛି । ଫଳତଃ, ଯାହା ବା ଆମେ ଲେଖୁଛୁଁ, ତହିଁରେ ଅଶୁଦ୍ଧି ରହିଯାଉଛି ।

ଏହା ବ୍ୟତୀତ ଅନ୍ୟ ଏକ କଥା ହେଉଛି ଓଡ଼ିଆ ଲେଖିପଢ଼ି ଜାଣିବା ପାଇଁ ଶିକ୍ଷାର୍ଥୀମାନଙ୍କ ଆଗ୍ରହର ଅଭାବ । ଯେ କୌଣସି ବିଷୟକୁ ଶ୍ରଦ୍ଧା ଓ ଆଗ୍ରହର ସହିତ ଶିଖିବାକୁ ଚେଷ୍ଟା କଲେ ତହିଁରେ ସାମର୍ଥ୍ୟ ବଢ଼େ । କିନ୍ତୁ ବିଭିନ୍ନ କାରଣରୁ ଆମର ଶିକ୍ଷାର୍ଥୀମାନେ ଏବଂ ସାଧାରଣ ଲୋକେ ଓଡ଼ିଆ ପଢ଼ାଲେଖା କରିବା ଦିଗରେ ଆଶାନୁରୂପ ଆଗ୍ରହ ଦେଖାଉ ନାହାନ୍ତି । ଫଳ ସ୍ୱରୂପ ଓଡ଼ିଆ ଭାଷାରେ ଆମର ସାମର୍ଥ୍ୟ ଦିନୁଦିନ କମିକମି ଯାଉଛି ।

# ବର୍ଣ୍ଣାଶୁଦ୍ଧି ନିରାକରଣ ନିମନ୍ତେ କେତେକ ଉପାୟ

ଲେଖିବା କ୍ଷେତ୍ରରେ ଅଶୁଦ୍ଧି ହେଉଥିବାର ବିଭିନ୍ନ କାରଣ ସଂପର୍କରେ ଆମେ ଆଲୋଚନା କଲେ। କି କି ଉପାୟ ଅବଲମ୍ବନ କଲେ ଆମର ଲିଖନରେ ଶୁଦ୍ଧତା ରହିବ, ବନାନ ଭୁଲ୍‌ରୁ ଆମେ ମୁକ୍ତ ହୋଇପାରିବା, ଏବେ ସେ ସଂପର୍କରେ କିଛି ଆଲୋଚନା କରିବା।

**କ) ଦୃଷ୍ଟଲିଖନର ଅଭ୍ୟାସ :**

ପ୍ରଥମ, ଦ୍ୱିତୀୟ ଶ୍ରେଣୀଠାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହି ଅଭ୍ୟାସଟି ସୃଷ୍ଟି କରାଯିବା ଆବଶ୍ୟକ। କଳାପଟାରେ ଶିକ୍ଷକ ଯେଉଁ ଶବ୍ଦ ଓ ଛୋଟଛୋଟ ବାକ୍ୟ ଲେଖିବେ, ତାକୁ ଦେଖି ଦେଖି ପିଲାମାନେ ନିଜ ସିଲଟ ବା ଖାତାରେ ତାହାକୁ ଲେଖିବେ। ବହିରେ ଲେଖା ଯାଇଥିବା କେତେକ ଶବ୍ଦ ଓ ବାକ୍ୟକୁ ଦେଖି, ତାହାକୁ ନିଜ ଖାତାରେ ଲେଖିବା ପାଇଁ ପିଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ। ଫଳରେ ପିଲାମାନେ ନିର୍ଭୁଲ ଭାବରେ ଲେଖିବାର ଅଭ୍ୟାସ ଗଠନ ନିମନ୍ତେ ସୁଯୋଗ ପାଇବେ। ଏପରି ଅଭ୍ୟାସଦ୍ୱାରା ପିଲାମାନଙ୍କର ଆତ୍ମବିଶ୍ୱାସ ବଢ଼ିବ ଏବଂ ବିଭିନ୍ନ ଶବ୍ଦର ଶୁଦ୍ଧ ରୂପ ସହିତ ସେମାନେ ପରିଚିତ ହୋଇପାରିବେ। ପରବର୍ତ୍ତୀ ସମୟରେ ପିଲାମାନେ ଶବ୍ଦଗୁଡ଼ିକୁ ଶୁଦ୍ଧ ଭାବରେ ଲେଖିପାରିବେ।

**ଖ) ଶ୍ରୁତଲିଖନର ଅଭ୍ୟାସ :**

ଦେଖିଦେଖି ଲେଖିବା (ଦୃଷ୍ଟଲିଖନ) ଯେପରି ଏକ ଅଭ୍ୟାସ, କିଛି ଶବ୍ଦ ବା ବାକ୍ୟକୁ ଭଲଭାବରେ ଶୁଣିଶୁଣି ଲେଖିବା (ଶ୍ରୁତଲିଖନ) ସେହିପରି ଅନ୍ୟ ଏକ ଅଭ୍ୟାସ। ଦୃଷ୍ଟଲିଖନ ତୁଳନାରେ ଶ୍ରୁତଲିଖନ କାର୍ଯ୍ୟଟି ପିଲାମାନଙ୍କ ପାଇଁ ଅପେକ୍ଷାକୃତ ଜଟିଳ। ତେଣୁ ପ୍ରଥମେ ଦୃଷ୍ଟଲିଖନର କିଛି ଅଭ୍ୟାସ କରାଯିବା ପରେ ପିଲାମାନଙ୍କ ମଧ୍ୟରେ ଶ୍ରୁତଲିଖନର ଅଭ୍ୟାସ କରାଯିବା ଆବଶ୍ୟକ।

ପ୍ରଥମେ ପ୍ରଥମେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କର ପରିଚିତ କେତେକ ଶବ୍ଦକୁ ସ୍ପଷ୍ଟ ରୂପେ ଉଚ୍ଚାରଣ କରି ଡାକିବେ । ପିଲାମାନେ ସେହି ଶବ୍ଦଗୁଡ଼ିକୁ ଶୁଣିସାରି ନିଜ ସିଲଟ ବା ଖାତାରେ ଲେଖିବେ । ଶବ୍ଦରୁ ଆରମ୍ଭ କରି କ୍ରମଶଃ ଛୋଟଛୋଟ ବାକ୍ୟ ଓ ଦୀର୍ଘ ବାକ୍ୟ ଡାକିବେ । ପିଲାମାନେ ତାହାକୁ ପ୍ରଥମେ ଶୁଣିବେ, ଶବ୍ଦଗୁଡ଼ିକର ଚେହେରାକୁ ମନେ ପକାଇ ତା'ପରେ ତାକୁ ଲେଖିବେ । ଏହା ଫଳରେ ଶବ୍ଦଟିର ବା ଶବ୍ଦମାନଙ୍କର ଶୁଦ୍ଧ ରୂପକୁ ସେମାନେ କେତେଦୂର ମନେ ରଖିଛନ୍ତି ଏବଂ ଶୁଦ୍ଧରୂପରେ ଲେଖି ପାରୁଛନ୍ତି ନା ନାହିଁ, ସେ ବିଷୟ ଜଣାପଡ଼େ । ଶ୍ରୁତଲିଖନରେ ପିଲାମାନେ କରୁଥିବା ତ୍ରୁଟିକୁ ଉପଯୁକ୍ତ ଢଙ୍ଗରେ ସଂଶୋଧନ କରାଗଲେ ପିଲାମାନଙ୍କର ବନାନ ଭୁଲ୍ ହ୍ରାସ ପାଇବ । କ୍ରମଶଃ ଶୁଦ୍ଧ ଭାବରେ ଲେଖିବା ପାଇଁ ସେମାନେ ଅଭ୍ୟସ୍ତ ହୋଇପାରିବେ ।

**ଗ) ବନାନ ତାଲିକା ବା ଚାର୍ଟ୍ :**

ବନାନ ଭୁଲ୍ ନିରାକରଣ ନିମନ୍ତେ ଏହା ଏକ ଉତ୍ତମ ଉପାୟ । ପିଲାମାନେ ସାଧାରଣତଃ ଯେଉଁଯେଉଁ ଶବ୍ଦ ଲେଖିବାବେଳେ ବନାନ ଭୁଲ୍ କରନ୍ତି, ଶିକ୍ଷକ ମହାଶୟ ସେହିପରି କେତେକ ଶବ୍ଦ ସଂଗ୍ରହ କରିବେ । ତା'ପରେ ସେସବୁ ଶବ୍ଦକୁ ବର୍ଣ୍ଣାନୁକ୍ରମିକ ରୀତିରେ ସଜାଇ ଶୁଦ୍ଧ ଶବ୍ଦର ତାଲିକାଟିଏ ପ୍ରସ୍ତୁତ କରିବେ । ଏହି ଶବ୍ଦ ତାଲିକାକୁ ଶ୍ରେଣୀ ଗୃହରେ ଅଥବା ଛାତ୍ରଛାତ୍ରୀଙ୍କ ଦୃଷ୍ଟି ପଡୁଥିବା ସ୍ଥାନରେ ଝୁଲାଇବେ । ଶୁଦ୍ଧ ଶବ୍ଦଗୁଡ଼ିକ ପିଲାମାନଙ୍କର ଦୃଷ୍ଟିରେ ପଡ଼ିବା ଫଳରେ ସେସବୁର ବନାନ ସଂପର୍କରେ ପିଲା ଅବଗତ ହୋଇପାରିବେ । ଏହାଦ୍ୱାରା ପିଲାମାନଙ୍କ ବନାନ ଭୁଲ୍‌ର ପରିମାଣ ହ୍ରାସ ପାଇବ ।

**ଘ) ବନାନ ଖାତା :**

ଶବ୍ଦଗୁଡ଼ିକର ଶୁଦ୍ଧ ବନାନଥିବା ଖାତାଟିଏ ପ୍ରସ୍ତୁତ କରିବା ଲାଗି ପିଲାମାନଙ୍କୁ କୁହାଯିବ । ଅଭିଧାନ ଢଙ୍ଗରେ ଶବ୍ଦଗୁଡ଼ିକୁ ଏହି ଖାତାରେ ବର୍ଣ୍ଣାନୁକ୍ରମିକ ରୀତିରେ ଲେଖାଯାଇଥିବ । ଲେଖିବା ବେଳେ ବନାନ ସଂପର୍କରେ ସନ୍ଦେହ ଉପୁଜିଲେ ପିଲାମାନେ ଏହି ଖାତାକୁ ଦେଖି ନିଜ ନିଜର ସନ୍ଦେହ ଦୂର କରିପାରିବେ । ପରବର୍ତ୍ତୀ ସମୟରେ ଅଭିଧାନ ବ୍ୟବହାର କରିବା ନିମନ୍ତେ

ଏହି ବନାନ ଖାତା ସେମାନଙ୍କୁ ପ୍ରେରଣା ଯୋଗାଇବ ଏବଂ ବର୍ଣ୍ଣାଶୁଦ୍ଧି ନିରାକରଣ ଦିଗରେ ବହୁ ଭାବରେ ସାହାଯ୍ୟ କରିବ ।

**ଙ) ସଚିତ୍ର ଶବ୍ଦକୋଷ/ଅଭିଧାନର ବ୍ୟବହାର :**

ଅଳ୍ପ ବୟସର ଛାତ୍ରଛାତ୍ରୀ ହୁଅନ୍ତୁ ଅଥବା ବୟସ୍କ ଲୋକ ହୁଅନ୍ତୁ, ସମସ୍ତଙ୍କ ପକ୍ଷରେ ବେଳେବେଳେ କିଛି ଶବ୍ଦର ବନାନ ସଂପର୍କରେ ମନରେ ସନ୍ଦେହ ଉପୁଜେ । ସାଧାରଣତଃ କଥିତ ଭାଷାରେ ଅଧିକ ବ୍ୟବହୃତ ହେଉନଥିବା କେତେକ ଶବ୍ଦକୁ ଲେଖିବାବେଳେ ବନାନ ସଂପର୍କୀୟ ସନ୍ଦେହ ମନରେ ଦେଖାଦେଇଥାଏ । 'ନିର୍ଣ୍ଣୀତ', 'ଜାଗରୂକ', 'ଅବସୋସ', 'ଶୁଶ୍ରୂଷା', 'କୌତୂହଳ' ପରିକେତେକ ଶବ୍ଦକୁ ଉଦାହରଣ ସ୍ୱରୂପ ନିଆଯାଇପାରେ । ଏସବୁ ଶବ୍ଦ ଲେଖିବାକୁ ଯିବା ସମୟରେ ମନର ସନ୍ଦେହ-ମୋଚନ ପାଇଁ ସବୁଠାରୁ ଉତ୍ତମ ଉପାୟ ହେଉଛି ଅଭିଧାନ ଦେଖିବା । ଅଭିଧାନ ଦେଖିବାର କଷ୍ଟ ସ୍ୱୀକାର ନକରି ଅନୁମାନ କରି ଲେଖି ଅଶୁଦ୍ଧ ରୂପରେ ଲେଖିବା ଆଦୌ ଭଲ କଥା ନୁହେଁ । ତେଣୁ ପିଲାମାନେ ଚତୁର୍ଥ/ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳକୁ ଅଭିଧାନର ବ୍ୟବହାର ସଂପର୍କରେ ସେମାନଙ୍କୁ ପରାମର୍ଶ ଦିଆଯିବା ଆବଶ୍ୟକ । ଅଭିଧାନ ବ୍ୟବହାର କରିବାର ବିଧି ସେମାନଙ୍କୁ ଶିଖାଇ ଦିଆଯିବା ଦରକାର । ତଳ ଶ୍ରେଣୀରୁ ଏହି ଅଭ୍ୟାସଟି ଗଢ଼ି ଉଠିଲେ ବର୍ଣ୍ଣାଶୁଦ୍ଧି ଦୂରୀକରଣରେ ଏହା ବେଶ୍ ସହାୟକ ହେବ । ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଆଗ୍ରହ ଓ ପ୍ରଚେଷ୍ଟା ଏ ଦିଗରେ ମୂଲ୍ୟବାନ ସାବ୍ୟସ୍ତ ହେବ ।

**ଚ) ବନାନ ଖେଳ :**

ଶବ୍ଦ ଗଠନ ଖେଳ ପରି ବନାନ ଖେଳକୁ ଏକ କ୍ରୀଡ଼ାତ୍ମକ ପଦ୍ଧତି ଭାବରେ ଗ୍ରହଣ କରାଯାଇପାରେ । ଶବ୍ଦ ଗଠନ ଖେଳରେ ଅଂଶ ଗ୍ରହଣ କରି ପିଲାମାନେ ନୂଆନୂଆ ଶବ୍ଦ ଗଠନ କରନ୍ତି, ଶବ୍ଦ ଗଠନର ରୀତି ଶିଖନ୍ତି ଏବଂ ତହିଁରୁ ଆନନ୍ଦ ମଧ୍ୟ ପାଆନ୍ତି । ଠିକ୍ ସେହିପରି ଶବ୍ଦଗୁଡ଼ିକର ଶୁଦ୍ଧ ବନାନ ସହିତ ଛାତ୍ରଛାତ୍ରୀଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ ସେମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରି 'ବନାନଖେଳ' ଖେଳାଯାଇପାରେ । ପିଲାମାନେ ବିଭିନ୍ନ

ଦଳରେ ଭାଗ ହୋଇ ବସିବେ । ସେମାନଙ୍କ ଆଗରେ କେତୋଟି ଶବ୍ଦ ଡ କାଯିବ । ପ୍ରତି ଦଳ ଶବ୍ଦଟିକୁ ନିଜ ଖାତାରେ ଲେଖିବେ । ଯେଉଁ ଦଳର ପିଲାମାନେ ବେଶି ସଂଖ୍ୟାରେ ଶୁଦ୍ଧ ଶବ୍ଦ ଲେଖିବେ, ସେମାନେ ଅଧିକ ପଏଣ୍ଟ ପାଇ ଜୟଲାଭ କରିବେ । ଶିକ୍ଷକଙ୍କ ଆଗ୍ରହ ଓ ପିଲାମାନଙ୍କ ମଧ୍ୟରେ କୌତୂହଳ ସୃଷ୍ଟି କରିବାର ସାମର୍ଥ୍ୟ ବନାନ ଖେଳକୁ ସଫଳ କରିପାରିବ ।

**ଛ) ତ୍ରୁଟିଯୁକ୍ତ ବିଜ୍ଞାପନ ଫଳକ, ପଠନ ସାମଗ୍ରୀରେ ଥିବା ଅଶୁଦ୍ଧ ଶବ୍ଦମାନଙ୍କର ଶୁଦ୍ଧ ରୂପ ପ୍ରତି ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଆକର୍ଷଣ :**

ବର୍ଣ୍ଣାଶୁଦ୍ଧିର କାରଣ ସଂପର୍କରେ ଆଲୋଚନା କରାଯିବା ପ୍ରସଙ୍ଗରେ ପାରିପାର୍ଶ୍ୱିକ ପ୍ରଭାବ ଆମର ଲିଖନକୁ କିପରି ପ୍ରଭାବିତ କରେ ସେ ସଂପର୍କରେ କୁହାଯାଇଛି । ବିଜ୍ଞାପନ ଫଳକ, କାନ୍ଥବାଡ଼ରେ ଲେଖା, ନିମନ୍ତ୍ରଣ ପତ୍ର, ପ୍ରାଚୀର ପତ୍ର, ଗାଡ଼ି ମଟରରେ ଲେଖାଯାଉଥିବା କେତେକ ଅଶୁଦ୍ଧ ଶବ୍ଦର ଉଦାହରଣ ଦିଆଯାଇଛି । ଅଶୁଦ୍ଧ ଭାବରେ ଲେଖାଯାଉଥିବା ଭୂବନେଶ୍ୱର, ଗଣେଷ, ମୂଖ୍ୟ, ଦୃତଗତି, ଦାୟୀତ୍ୱ, ଧୂମ୍ରପାନ, ପୁଷ୍ପାଞ୍ଜଳୀ, ଭରଷା, ଜୁବମେଳା, ଅଭିଜାନ, ସଂନ୍ଧ୍ୟା ଇତ୍ୟାଦି ଶବ୍ଦଗୁଡ଼ିକର ଶୁଦ୍ଧ ରୂପ ଯେ ଯଥାକ୍ରମେ ଭୁବନେଶ୍ୱର, ଗଣେଶ, ମୁଖ୍ୟ, ଦ୍ରୁତଗତି, ଦାୟିତ୍ୱ, ଧୂମପାନ, ପୁଷ୍ପାଞ୍ଜଳି, ଭରସା, ଯୁବମେଳା, ଅଭିଯାନ, ସନ୍ଧ୍ୟା ସେ ସଂପର୍କରେ ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ଆବଶ୍ୟକ । ଏହି ଶବ୍ଦ, ବନାନ ତାଲିକା ବା ବନାନ ଚାଟ୍‌ରେ ସ୍ଥାନ ପାଇବା ଦରକାର ଏବଂ ପିଲାମାନଙ୍କ ବନାନ ଖାତାରେ ମଧ୍ୟ ଏହି ସବୁ ଶବ୍ଦ ରହିବା ଆବଶ୍ୟକ । ଫଳତଃ ଏହିସବୁ ଶବ୍ଦକୁ ଲେଖିବା ବେଳେ ପିଲାମାନେ ଆଉ ଭୁଲ୍ କରିବେ ନାହିଁ ।

**ଜ) ବ୍ୟାକରଣ ଶିକ୍ଷାଦାନ ଉପରେ ଗୁରୁତ୍ୱ ଏବଂ ବ୍ୟାବହାରିକ ବ୍ୟାକରଣ ପ୍ରତି ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଆକର୍ଷଣ :**

ବର୍ଣ୍ଣାଶୁଦ୍ଧିର କାରଣ ଆଲୋଚନା ପ୍ରସଙ୍ଗରେ ଦର୍ଶାଇ ଦିଆଯାଇଛି ଯେ, ଉପଯୁକ୍ତ ବ୍ୟାକରଣ ଜ୍ଞାନର ଅଭାବ ଯୋଗୁଁ ଲେଖିବା ବେଳେ ପିଲାମାନେ ବନାନ ଭୁଲ୍ କରନ୍ତି । ତେଣୁ ବିଦ୍ୟାଳୟରେ ଶିକ୍ଷାଦାନ ବେଳେ

ଶିକ୍ଷକଶିକ୍ଷୟିତ୍ରୀମାନେ ଏ ଦିଗରେ ସଚେତନ ରହି କାର୍ଯ୍ୟ କରିବା ଆବଶ୍ୟକ। ବ୍ୟାକରଣ ଶିକ୍ଷାଦାନକୁ କେବଳ 'ସୂତ୍ରସର୍ବସ୍ୱ' ନକରି ଭାଷାର ବ୍ୟାବହାରିକ ଦିଗ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଶବ୍ଦଟିଏ କିପରି ଗଢ଼ାଯାଉଛି, ପଦର ପରିବର୍ତ୍ତନ ହେଲେ ଶବ୍ଦର ବନାନରେ କିପରି ପରିବର୍ତ୍ତନ ହେଉଛି ଏବଂ ବାକ୍ୟର ରୂପ କିପରି ବଦଳି ଯାଉଛି, ସେ ସଂପର୍କରେ ଉପଯୁକ୍ତ ଆଲୋଚନା କରାଯିବା ଆବଶ୍ୟକ। ଭାଷା ବ୍ୟବହାରରେ ପିଲାମାନଙ୍କର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଗଲେ ପିଲାମାନଙ୍କର ସାମର୍ଥ୍ୟ ବଢ଼ିବ ଏବଂ ସେମାନଙ୍କ ଲିଖନରୁ ଅଶୁଦ୍ଧି ହ୍ରାସ ପାଇବ।

**୫) ପର୍ଯ୍ୟାପ୍ତ ଲିଖନ ଓ ଉପଯୁକ୍ତ ସଂଶୋଧନ କାର୍ଯ୍ୟ ଉପରେ ଗୁରୁତ୍ୱ :**

ଲିଖନରେ ଶୁଦ୍ଧତା ଆଣିବାକୁ ହେଲେ ଅଧିକରୁ ଅଧିକ ଲେଖିବା ଆବଶ୍ୟକ। ବିଭିନ୍ନ ଶ୍ରେଣୀରେ ପିଲାମାନଙ୍କର ସ୍ତର ଅନୁସାରେ ବିଭିନ୍ନ ପ୍ରକାରର ଲିଖନ କାର୍ଯ୍ୟରେ ସେମାନଙ୍କୁ ଅଭ୍ୟସ୍ତ କରାଯିବା ଆବଶ୍ୟକ। ଶବ୍ଦ, ଛୋଟଛୋଟ ବାକ୍ୟ, ଅନୁଚ୍ଛେଦ ଲିଖନ, ସରଳ ଓ ସଂକ୍ଷିପ୍ତ ରଚନା, ପ୍ରଶ୍ନର ଉତ୍ତର ଲିଖନ, ସାରାଂଶ ଲିଖନ, ଭାବ ସଂପ୍ରସାରଣ, ଭାବ ସଂକ୍ଷେପଣ, ବିବରଣୀ ପ୍ରସ୍ତୁତି, ଚିଠି ଓ ଦରଖାସ୍ତ ଲିଖନ ପ୍ରଭୃତି ବିଭିନ୍ନ ପ୍ରକାର ଲିଖନର ଉଦାହରଣ ସୁଚିନ୍ତିତ ଓ ଯୋଜନାବଦ୍ଧ ଭାବରେ ଶ୍ରେଣୀ ଅନୁଯାୟୀ କରାଯିବା ଆବଶ୍ୟକ।

କେବଳ ଲିଖନର ଅଭ୍ୟାସ କରାଇଲେ ଶୁଦ୍ଧ ଲିଖନର ସାମର୍ଥ୍ୟ ଆସିଯିବ ନାହିଁ। ପିଲାମାନେ ଯାହା ଲେଖିବେ, ସେସବୁକୁ ଆଗ୍ରହର ସହିତ ପଢ଼ି ତହିଁରେ ଥିବା ଅଶୁଦ୍ଧିକୁ ଚିହ୍ନଟ କରାଯିବ। ତେଣୁ ଉପଯୁକ୍ତ ସଂଶୋଧନ କାର୍ଯ୍ୟର ଆବଶ୍ୟକତା ରହିଛି। ପିଲାଙ୍କ ଲେଖା ଉପଯୁକ୍ତ ଭାବରେ ସଂଶୋଧିତ ନହେଲେ, ପିଲାମାନେ ନିଜର ଭୁଲ୍ ଜାଣିପାରିବେ ନାହିଁ ଏବଂ ସେସବୁକୁ ସୁଧାରିବାର ସୁଯୋଗ ମଧ୍ୟ ପାଇବେ ନାହିଁ। ତେଣୁ ପର୍ଯ୍ୟାପ୍ତ ଲିଖନ ଅଭ୍ୟାସ ସହିତ ଉପଯୁକ୍ତ ସଂଶୋଧନର ଗୁରୁତ୍ୱକୁ ସ୍ୱୀକାର କରିବାକୁ ପଡ଼ିବ। ଉଭୟ ବିଷୟକୁ ଗୁରୁତ୍ୱର ସହିତ ସଂପାଦନ କଲେ ପିଲାମାନଙ୍କର ଲିଖନ ସାମର୍ଥ୍ୟ ବୃଦ୍ଧି ପାଇବା ସହିତ ଲିଖନର ଅଶୁଦ୍ଧି ମଧ୍ୟ ହ୍ରାସ ପାଇବ।

# ଆମେ ବ୍ୟବହାର କରୁଥିବା କେତେକ ଶବ୍ଦ ଓ ସେଗୁଡ଼ିକର ତ୍ରୁଟିଯୁକ୍ତ ରୂପ

ଭାଷା ଶିକ୍ଷାର ମୁଖ୍ୟ ଚାରୋଟି ଦକ୍ଷତା ହେଲା ଶ୍ରବଣ, କଥନ, ପଠନ ଓ ଲିଖନ । ସେ ମଧ୍ୟରୁ ଲିଖନକୁ ଏକ ବିଶିଷ୍ଟ ଦକ୍ଷତା ରୂପେ ଗ୍ରହଣ କରାଯାଏ । ପ୍ରଥମ ତିନୋଟି ଦକ୍ଷତାର ପ୍ରଭାବ ଲିଖନ ଉପରେ ପଡ଼ିଥାଏ । ଏଣୁ ଲିଖନ ଶିକ୍ଷାଦାନ ଆଗରୁ ଶ୍ରବଣ, କଥନ ଓ ପଠନରେ ଶିଶୁକୁ ଭଲଭାବେ ଅଭ୍ୟସ୍ତ କରାଯିବା ଉଚିତ । ଆଜିକାଲି ଭାଷାଶିକ୍ଷା ଉପରେ ଅଧିକ ଜୋର ଦିଆଯାଉନଥିବାରୁ ଛାତ୍ରଛାତ୍ରୀଙ୍କ ଲିଖନରେ ଅନେକ ତ୍ରୁଟି ଦେଖାଯାଉଛି । ସେମଧ୍ୟରୁ ଅଧିକାଂଶ ତ୍ରୁଟି ବର୍ଣ୍ଣାଶୁଦ୍ଧି ବା ଭୁଲ ବନାନ ଯୋଗୁଁ ହୋଇଥାଏ । କେବଳ ଛାତ୍ରଛାତ୍ରୀ କାହିଁକି ବୟସ୍କମାନଙ୍କର ମଧ୍ୟ ବନାନ ଭୁଲ୍ ଦେଖାଯାଇଥାଏ । ଭଲଭାବେ ଲକ୍ଷ୍ୟକଲେ ଆମ ନିତିଦିନିଆ ଜୀବନରେ ଏପରି ଅନେକ ବର୍ଣ୍ଣାଶୁଦ୍ଧିର ଉଦାହରଣ ପାଇପାରିବା । ବସ୍, ଟ୍ରେନରେ ଲେଖା ହୋଇଥିବା ବିଭିନ୍ନ ବିଜ୍ଞାପନ ଓ ବିଜ୍ଞପ୍ତି, ଘର, ଦୋକାନ, ଅଫିସ ସାମ୍ନାରେ ଲେଖାଥିବା ନାମ ଫଳକ, ରାସ୍ତାକଡର ବିଜ୍ଞାପନ ଫଳକ, ଖବର କାଗଜ ପୃଷ୍ଠାରେ ପ୍ରକାଶିତ ବିଜ୍ଞାପନ ଓ ଶିରୋନାମା, ପ୍ରାଚୀର ପତ୍ର ଓ ପ୍ରଚାରପତ୍ର ଏବଂ ନିମନ୍ତ୍ରଣ ପତ୍ର ଇତ୍ୟାଦିରେ ଥିବା ବନାନଗତ ତ୍ରୁଟି ଆମମାନଙ୍କ ବନାନକୁ ବିଭ୍ରାନ୍ତ କରିଥାଏ । ସାଧାରଣତଃ କେଉଁ ଶବ୍ଦଗୁଡ଼ିକ କେଉଁ କାରଣରୁ ତ୍ରୁଟିଯୁକ୍ତ ହୋଇଥାଏ, ଆମେ ଜାଣିବା ନିହାତି ଆବଶ୍ୟକ ।

ବ୍ୟାକରଣଗତ ଜ୍ଞାନର ଅଭାବ ଯଥା-ସନ୍ଧି, ସମାସ, ପ୍ରତ୍ୟୟର ନିୟମ ନ ଜାଣିବା, ବିଶେଷ୍ୟ-ବିଶେଷଣ ଏବଂ 'ଣତ୍ୱ'ବିଧି ଓ 'ଷତ୍ୱ'ବିଧିର ନିୟମ ନଜାଣିବା କାରଣରୁ ଆମ ଲେଖାରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥାଏ । ସେହିପରି କେତେକ ଶବ୍ଦରେ ଦ୍ୱିତ ରହିପାରେ ବା ନରହିପାରେ - ସେ ସଂପର୍କରେ ଅବହିତ ନ ହେବା କାରଣରୁ ତ୍ରୁଟି ଦେଖିବାକୁ ମିଳିଥାଏ । ଯଥା -

| | |
|---|---|
| ମାଧୁର୍ଯ | ମାଧୁର୍ଯ୍ୟ |
| କାର୍ଯ | କାର୍ଯ୍ୟ |
| ଅର୍ଚନା | ଅର୍ଚ୍ଚନା |
| ମୂର୍ଛନା | ମୂର୍ଚ୍ଛନା |
| ଅର୍ଜନ | ଅର୍ଜ୍ଜନ |
| କର୍ଣ | କର୍ଣ୍ଣ |
| ମୂର୍ତି | ମୂର୍ତ୍ତି |
| ସର୍ଦି | ସର୍ଦ୍ଦି |
| ଖୋର୍ଧା | ଖୋର୍ଦ୍ଧା |
| କର୍ମ | କର୍ମ୍ମ |
| ସୂର୍ଯ | ସୂର୍ଯ୍ୟ |
| ଦୁର୍ଲଭ | ଦୁର୍ଲ୍ଲଭ |

ବ୍ୟଞ୍ଜନ ବର୍ଣ୍ଣରେ ରେଫ ( ' ) ଲାଗିଲେ ବିକଳ୍ପରେ ବ୍ୟଞ୍ଜନର ଦ୍ୱିତ୍ୱ ହୁଏ ।

## ଶ୍ରବଣ, କଥନ ଓ ପଠନର ପ୍ରଭାବ :

ଆଗରୁ କୁହାଯାଇଛି ଯେ, 'ଲିଖନ' ଦକ୍ଷତା ଶିଶୁର ପ୍ରଥମ ତିନୋଟି ଦକ୍ଷତା ଯଥା- ଶ୍ରବଣ, କଥନ ଓ ପଠନ ଉପରେ ବହୁ ଭାବରେ ନିର୍ଭର କରିଥାଏ । ଶ୍ରବଣ, କଥନ ଓ ପଠନ ଦକ୍ଷତାର ଉପଯୁକ୍ତ ବିକାଶ ହୋଇନପାରିଲେ ଲିଖନ ତ୍ରୁଟିଯୁକ୍ତ ହୋଇଥାଏ ।

ଶ୍ରବଣ - ଶ୍ରବଣ ଶିଶୁ ପାଇଁ ପ୍ରଥମ ଭାଷାଗତ ଦକ୍ଷତା । ଶିଶୁଟିଏ ଭୂମିଷ୍ଠ ହେବା ପରଠାରୁ ନିଜ ପରିବାର ଓ ବନ୍ଧୁବାନ୍ଧବଙ୍କ ସ୍ନେହରେ ବନ୍ଧା ହୋଇଯାଏ । ପରିବାରରେ ବ୍ୟବହୃତ ଶବ୍ଦାବଳୀ ତା କାନରେ ପଡେ । ପରିବାରର ପିତାମାତା, ବନ୍ଧୁ ପରିଜନଙ୍କ ମୁହଁରେ ଉଚ୍ଚାରିତ ଶବ୍ଦ ଯଦି ତ୍ରୁଟିଯୁକ୍ତ ହୋଇଥାଏ, ତାହା ଶିଶୁକୁ ତ୍ରୁଟିଯୁକ୍ତ ଶବ୍ଦ ଶିଖାଇବାରେ ଦାୟୀ ହୁଏ, ଯାହା ପରବର୍ତ୍ତୀ ଅବସ୍ଥାରେ ବନାନକୁ ପ୍ରଭାବିତ କରିଥାଏ । ଠିକ୍ ସେହିପରି ଅସଂପୂର୍ଣ୍ଣ ଶ୍ରବଣ

ବା ବୋଧବିହୀନ ଶ୍ରବଣ ଯୋଗୁ ଛାତ୍ରଛାତ୍ରୀ ଶବ୍ଦଟିର ଗଠନ ପ୍ରକ୍ରିୟା ସହିତ ପରିଚିତ ହୁଅନ୍ତି ନାହିଁ। ଏହା ପରବର୍ତ୍ତୀ ଅବସ୍ଥାରେ ବନାନକୁ ପ୍ରଭାବିତ କରିଥାଏ।

କଥନ- କଥନ ଦ୍ୱିତୀୟ ଭାଷାଗତ ଦକ୍ଷତା। ଏହା ଶ୍ରବଣ ସହିତ ଅଙ୍ଗାଙ୍ଗିଭାବେ ଜଡିତ। ଭୁଲ୍ ଶ୍ରବଣ ଯୋଗୁଁ ଭୁଲ୍ କଥନ ହେବାର ସମ୍ଭାବନା ଥାଏ ଏବଂ ଭୁଲ୍ କଥନ ଯୋଗୁଁ ଭୁଲ୍ ଲିଖନ ହୋଇଥାଏ। ଆମର ଦୈନନ୍ଦିନ ଜୀବନରେ, କଥୋପକଥନ ବେଳେ ଆମେ ବେଳେବେଳେ 'ଭୁଲ୍ ଉଚ୍ଚାରଣ କରିଥାଉ। ତାହାର ପ୍ରଭାବ ସିଧାସଳଖ ଶ୍ରୋତା ଉପରେ ପଡେ। ଶିଶୁ ତାର ବନ୍ଧୁ ପରିଜନଙ୍କ ଭୁଲ୍ ଉଚ୍ଚାରଣ ଶୁଣିଶୁଣି ନିଜେ ମଧ୍ୟ ସେହି ଭୁଲ୍ କରିବସେ। ନିଜର ଉଚ୍ଚାରଣଗତ ତ୍ରୁଟି ତାର ବନାନକୁ ପ୍ରଭାବିତ କରିଥାଏ।

ପଠନ- ଛାତ୍ରଛାତ୍ରୀ ଦୈନନ୍ଦିନ ଜୀବନରେ ପାଠ୍ୟପୁସ୍ତକ ବାହାରେ ଆହୁରି ବହୁ ଜିନିଷ ପଢନ୍ତି। ଏସବୁ ଭିତରେ ରହିଛି ନାମ ଫଳକ, ବିଜ୍ଞାପନ ଫଳକ, ପ୍ରଚାର ପତ୍ର ଓ ପ୍ରାଚୀର ପତ୍ର, ସମ୍ବାଦପତ୍ର ପୃଷ୍ଠାର ତ୍ରୁଟିଯୁକ୍ତ ଶିରୋନାମା, ବିଜ୍ଞାପନ ଓ ବିଜ୍ଞପ୍ତି, ନିମନ୍ତ୍ରଣ ପତ୍ର, ବସ୍ ଟ୍ରେନରେ ଲେଖା ହୋଇଥିବା ବିଜ୍ଞାପନ ଓ ନିର୍ଦ୍ଦେଶାବଳୀ ଇତ୍ୟାଦିରେ ଥିବା ତ୍ରୁଟିଯୁକ୍ତ ଶବ୍ଦାବଳୀ। ଏପରିକି ଅସାବଧାନତା ଯୋଗୁଁ ପାଠ୍ୟ ପୁସ୍ତକରେ ମଧ୍ୟ ବେଳେବେଳେ ମୁଦ୍ରଣ ପ୍ରମାଦ ରହିଥାଏ। ଏପରି ପଠନ ସାମଗ୍ରୀର ବହୁଳ ପ୍ରୟୋଗ ଯୋଗୁଁ ଛାତ୍ରଛାତ୍ରୀଙ୍କ ବନାନ ପ୍ରଭାବିତ ହୋଇଥାଏ। ସେମାନେ ଯେଉଁସବୁ ଶବ୍ଦ ଆଖିରେ ଦେଖନ୍ତି, ତାର ଛବି ମନଭିତରେ ଆଙ୍କିହୋଇ ରହିଯାଏ। ଦୁର୍ଭାଗ୍ୟ ବଶତଃ ଯଦି ତ୍ରୁଟିଯୁକ୍ତ ଶବ୍ଦ ଆଖିରେ ବାରମ୍ବାର ପଡ଼େ, ତାହାର ପ୍ରଭାବ ତାଙ୍କ ଉପରେ ପଡ଼େ। ଲେଖିଲାବେଳେ ସେମାନେ ସେହି ତ୍ରୁଟିଯୁକ୍ତ ଶବ୍ଦର ପୁନରାବୃତ୍ତି କରନ୍ତି।

**କେତେକ କ୍ଷେତ୍ରରେ ବନାନର ଦୁଇ ପ୍ରକାର ରୂପ ସଂପର୍କରେ ସୂଚନା :**

କେତେକ କ୍ଷେତ୍ରରେ ବନାନର ଦୁଇ ପ୍ରକାର ରୂପ ହୋଇପାରେ। ଏହା ନିମ୍ନରେ ଆଲୋଚନା କରାଯାଉଛି।

ରେଫ ( ର୍ ) ଯୋଗେ ଦ୍ୱିତ୍ୱ ସଂପର୍କରେ :

କେତେକ ବ୍ୟଞ୍ଜନ ବର୍ଣ୍ଣରେ ରେଫ ( ର୍ ) ଲାଗିଲେ ସେହି ବର୍ଣ୍ଣର ଦ୍ୱିତ୍ୱ ହୋଇପାରେ, ନ ହୋଇପାରେ। ଏପରିସ୍ଥଳେ ଯେ କୌଣସି ରୂପେ ବନାନ

କଲେ ତାହା ଠିକ୍ ହୋଇଥାଏ । ସେହିପରି କେତେକ ଶବ୍ଦର ଉଦାହରଣ ତଳେ ଦିଆଗଲା ।

| | |
|---|---|
| ଅର୍ଚ୍ଚନା | ଅର୍ଚନା |
| ମୂର୍ଚ୍ଛନା | ମୂର୍ଛନା |
| ଅର୍ଜ୍ଜନ | ଅର୍ଜନ |
| କର୍ଣ୍ଣ | କର୍ଣ |
| ମୂର୍ତ୍ତି | ମୂର୍ତି |
| ସର୍ଦ୍ଦି | ସର୍ଦି |
| ଖୋର୍ଦ୍ଧା | ଖୋର୍ଧା |
| କର୍ମ୍ମ | କର୍ମ |
| ସୂର୍ଯ୍ୟ | ସୂର୍ଯ |

ଆଜିକାଲି ମୁଦ୍ରଣ ସୁବିଧା ପାଇଁ ଏବଂ କେତେକ କ୍ଷେତ୍ରରେ ବର୍ଣ୍ଣ ସଂସ୍କାର ସ୍ୱରୂପ ପାରୁପର୍ଯ୍ୟନ୍ତ ବର୍ଣ୍ଣର ଦ୍ୱିତ୍ୱ ପରିହାର କରିବାକୁ କୁହାଯାଉଛି । ଠିକ ସେହିପରି କେତେକ ଯୁକ୍ତାକ୍ଷରର ବିକଳ୍ପ ରୂପେ ଅନୁସ୍ୱାର ଯୋଗକରି ବନାନ କରାଯାଉଛି । ସ୍ୱରବର୍ଣ୍ଣମାନଙ୍କୁ ପାଞ୍ଚଟି ବର୍ଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ବର୍ଗରେ ପାଞ୍ଚଟି ଲେଖାଏଁ ବର୍ଣ୍ଣ ଅଛନ୍ତି ।

ଯଥା - କ ଖ ଗ ଘ ଙ - କ ବର୍ଗ

ଚ ଛ ଜ ଝ ଞ - ଚ ବର୍ଗ ଇତ୍ୟାଦି

ପ୍ରତ୍ୟେକ ବର୍ଗର ପ୍ରଥମ ଚାରୋଟି ବର୍ଣ୍ଣ ବର୍ଗାନ୍ତ ବର୍ଣ୍ଣ ସହିତ ଯୁକ୍ତ ହୋଇ ଯୁକ୍ତାକ୍ଷର ସୃଷ୍ଟି ହୁଏ ।

ଯଥା - ଙ୍+କ=ଙ୍କ

ଞ୍+ଚ=ଞ୍ଚ ଇତ୍ୟାଦି

ଏହିପରି କେତେକ ଯୁକ୍ତାକ୍ଷରକୁ ଅନୁସ୍ୱାର ଯୋଗେ ମଧ୍ୟ ପ୍ରକାଶ କରାଯାଇପାରେ । ଏହା ଆଜିକାଲି ଅଧିକରୁ ଅଧିକ ବ୍ୟବହାର ହେଲାଣି । ଏହିପରି ଶବ୍ଦ ସବୁର ଦୁଇପ୍ରକାର ରୂପ ଅଛି ।

ଉଦାହରଣ-

| ବର୍ଗାନ୍ତ ବର୍ଣ୍ଣ | ଯୁକ୍ତାକ୍ଷର/ଅନୁସ୍ୱାର ଯୁକ୍ତ ବିକଳ୍ପ |
|---|---|
| ଙ- | କଙ୍କଣ/କଂକଣ, ଶଙ୍ଖ/ଶଂଖ, ସଙ୍ଗୀତ/ସଂଗୀତ, ସଙ୍ଘ/ସଂଘ |
| ଞ- | ସଞ୍ଚୟ/ସଂଚୟ, ଚୁଞ୍ଚାଣ/ଚୁଂଚାଣ, ଜଞ୍ଜାଳ/ଜଂଜାଳ, ପଞ୍ଝା/ପଂଝା |
| ଣ- | କଣ୍ଟକ/କଂଟକ, କଣ୍ଠ/କଂଠ |
| ନ- | ସୁନ୍ଦର/ସୁଂଦର, ଧୁରନ୍ଧର/ଧୁରଂଧର |
| ମ- | ପମ୍ପା/ପଂପା, ଫମ୍ପା/ଫଂପା, ବାମ୍ଫ/ବାଂଫ, ମୁମ୍ବାଇ/ମୁଂବାଇ, ଶମ୍ଭୁ/ଶଂଭୁ |

**ଅନୁସ୍ୱାର ଦେଇ ଲେଖିବା ବେଳେ ସାଧାରଣ ତ୍ରୁଟି :**

ସ୍ୱରବର୍ଣ୍ଣକୁ ଅନୁସରଣ କରେ ବୋଲି ତାକୁ ଅନୁସ୍ୱାର କୁହାଯାଏ । `ଂ` ଅନୁସ୍ୱାର, `ଃ` ବିସର୍ଗ ଓ `ଁ` ଚନ୍ଦ୍ରବିନ୍ଦୁପରି ଏକ ଅଯୋଗବାହ ବର୍ଣ୍ଣ, ଯାହା ଅନ୍ୟ ସ୍ୱର ବା ବ୍ୟଞ୍ଜନ ବର୍ଣ୍ଣସହିତ ମିଳିତ ହୋଇପାରିବ । କିନ୍ତୁ ଏହା ସବୁବେଳେ ସ୍ୱରବର୍ଣ୍ଣକୁ ଅନୁସରଣ କରେ ।

ଯଥା- ଅଂଶ, ଆଂଶିକ, କିଂକର୍ତ୍ତବ୍ୟବିମୂଢ଼, ଇଦାନୀଂ, ଶୁଂଘିବା, ସାଂବାଦିକ, ମୀମାଂସା, ଅଭ୍ୟଂତର, ଅବଶ୍ୟଂଭାବୀ, ବ୍ୟଂଗ (ଅଶଂ, ଅାଂଶିକ, ସଂାବାଦିକ, ମୀମଂାସା, ଅଭ୍ୟଂତର, ଅବଶ୍ୟଂଭାବୀ, ବ୍ୟଂଗ, ହେବ ନାହିଁ)

**ରେଫ ଓ ଅନୁସ୍ୱାରଦେଇ ଲେଖିବା ବେଳେ ହେଉଥିବା ସାଧାରଣ ଭୁଲ :**

ରେଫ ( ର୍ ) ଓ ଅନୁସ୍ୱାର ( ଂ ) ବ୍ୟବହାରର ଗୋଟିଏ ବିଧି ରହିଛି । ସେଗୁଡିକ ହେଲା-

- ରେଫ ( ର୍ ) ସର୍ବଦା ଅକ୍ଷର ଉପରେ ଲାଗିବ, ମାତ୍ରା ଉପରେ ନୁହେଁ ।
  ଯଥା- ଦୁର୍ଗା (ଦୁର୍ଗା ନୁହେଁ)
- ରେଫ ( ର୍ ) ଏବଂ ର ( ୍ର ) ଫଳା ଉଭୟ `ର` ର ଏକ ଫଳା ହେଲେ ମଧ୍ୟ ସ୍ଥାନଭେଦରେ ବ୍ୟବହୃତ ହୁଏ । ବ୍ୟଞ୍ଜନବର୍ଣ୍ଣର ପୂର୍ବରେ ଯୁକ୍ତ ହେଲେ ତାହା ରେଫ ( ର୍ ) ହୁଏ, କିନ୍ତୁ ବ୍ୟଞ୍ଜନବର୍ଣ୍ଣର ପରେ ଯୁକ୍ତହେଲେ ତାହା ରଫଳା ( ୍ର ) ହୁଏ ।

ଯଥା- ଅ+ର୍+କ=ଅର୍କ କିନ୍ତୁ ଆ+କ୍+ର+ମ+ଣ=ଆକ୍ରମଣ ଠିକ୍ ସେମିତି

- ଅନୁସ୍ୱାର ସର୍ବଦା ସ୍ୱରବର୍ଣ୍ଣପରେ ବ୍ୟବହାର ହୋଇଥାଏ ଅଥବା (ସ୍ୱରବର୍ଣ୍ଣର ବିଭିନ୍ନ ମାତ୍ରା ପରେ ହିଁ ଅନୁସ୍ୱାର ଦିଆଯାଏ)

  ଯଥା-ଅମୀମାଂସିତ (ଅମୀମଂାସିତ ନୁହେଁ)

  ସାଂବାଦିକ (ସଂାବାଦିକ ନୁହେଁ)

- କ୍ୱଚିତ୍ ଏହା ଶେଷ ଅକ୍ଷରରେ ଲାଗିଥାଏ ।

  ଯଥା- ଇଦାନୀଂ (ସଂସ୍କୃତ ଶବ୍ଦ)

- ଇଂରାଜୀ ଶବ୍ଦକୁ ଓଡ଼ିଆରେ ଲେଖିଲାବେଳେ ଅନୁସ୍ୱାରପରେ ସର୍ବଦା ଡ ହୋଇଥାଏ ('ଡ଼' ନୁହେଁ)

  ଯଥା-କଂଡକ୍‌ଟର୍, କଂଡିସନ, ହେଂଡଲ ଇତ୍ୟାଦି ।

ଉକ୍ତ ବ୍ୟବହାର ବିଧି ଜାଣିନଥିଲେ ପାରିପାର୍ଶ୍ୱିକ ପ୍ରଭାବଯୋଗୁ ରେଫ ( ର୍ ) ଏବଂ ଅନୁସ୍ୱାର ( ଂ ) ବ୍ୟବହାରବେଳେ କେତେକ ସାଧାରଣ ଭୁଲ୍ ହୋଇଥାଏ ।

●●●

# ମଣିଷ ଲେଖେ କାହିଁକି

ମନର ଭାବ ପ୍ରକାଶ ପାଇଁ ଲେଖିବା ଏକ ବଳିଷ୍ଠ ମାଧ୍ୟମ । ଜଣେ ଯାହା ଜଣାଇବାକୁ ଚାହୁଁଛନ୍ତି, ତାହା ସେ ଏହି ଲେଖିବା କର୍ମ ମାଧ୍ୟମରେ ଭଲଭାବେ ଜଣାଇ ଥାଆନ୍ତି ଓ ତାଙ୍କର ମନୋଭାବକୁ ବୃହତ୍ତର ସମାଜ ପାଖରେ ପହଞ୍ଚାଇଥାଆନ୍ତି । କାରଣ, ଜଣେ ଲୋକ ମୌଖିକ ଭାବରେ କେବଳ ଗୋଟିଏ ଛୋଟ ପରିସରକୁ ହିଁ ତାଙ୍କ କଥା କହିପାରନ୍ତି । ତାହା ତାଙ୍କର ପରିବାର, କାର୍ଯ୍ୟାଳୟ କିମ୍ବା ସଭା ସମାବେଶ ହୋଇପାରେ । ମାତ୍ର ଅଧିକ ଲୋକଙ୍କ ପାଖରେ ତାଙ୍କର ମୌଖିକ ବକ୍ତବ୍ୟ ପହଞ୍ଚିବା ସମ୍ଭବ ନୁହେଁ । କାରଣ, ଯେଉଁ ଲୋକ ସେ ଭଦ୍ରଲୋକ କଥା କହୁଥିବାବେଳେ ସେ ସମାବେଶରେ ନଥିବେ, ସିଏ ତାଙ୍କ କଥା ଶୁଣି ପାରିବେ ନାହିଁ । ପୁଣି ସବୁ ଲୋକ କୌଣସି ଗୋଟିଏ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ରହିବା କେବେ ସମ୍ଭବ ନୁହେଁ । ଏହାଛଡ଼ା ସ୍ଥାନ-ସ୍ଥାନ ଭିତରେ ଭୌଗୋଳିକ ଦୂରତ୍ୱ ମଧ୍ୟ ରହିଛି । ଆମର ଏଠି ରାତି ହେଲା ବେଳକୁ ଆମେରିକାରେ ଦିନ, ସେଠାରେ ଦିନ ହେଲାବେଳକୁ ଆମର ଏଠି ରାତି । ଗୋଟିଏ ଦେଶ ଭିତରେ ମଧ୍ୟ ସ୍ଥାନ-ସ୍ଥାନ ଭିତରେ ଅନେକ ଦୂରତା । ତା ସତ୍ତ୍ୱେ ପୃଥିବୀର ଗୋଟିଏ ପ୍ରାନ୍ତରେ ଥିବା ଗୋଟିଏ ଦେଶର ଜନନାୟକ ଯାହା କହୁଛନ୍ତି ତାହା ସମ୍ବାଦପତ୍ର ଓ ପତ୍ରପତ୍ରିକା ମାଧ୍ୟମରେ ପୃଥିବୀର ଅନ୍ୟ ପ୍ରାନ୍ତରେ ଥିବା ଲୋକଙ୍କ ପାଖରେ ଆସି ପହଞ୍ଚି ପାରୁଛି । କାରଣ ସେମାନଙ୍କ ଭାଷଣ ଓ ବିବୃତିର ଲିଖିତ ରୂପ ପତ୍ରପତ୍ରିକାରେ ପ୍ରକାଶ ପାଉଛି । କେବଳ ସ୍ଥାନର ଦୂରତା ନୁହେଁ, ଲେଖିବା କାମ ମାଧ୍ୟମରେ ମଣିଷ ସମୟର ଦୂରତ୍ୱକୁ ସୁଦ୍ଧା ଅତିକ୍ରମ କରିପାରିଛି । ମହାତ୍ମା ଗାନ୍ଧି ୧୯୩୦ରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ବା ୧୯୪୭ ମସିହାର ଭାରତ ବିଭାଜନବେଳେ କ'ଣ କହିଥିଲେ, ତାହା ଆମେ ଆଜି ୨୦୦୮ରେ ପଢ଼ିପାରୁଛୁ । କାରଣ ସେସବୁ ସେ ସମୟର ପତ୍ରପତ୍ରିକା ଓ ବହିମାନଙ୍କରେ ପ୍ରକାଶ ପାଇଛି । ଏହାଦ୍ୱାରା ସମୟର ଦୂରତା ଅତିକ୍ରମ କରାଯାଇ ପାରିଛି । ସେହିପରି କିଛି ଲୋକ କେତେକ

ପରିସ୍ଥିତିରେ ଅନ୍ୟ ଲୋକ ପ୍ରତି ଭୟ ହେଉ ବା ସଙ୍କୋଚ ଯୋଗୁଁ ହେଉ, ତାଙ୍କ ଆଗରେ ନିଜ ମନର ଭାବକୁ କଥା ମାଧ୍ୟମରେ ପ୍ରକାଶ କରି ପାରନ୍ତି ନାହିଁ। ସେତେବେଳେ ସେ ଲେଖିବାର ସହାୟତା ଲୋଡ଼ନ୍ତି। ସେଇ ମହାତ୍ମା ଗାନ୍ଧିଙ୍କ ଜୀବନର ଗୋଟିଏ ଉଦାହରଣ ନିଆଯାଉ। ପିଲାଦିନେ ମହାତ୍ମା ଗାନ୍ଧି ସାଙ୍ଗମେଳରେ ପଡ଼ି ମାଂସାହାର କରିଥିଲେ। ତାଙ୍କ ରକ୍ଷଣଶୀଳ ପରିବାର ପାଇଁ ଏହା ନିଷିଦ୍ଧ ଥିଲା। ସେହିପରି ସଙ୍ଗଦୋଷରେ ପଡ଼ି ସେ ଘରୁ ଖଣ୍ଡିଏ ସୁନା ଚୋରି କରିଥିଲେ। ଏଥିପାଇଁ ସେ ଗଭୀର ଅନୁତାପ କରିଥିଲେ। ସେ ଚାହୁଁଥିଲେ ତାଙ୍କ ବାପାଙ୍କ ନିକଟରେ ଏକଥା କହି ସେ ପ୍ରାୟଶ୍ଚିତ୍ତ କରିବେ । ମାତ୍ର ଭୟ ଓ ସଙ୍କୋଚ ହେତୁ ଏସବୁ ସେ ତାଙ୍କ ବାପାଙ୍କୁ କହିପାରି ନଥିଲେ। ଶେଷରେ ସେ ଖଣ୍ଡିଏ ଚିଠି ଲେଖି ତାଙ୍କର ଦୋଷ ସ୍ୱୀକାର କରିଥିଲେ ଓ ବାପାଙ୍କ ଠାରୁ କ୍ଷମା ମାଗିଥିଲେ। ତେଣୁ ମନର ସଙ୍କୋଚଭାବ ଅତିକ୍ରମ କରିବା ପାଇଁ ମଧ୍ୟ ଲେଖିବା କାମ ସାହାଯ୍ୟ କରେ। ମୋଟାମୋଟି ଭାବେ ନିମ୍ନଲିଖିତ ଚାରିଟି କଥା ପାଇଁ ଆମେ ଲେଖିଥାଉ :

୧. ବୃହତ୍ତର ଜନ ସମୁଦାୟ ପାଖେ ପହଞ୍ଚିବାର ଆଗ୍ରହ

୨. ସମୟର ଦୂରତା ଅତିକ୍ରମ

୩. ସ୍ଥାନର ଦୂରତା ଅତିକ୍ରମ

୪. ସଙ୍କୋଚ ଭାବର ଅତିକ୍ରମ

ଏହାଛଡ଼ା ଯେଉଁମାନେ ଲେଖିବା କାମକୁ ନିଜ ନିଜର ପେସା ଭାବେ ଗ୍ରହଣ କରିଛନ୍ତି, ସେମାନେ ଲେଖନ୍ତି। ତାହା ତାଙ୍କର ବୃତ୍ତି। ନିଜର ସର୍ଜନଶୀଳ ଚିନ୍ତାଧାରାର ପରିପ୍ରକାଶ ପାଇଁ କବି, କଥାକାର, ଔପନ୍ୟାସିକ, ନାଟ୍ୟକାର ଓ ପ୍ରବନ୍ଧଲେଖକ ଯଥାକ୍ରମେ କବିତା, କଥା, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ଲେଖନ୍ତି। ମଣିଷ ଇତିହାସର ଯେଉଁ ବିପୁଳ ସାରସ୍ୱତ ରାଶି ଆଜି ଆମ ପାଖେ ରହିଛି ତାହା ଏଇମାନଙ୍କର ସାଧନାର ଫଳ। ତେଣୁ ଲେଖିବା କାମଟି ଆମ ଜୀବନର ଅପରିହାର୍ଯ୍ୟ ଅଙ୍ଗ ହୋଇପଡ଼ିଛି। ଗୃହାଙ୍ଗନର ସୀମାବଦ୍ଧ ଇଲାକାରୁ ନେଇ ଦପ୍ତର, ବ୍ୟବସାୟସ୍ଥଳ, ସଂସଦ ଓ ଜାତିସଂଘ ସବୁ କ୍ଷେତ୍ରରେ ଏହାର ପ୍ରୟୋଜନ ଅଛି।

## ଭାବ ପ୍ରକାଶରେ ଲିଖନର ଗୁରୁତ୍ୱ :

ଆମେମାନେ କଥା କହିବାବେଳେ ଯେଉଁ ଶବ୍ଦରାଜି ବ୍ୟବହାର କରୁ, ଲେଖିଲାବେଳେ ସେପରି ଭାବ ପ୍ରକାଶ କରୁନାହୁଁ। ପୁଣି କଥା କହିବା ବେଳେ ଆମେ ସର୍ବଦା ସମ୍ପୂର୍ଣ୍ଣ ବାକ୍ୟ କହିବା ଦରକାର ପଡ଼େନାହିଁ। ଅନେକ କ୍ଷେତ୍ରରେ ଖଣ୍ଡବାକ୍ୟରେ କାମ ଚଳିଯାଏ। ତାହାର କାରଣ ହେଉଛି, ଆମେ କଥା କହିବାବେଳେ ଆମର ଭାବଭଙ୍ଗୀ ଓ ଘଟଣାର ପୂର୍ବାପର ପ୍ରସଙ୍ଗ ଶବ୍ଦ ଓ ବାକ୍ୟରେ ରହିଥିବା ଅସଂପୂର୍ଣ୍ଣତାକୁ ସଂପୂର୍ଣ୍ଣ କରିଥାଏ। ଧରାଯାଉ, ଜଣେ ବନ୍ଧୁ ବସ୍‌ଷ୍ଟାଣ୍ଡରେ ଠିଆ ହୋଇଛନ୍ତି। ତାଙ୍କୁ ଅନ୍ୟଜଣେ ବନ୍ଧୁ ଇସାରାରେ ପଚାରିଲେ, 'କୁଆଡ଼େ ଯାଉଛ ?' ସେ କେବଳ ଗୋଟିଏ ଶବ୍ଦ କହିଲେ, 'ରାଉରକେଲା'। ଏହି ଗୋଟିଏ ଶବ୍ଦରୁ ସେ ବନ୍ଧୁ ବୁଝିଗଲେ ଯେ, ଭଦ୍ରଲୋକ ରାଉରକେଲା ଯାଉଛନ୍ତି। ସେଠାରେ ପୂର୍ଣ୍ଣ ବାକ୍ୟ 'ମୁଁ ରାଉରକେଲା ଯାଉଅଛି' କହିବାର ପ୍ରୟୋଜନ ନାହିଁ। ମାତ୍ର ଲେଖିଲାବେଳେ ତାଙ୍କୁ ପୂର୍ଣ୍ଣବାକ୍ୟ ଲେଖିବାକୁ ପଡ଼ିପାରେ। ସେହିପରି କଥୋପକଥନର ଭାଷାରେ ସ୍ଥାନୀୟତାର ବେଶି ପ୍ରଭାବ ଥାଏ। ଜଣେ ପିତା ତାଙ୍କ ପୁତ୍ରକୁ ଖଣ୍ଡିଏ ଚିଠି ଲେଖିବେ। ସେଥିରେ ସେ ପିତା-ପୁତ୍ର ଉଭୟ ବୁଝୁଥିବା ଭାଷା ଓ ଶବ୍ଦ ବ୍ୟବହାର କରିବେ। ଯଦି ସେ ସମ୍ବଲପୁରର ବାସିନ୍ଦା ହୋଇଥିବେ, ତେବେ ତାଙ୍କ କଥାରେ ସମ୍ବଲପୁରୀ ଶବ୍ଦ ରହିବ, ବ୍ରହ୍ମପୁରର ବାସିନ୍ଦା ହୋଇଥିଲେ ସେଠିକାର ଶବ୍ଦ ରହିବ ଏବଂ ବାଲେଶ୍ୱରର ବାସିନ୍ଦା ହୋଇଥିଲେ ସେଠିକାର ଶବ୍ଦ ରହିବ। ମାତ୍ର ସେହି ପିତା ଯେତେବେଳ ସମାଜର ଜଣେ ସଚେତନ ନାଗରିକ ଭାବେ ନିଜ ଗ୍ରାମର କୌଣସି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦରଖାସ୍ତ ଲେଖିବେ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସମ୍ବାଦପତ୍ର ସଂପାଦକଙ୍କୁ ଖଣ୍ଡିଏ ପତ୍ର ଲେଖିବେ, ସେତେବେଳେ ସେ ପୁଅକୁ ଲେଖିଥିବା ଢଙ୍ଗରେ ତାହା ଲେଖିବେ ନାହିଁ। ତାଙ୍କର ବାକ୍ୟ ପୂର୍ଣ୍ଣ ବାକ୍ୟ ହେବ ଓ ସେ ଏଭଳି ଶବ୍ଦ ବ୍ୟବହାର କରିବେ, ଯାହା ପ୍ରଶାସନ ଓ ସାଧାରଣ ପାଠକ ବୁଝିପାରିବେ। ବାକ୍ୟ ସରଳ ଓ ଭାବ ପରିଚ୍ଛନ୍ନ ହେଲେଯାଇ, ଲେଖକର କଥା ବୃହତ୍ତର ସମାଜ ବୁଝିପାରେ।

ଆଉ ଗୋଟିଏ କଥା, ଆମେ କହିବାବେଳେ ଆମର ଉଚ୍ଚାରଣ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ସେଠାରେ ବନାନ ଗୁରୁତ୍ୱପୂର୍ଣ୍ଣ ହୁଏ ନାହିଁ। 'ଦ'ରେ ହ୍ରସ୍ୱଇକାର

`ଢି' ଓ `ଦ'ରେ `ଈ' କାର `ଦୀ'ର ଉଚ୍ଚାରଣ ଏକାପ୍ରକାର ଶୁଭିପାରେ, ମାତ୍ର ଅର୍ଥ ଅଲଗା। `ଦୀନ' ଅର୍ଥ ଦରିଦ୍ର, `ଦିନ' ଅର୍ଥ ଦିବସ। ଜଣେ କହିବାବେଳେ ଦିନ ମଜୁରିଆ କି ଦୀନ ମଜୁରିଆ କହିଲେ କଥାଟା ଠିକ୍ ଭାବେ ବୁଝା ହେବ ନାହିଁ, ମାତ୍ର `ଦିନ ମଜୁରିଆ' ବୋଲି ଲେଖିଦେଲେ ତା'ର ଅର୍ଥ ହେବ, ଦିନ ସାରା କାମ କରି ମୂଲ ମଜୁରି ଯୋଗାଡ଼ କରୁଥିବା ଲୋକ ଓ `ଦୀନ ମଜୁରିଆ' ଲେଖିଲେ ତାର ଅର୍ଥ ହେବ ଦିନ ଦରିଦ୍ର ମଜୁରିଆ। ସେମିତି `ଦୀନନାଥ' ଅର୍ଥ ଦରିଦ୍ରଙ୍କ ନାଥ ଓ `ଦିନନାଥ' ଅର୍ଥ ସୂର୍ଯ୍ୟ। କଥିତ ଭାଷାରେ ଭୁଲ୍ ରହିଲେ, ତାହାର ପ୍ରଭାବ ଅସ୍ଥାୟୀ ଏବଂ ଅଧିକାଂଶ କ୍ଷେତ୍ରରେ ସୀମିତ। ମାତ୍ର ଲିଖିତ ଭାଷାରେ ଭୁଲ୍ ରହିଗଲେ ତାହାର ଅର୍ଥ ଭିନ୍ନ ହୋଇଯାଏ। `ଦିନନାଥ' ଓ `ଦୀନନାଥ' ପରି କେତେକ ସମୋଚ୍ଚାରିତ ଶବ୍ଦ ଅଛି, ଯାହାର ଅର୍ଥ ଭିନ୍ନ ଭିନ୍ନ। ଯେପରି `କୁଳ' ଓ `କୂଳ'। ପ୍ରଥମଟିର ଅର୍ଥ ବଂଶ ଓ ଦ୍ୱିତୀୟଟିର ଅର୍ଥ ନଈ ବା ସମୁଦ୍ରର ଗୋଟିଏ ପାର୍ଶ୍ୱ। ଯଥା ନଦୀକୂଳ, ସମୁଦ୍ରକୂଳ। ସେହିପରି ଆଉ କେତେକ ଶବ୍ଦର ଉଦାହରଣ ନିଆଯାଇପାରେ।

**କୃତି (କାର୍ଯ୍ୟ) ଓ କୃତୀ (କୃତକର୍ମା)**

(କ) `ପରଜା' ଗୋପୀନାଥ ମହାନ୍ତିଙ୍କର ଏକ ପ୍ରଧାନ **କୃତି**।

(ଖ) ଉତ୍କଳମଣି ଗୋପବନ୍ଧୁ ଥିଲେ ଓଡ଼ିଶାର **କୃତୀ** ସନ୍ତାନ।

**ଗୁଣି (ତନ୍ତ୍ରବିଦ୍ୟା) ଓ ଗୁଣୀ (ଗୁଣବାନ୍)**

(କ) **ଗୁଣ** ଜାଣିଥିବା ଲୋକକୁ ଗୁଣିଆ କହନ୍ତି।

(ଖ) ସେ ଜଣେ **ଗୁଣୀ** ବ୍ୟକ୍ତି।

**ଜାତ (ଜନ୍ମପ୍ରାପ୍ତ) ଓ ଯାତ (ଯାତରା)**

(କ) ପଦ୍ମ ପଙ୍କରୁ **ଜାତ** ବୋଲି ତା ନାଁ ପଙ୍କଜ।

(ଖ) ଚାଲ, **ଯାତ** ଦେଖି ଯିବା।

**ଟିକା (ରୋଗ ପ୍ରତିଷେଧକ ଟିକା) ଓ ଟୀକା (ବିଶଦ ବ୍ୟାଖ୍ୟା)**

(କ) ମୁଁ ବି.ସି.ଜି. **ଟିକା** ନେଇଛି।

(ଖ) ମୁଁ ଭାଗବତର ଖଣ୍ଡେ **ଟୀକା** କିଣିଛି।

**ନା (ନାହିଁ) ଓ ନାଁ (ନାମ)**

(କ) **ନା**, ମୁଁ କଟକ ଯିବି ନାହିଁ।

(ଖ) ମୋ ନାଁ ରାମଚନ୍ଦ୍ର ଦାସ ।

**ପୁରା (ପ୍ରାଚୀନ) ଓ ପୂରା (ସଂପୂର୍ଣ୍ଣ)**

(କ) **ପୁରା**କାଳରେ ଲୋକମାନେ ତାଳପତ୍ରରେ ଲେଖୁଥିଲେ ।

(ଖ) ଦେହ ଖରାପ ଥିବାରୁ ସେ **ପୂରା** ମାସଟା ଛୁଟିରେ ରହିଲା ।

**ପ୍ରସାଦ (ଦେବତାଙ୍କୁ ନିବେଦିତ ଦ୍ରବ୍ୟ) ଓ ପ୍ରାସାଦ (ବଡ଼ ଅଟ୍ଟାଳିକା)**

(କ) ଭକ୍ତଟିଏ ମନ୍ଦିରରେ **ପ୍ରସାଦ** ଖାଇଲା ।

(ଖ) ଧନୀ ଲୋକମାନେ ନିଜ ପାଇଁ **ପ୍ରାସାଦ** ନିର୍ମାଣ କରନ୍ତି ।

**ବଳି (ସୁବିଖ୍ୟାତ ଦୈତ୍ୟରାଜ, ଯଜ୍ଞାଦି ଉପଲକ୍ଷରେ ହନ୍ତବ୍ୟ ପ୍ରାଣୀ) ଓ ବଳୀ (ବଳଶାଳୀ)**

କ) ବର୍ତ୍ତମାନ ଦେବୀପୀଠଗୁଡ଼ିକରେ **ବଳି**ପ୍ରଥାର ଉଚ୍ଛେଦ ପାଇଁ ଜନ ଆନ୍ଦୋଳନ ମୁଣ୍ଡ ଟେକିଛି ।

ଖ) ମହା**ବଳୀ** ଭୀମ ଗଦାଯୁଦ୍ଧରେ ଅଜେୟ ଥିଲେ ।

**ନିତି (ପ୍ରତିଦିନ) ଓ ନୀତି (ନିୟମ)**

(କ) ଦୈନିକ ଖବର କାଗଜ **ନିତ**ଦିନ ପ୍ରକାଶ ପାଏ ।

(ଖ) ମିଛ କହିବା ଗାନ୍ଧୀଙ୍କର **ନୀତ** ବିରୁଦ୍ଧ ଥିଲା ।

**ଲକ୍ଷ (ଶହେ ହଜାର) ଓ ଲକ୍ଷ୍ୟ (ଉଦ୍ଦେଶ୍ୟ)**

(କ) ରଥ ଯାତ୍ରାକୁ ଲକ୍ଷ **ଲକ୍ଷ** ଯାତ୍ରୀ ଯାଆନ୍ତି ।

(ଖ) ଭଲ ମଣିଷ ହେବା ସମସ୍ତଙ୍କର ମୂଳ **ଲକ୍ଷ୍ୟ** ହେବା ଉଚିତ ।

ଏହିପରି ଅନେକ ଶବ୍ଦ ରହିଛି । ଲେଖିଲାବେଳେ ଶବ୍ଦର ବନାନ ଭୁଲ୍ ହେଲେ ବାକ୍ୟର ଅର୍ଥ ବଦଳିଯିବ ।

ସେହିପରି ଆଉ କେତେକ କ୍ଷେତ୍ରରେ ଆମେ ଭୁଲ୍ ଲେଖୁଥିଲେ ବି ସେଗୁଡ଼ିକ ଭୁଲ୍ ବୋଲି ଆମେ ଜାଣୁନା । ହୁଏତ ସ୍କୁଲରେ ପଢ଼ିବାବେଳେ ଆମକୁ କେହି ଭୁଲ୍ ଶବ୍ଦ ଶିଖେଇଛି ଓ ତାହା ଆମ ମନରେ ରହିଯାଇଛି । ରାସ୍ତାଘାଟରେ ଦେଖୁଥିବା ପ୍ରାଚୀରପତ୍ର, ବହି ଓ ପତ୍ରପତ୍ରିକାରେ ମଧ୍ୟ ଭୁଲ୍ ହେଉଛି । ସେହିଠାରୁ ଜଣେ ଦେଖି ନିଜେ ଲେଖିବାବେଳେ ସମାନ ଭୁଲ୍ କରିପାରେ । ଭୁବନେଶ୍ୱର ସହରରେ ପ୍ରାୟ ଅନେକ ଜାଗାରେ ଏ ସହରର ଭୁଲ୍ ବନାନ ଦେଖିବାକୁ ମିଳେ । ଏହାର ବନାନ 'ଭୁବନେଶ୍ୱର' ହେଲେ ମଧ୍ୟ ଅନେକ ଏହାକୁ 'ଭ'ରେ

ଦୀର୍ଘ `ଊ` କାର ଦେଇ `ଭୂବନେଶ୍ୱର` ବୋଲି ଲେଖନ୍ତି । ଭୁବନର ଈଶ୍ୱର `ଭୁବନେଶ୍ୱର` । ଏହା `ଭୂବନେଶ୍ୱର` ନୁହେଁ । `ହାର୍ଦ୍ଦିକ` ଶବ୍ଦକୁ କେହି କେହି ନଜାଣିପାରି `ହାର୍ଦ୍ଧିକ` ବୋଲି ଲେଖୁଅଛନ୍ତି । `ଦାରିଦ୍ର୍ୟତା` ଓ `ଉତ୍କର୍ଷତା` ପରି ଭୁଲ୍ ଶବ୍ଦ ତ ଅନେକ ସ୍ଥାନରେ ଦେଖିବାକୁ ମିଳୁଅଛି । ସେହିପରି କେତେକ ଭୁଲ୍ ଶବ୍ଦ, ଯାହାର ବାରମ୍ବାର ଦୃଷ୍ଟିକଟୁ ଓ ଶ୍ରୁତିକଟୁ ବ୍ୟବହାର ଆମେ ଦେଖିବାକୁ ବା ଶୁଣିବାକୁ ପାଉଛୁ, ତାହାର ଉଦାହରଣ ଏଠାରେ ଦିଆଗଲା । ଏହାର ବଡ଼ କାରଣ ଆମର ଉଚ୍ଚାରଣଗତ ତ୍ରୁଟି । ଆମ ଭାଷାରେ ଉଭୟ `ି` ହ୍ରସ୍ୱ `ଇ` ଓ `ୀ` ଦୀର୍ଘ `ଈ` କାର, `ୁ` ହ୍ରସ୍ୱ `ଉ` ଓ `ୂ` ଦୀର୍ଘ `ଊ` କାରର ଉଚ୍ଚାରଣ ଭିନ୍ନ ହେଲେ ମଧ୍ୟ ସାଧାରଣତଃ ଲୋକମାନେ ଏକାପ୍ରକାର ଉଚ୍ଚାରଣ କରିଥାଆନ୍ତି । `ଶ`, `ଷ` ଓ `ସ`ର ଉଚ୍ଚାରଣ ପ୍ରାୟ ସମାନ । ସ ବ୍ୟବହୃତ ଶବ୍ଦରେ ବେଶି ଭୁଲ୍ ହୁଏ । ଓଡ଼ିଶାର କେତେକ ଅଞ୍ଚଳର ଲୋକ ଶବ୍ଦଟିଏ ଉଚ୍ଚାରଣ ବେଳେ ଶେଷ ଅକ୍ଷରରେ ହଳନ୍ତ ଲାଗିଲା ଭଳି କହିଥାନ୍ତି । ଯଥା `କଟକ`କୁ `କଟକ୍` ଓ `ଭୁବନେଶ୍ୱର` କୁ `ଭୋବନେଶର` ବୋଲି ଏହି ଲୋକମାନେ କହିଥାଆନ୍ତି । ଅନେକ ଲୋକ `ଅକ୍ଷୁଣ୍ଣ`କୁ `ଅକ୍ଷୁର୍ଣ୍ଣ` ଓ `ବିଷଣ୍ଣ`କୁ `ବିଷର୍ଣ୍ଣ` ବୋଲି ଉଚ୍ଚାରଣ କରିଥାଆନ୍ତି । ଏ ଯୋଡ଼ିକଯାକ ଶବ୍ଦରେ `ରେଫ`ର କୌଣସି ଉପସ୍ଥିତି ନାହିଁ । ତେଣୁ `ଅକ୍ଷୁଣ୍ଣ` ଠିକ୍ । ଶବ୍ଦର ବ୍ୟୁତ୍ପତ୍ତି ବିଷୟରେ ଧାରଣା ନଥିଲେ, ଏପରି ହେବାର ଆଶଙ୍କା ଥାଏ । ସେମିତି ପୁତ୍ର ନଥିବା ପିତାକୁ `ଅପୁତ୍ରକ` କୁହାଯାଏ, ଅପୁତ୍ରିକ ନୁହେଁ । ଅଭାବ ବା ନିଅଣ୍ଟ ପରିସ୍ଥିତିକୁ `ଅନଟନ` କୁହାଯାଏ, ଅନାଟନ ନୁହେଁ । ତଳେ ଏହିପରି ବହୁଳ ପ୍ରଚଳିତ କେତେକ ଭୁଲ୍ ଶବ୍ଦ ଓ ତା ଡାହାଣରେ ତାର ଠିକ୍ ରୂପ ଦିଆଗଲା ।

| **ଅଶୁଦ୍ଧ** | **ଶୁଦ୍ଧ** |
|---|---|
| ଅପଦସ୍ତ | ଅପଦସ୍ଥ |
| ଅଦ୍‌ଭୁତପୂର୍ବ | ଅଭୂତପୂର୍ବ |
| ଅବଶୋଷ | ଅବସୋସ |
| ଅମୀୟ | ଅମିୟ |
| ଅହର୍ନିଶି | ଅହର୍ନିଶ |
| ଆଧ୍ୟାତ୍ମ | ଆଧ୍ୟାତ୍ମିକ |

| ଅର୍ଣ | ଅନ୍ନ |
|---|---|
| କାଳନ୍ଦୀ | କାଳିନ୍ଦୀ |
| ଦାରିଦ୍ରତା | ଦାରିଦ୍ରତା/ଦାରିଦ୍ର୍ୟ |
| ଦୁରାବସ୍ଥା | ଦୁରବସ୍ଥା |
| ଦୂର୍ଗା | ଦୁର୍ଗା |
| ଦ୍ୱନ୍ଦ | ଦ୍ୱନ୍ଦ୍ୱ |
| ନିର୍ଦ୍ଧନୀ | ନିର୍ଦ୍ଧନ |
| ପର୍ଯ୍ୟବେସିତ | ପର୍ଯ୍ୟବସିତ |
| ପୁଷ୍ପାଞ୍ଜଳୀ | ପୁଷ୍ପାଞ୍ଜଳି |
| ପୂଜ୍ୟାସ୍ପଦ | ପୂଜାସ୍ପଦ |
| ପୂଣ୍ୟ | ପୁଣ୍ୟ |
| ପୌରହିତ୍ୟ | ପୌରୋହିତ୍ୟ |
| ବ୍ରତପୋନୟନ | ବ୍ରତୋପନୟନ |
| ବିରୁଦ୍ଧରେ | ବିରୋଧରେ |
| ଭୌଗଳିକ | ଭୌଗୋଳିକ |
| ମିନତୀ | ମିନତି |
| ମୂଖ୍ୟମନ୍ତ୍ରୀ | ମୁଖ୍ୟମନ୍ତ୍ରୀ |
| ଯାତାୟତ | ଯାତାୟାତ |
| ରଶ୍ମୀ | ରଶ୍ମି |
| ରହସ୍ୟାବୃତ୍ତ | ରହସ୍ୟାବୃତ |
| ଲବ୍ଧପ୍ରତିଷ୍ଠିତ | ଲବ୍ଧପ୍ରତିଷ୍ଠ |
| ଶତୃ | ଶତ୍ରୁ |
| ଶ୍ରଦ୍ଧାଞ୍ଜଳୀ | ଶ୍ରଦ୍ଧାଞ୍ଜଳି |
| ସମ୍ମାନୀୟ | ସମ୍ମାନନୀୟ |
| ସାହାସ | ସାହସ |
| ସାହର୍ଯ୍ୟ | ସାହାଯ୍ୟ |
| ସୌଜନ୍ୟତା | ସୌଜନ୍ୟ |

# ଲିଖନ ଶୁଦ୍ଧତା ସମ୍ପର୍କରେ ଆଉ କିଛି କଥା

ସାଧାରଣତଃ କଥା କହିଲାବେଳେ ଯେଉଁ ଭାଷା ଆମକୁ ତ୍ରୁଟିଶୂନ୍ୟ ମନେହୁଏ, ଲେଖି ସାରିବା ପରେ ସେଥିରେ କେତେକ ତ୍ରୁଟି ପରିଲକ୍ଷିତ ହୋଇଥାଏ ।

କଥିତ ଭାଷାର ତ୍ରୁଟି ଅସ୍ଥାୟୀ ଓ ଅଦୃଶ୍ୟ ହୋଇଥିବାବେଳେ, ଲିଖିତ ଭାଷାର ତ୍ରୁଟି ସ୍ଥାୟୀ ଓ ସୁଦୂରପ୍ରସାରୀ ହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି କହିଲେ- ``ମୁଁ ନଦୀକୁ ଯାଉଥିଲି । ବାଟରେ ରବୀନ୍ଦ୍ର ଦେଖାହେଲା । ରବୀନ୍ଦ୍ର ଏକ ପତ୍ରିକା ସମ୍ପାଦକ ଅଟେ । ସେହି ପତ୍ରିକାର ନାଁ ପୁନର୍ମିଳନ । ଗୋଲୋକ ବାବୁ ତାହାର ମୁଖ୍ୟ ଉପଦେଷ୍ଟା ।`` ବ୍ୟକ୍ତିଜଣକ ଏତିକି କହିବା ମଧ୍ୟରେ ସାଧାରଣତଃ ସେ କ'ଣ ଭୁଲ୍ କହୁଛନ୍ତି, ତାହା ଜାଣି ହୁଏନାହିଁ । କିନ୍ତୁ, ସେହି ବ୍ୟକ୍ତିଙ୍କୁ ସେ ଉଚ୍ଚାରଣ କରିଥିବା ବାକ୍ୟଗୁଡ଼ିକ ଲେଖିବାକୁ କୁହାଗଲା ଏବଂ ସେ ଲେଖିଲେ - ``ମୁଁ ନଦିକୁ ଗାଧେଇ ଯାଉଥିଲି । ବାଟରେ ରବିନ୍ଦ୍ର ଦେଖାହେଲା । ରବିନ୍ଦ୍ର ଏକ ପତ୍ରୀକା ସମ୍ପାଦକ ଅଟେ । ସେହି ପତ୍ରୀକାର ନା ପୁର୍ନମିଳନ । ଗୋଲକ ବାବୁ ତାହାର ମୂଖ୍ୟ ଉପଦେଷ୍ଟା ।``

ଏକା ବ୍ୟକ୍ତିଙ୍କର କଥିତ ଭାଷା ଓ ଲିଖିତ ଭାଷା ମଧ୍ୟରେ କେତେ ତଫାତ୍, ତାହା ପ୍ରୋକ୍ତ ଉଦାହରଣରୁ ଜଣାପଡ଼େ । କଥିତ ଭାଷା ବକ୍ତାର ବକ୍ତବ୍ୟକୁ ଶ୍ରୋତା ନିକଟରେ ପହଞ୍ଚାଇ ଦିଏ ଓ ପବନରେ ମିଳେଇଯାଏ । କିନ୍ତୁ ଲିଖିତ ଭାଷା ସ୍ଥାୟୀ ହୋଇ ରହିଯାଏ ଏବଂ ଏକାଧିକ ବ୍ୟକ୍ତିଙ୍କୁ ପ୍ରଭାବିତ କରିଥାଏ । ଏପରିକି ଛାପା ଅକ୍ଷରର ଲେଖାକୁ ସାଧାରଣ ଭାବେ ମାନକ ଭାଷା ବୋଲି ଲୋକେ ଗ୍ରହଣ କରୁଥିବାରୁ, ସେଥିରେ ଥିବା ତ୍ରୁଟି ଉଭୟ ଜାତି ଓ ଭାଷା ପାଇଁ କ୍ଷତିକାରକ ଅଟେ ।

ସେହିପରି କହିଲାବେଳେ ଆମେ କହୁ ``ସେ ପଚରାପଚରି କରି ତାଙ୍କ ଘର ଠିକଣା ପାଇଗଲେ ।`` ଏହି ବାକ୍ୟରେ କିଛି ଭୁଲ୍ ଆମକୁ ଜଣାପଡ଼େ

ନାହିଁ। କିନ୍ତୁ ଯଦି ଜଣେ ଏହି ବାକ୍ୟଟି ଏହିପରି ଲେଖେ - ସେ ପଚରା ପଚରି କରି ତାଙ୍କ ଘର ଠିକଣା ପାଇଗଲେ। ତେବେ ଏଥିରେ ଥିବା ତ୍ରୁଟି ଲକ୍ଷ୍ୟ କରନ୍ତୁ। ଏଠାରେ ପଚରା ଓ ପଚରି ଦୁଇଟି ଶବ୍ଦ ପରି ଛାଡ଼ିଛାଡ଼ି ଲେଖାଯାଇଛି। ଏହାର ଅର୍ଥ କିଛି ବୁଝା ପଡୁଛି କି ? ତେଣୁ ଏହିପରି କେତେକ ଶବ୍ଦ ଲେଖିବା ବେଳେ ତାହା ଦୁଇଟି ଶବ୍ଦ ପରି ମନେ ହେଉଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଅର୍ଥରେ ତାକୁ ଗୋଟିଏ ଶବ୍ଦ ପରି ଲେଖିବା। ଯଥା- ମୁହୁର୍ମୁହୁଃ, ଖାଉଖାଉ, ଯାଉଯାଉ, ପଚାସଢ଼ା, ପଚରାପଚରି, କୁହାବୋଲା, ଡକାହକା, କହିକହି, ଗାଇଗାଇ ଇତ୍ୟାଦି।

ଓଡ଼ିଆରେ ଆମେ ସାଧାରଣତଃ `କର୍ଣ୍ଣ` ଓ `କର୍ଣ୍ଣର`କୁ ଏକାପରି ଲେଖୁ।

କିନ୍ତୁ ଏକ ସରଳ ସୂତ୍ର ମନେରଖିବାକୁ ପଡ଼ିବ- କର୍ଣ୍ଣ ଏକ ଓଡ଼ିଆ ଶବ୍ଦ ଅଥଚ କର୍ଣ୍ଣର- ଏକ ଇଂଲିଶ୍ ଶବ୍ଦ।

ତେଣୁ ଯେଉଁ ଇଂଲିଶ୍ ଶବ୍ଦରେ `rn` ଲାଗିଥିବ ଯଥା- Corner, Modern, Horn ସେଠାରେ `ର୍ଣ୍ଣ` ପରିବର୍ତ୍ତେ `ର୍ନ` ଲେଖିବା ଠିକ। ଯଥା-

❖ କର୍ନର୍, ବର୍ନର, ଗଭର୍ନର, ଜର୍ନାଲ୍, କର୍ନେଲ୍, ମର୍ନିଂ, ହର୍ନ, ଅର୍ନାମେଂଟ୍, ଟୁର୍ନାମେଂଟ୍, ପପ୍‌କର୍ନ, ବାର୍ନିସ୍, ଫର୍ନେସ, ମଡର୍ନ

ସେହିପରି ଇଂଲିଶ୍ ଶବ୍ଦରେ `ng` ଥିଲେ, ଆମେ `ଙ୍ଗ` ନ`ଲେଖି `ଅକ୍ଷରରେ ଅନୁସ୍ୱାର` ଦେବା ଠିକ୍।

ଯଥା-Driving-ଡ୍ରାଇଭିଙ୍ଗ୍ ନ`ଲେଖି ଲେଖିବା, ଡ୍ରାଇଭିଂ

❖ ରଂ ନଂବର୍, ମିଟିଂ, ସିଟିଂ, କଲିଂ ବେଲ୍, ବେଡିଂ, ଲଜିଂ, ବ୍ଲିଚିଂ, ରିଟର୍ନିଂ ଅଫିସର୍, ପ୍ରିଜାଇଡିଂ ଅଫିସର, ସୁଇମିଂ ପୁଲ୍

ମନେରଖିବା, ଇଂରାଜୀ ବା ଯେ କୌଣସି ବିଦେଶୀ ଶବ୍ଦକୁ ଓଡ଼ିଆରେ ଲେଖିବା ବେଳେ ଇଂଲିଶ୍ ଓ ରୁଷିଆ ଶବ୍ଦକୁ ବାଦ୍ ଦେଇ ଅନ୍ୟସବୁଠାରେ କେବଳ ସ ବ୍ୟବହାର କରିବା। ଉଚିତ ହେବ। ଯଥା-

❖ କେସ୍, ରେସ୍, ଡ୍ରେସ୍, ମେସ୍, ବେସ୍, ସେସ୍, ଫ୍ରେସ୍, ବସ୍, ସସ୍, ପାସ୍, କିସ୍, ଡିସ୍, ଫିସ୍, ମିସ୍, ଜୁସ୍, ବୁସ୍, ଗ୍ରୋସ୍, ମିସନ୍, ଫେସନ୍, ସେସନ୍, ସାଇଡ୍, ସାଟିଂ, ସୁଟିଂ, ସିଟିଂ, ସିଂଗଲ୍, ସିଂପଲ୍, ସେଆର୍, ମିସନାରି, ସେଲୁନ, ନର୍ସ, ନର୍ସରି, ପର୍ସ, ହର୍ସପାୱାର, ପର୍ସନାଲ୍

ଓଡ଼ିଆରେ `ଡ` ଓ `ଡ଼`ର ବ୍ୟବହାର ଅଛି । କିନ୍ତୁ ପ୍ରାୟ ଲେଖିବାବେଳେ କେତେକ କେବଳ `ଡ` ଲେଖନ୍ତି । ତେଣୁ ମନେ ରଖିବାକୁ ପଡ଼ିବ- କୌଣସି ଶବ୍ଦର ଆରମ୍ଭରେ `ଡ` ଥିଲେ ତାହା `ଡ` ଲେଖାଯିବ । କିନ୍ତୁ `ଡ` ଅକ୍ଷରଟି ଶବ୍ଦର ମଝିରେ ଥିଲେ ତାହା `ଡ଼` ହେବ । ଯଥା-

ଡ : ଡଙ୍କା, ଡକାୟତ, ଡର, ଡାକ, ଡାଳ, ଡାଲା, ଡାଲି, ଡକ୍ଟର, ଡଙ୍ଗା, ଡିରେକ୍ଟର୍

ଡ଼ : ବଡ଼, ଝଡ଼, ଛାଡ଼, ମାଡ଼, ହାଡ଼, ଭିଡ଼ିବା, ନୀଡ଼, ହିଡ଼, ପୀଡ଼ା, ଗୁଡ଼, ଗୋଡ଼, ପାହାଡ଼, ଶଗଡ଼, ସଡ଼କ, ପଡ଼ା, ଘୋଡ଼ା, କୁକୁଡ଼ା, ଉଖୁଡ଼ା, ପାଖୁଡ଼ା, ବାଡ଼ି, ଚୁଡ଼ି, ଦଉଡ଼ି, ପଗଡ଼ି, ହାତୁଡ଼ି, ନଡ଼ିଆ, ପଡ଼ିଆ, ଓଡ଼ିଆ, କୁହୁଡ଼ି

ସେହିପରି ଶବ୍ଦର ପ୍ରଥମରେ `ଢ` ଥିଲେ ତାହା `ଢ` ଲେଖାଯିବ, ମଝିରେ ଥିଲେ ତା `ଢ଼` ହେବ । ଯଥା-

ଢ : ଢଗ, ଢଙ୍ଗ, ଢଳିବା, ଢାବଲ, ଢାଳ, ଢାଳିବା, ଢାଲୁ, ଢଳେଇ, ଢିପ, ଢିଲା, ଢେର୍, ଢୋକ, ଢୋଲ, ଢୋଳାଇବା

ଢ଼ : କଢ଼, ଗଢ଼ିବା, ଚଢ଼ିବା, ବାଢ଼ିବା, ବଢ଼ିବା, ଗାଢ଼, ଗୂଢ଼, ମୂଢ଼, ଗୁଢ଼ି, ବଢ଼ା, ଶଢ଼ା, ପିଁଢ଼ା, ବୁଢ଼ା, ବେଢ଼ା, ଦାଢ଼ି, ବଢ଼ି, ମାଢ଼ି, ଶାଢ଼ି, ବୁଢ଼ୀ, ସଢ଼ୁ, ଅଢ଼େଇ, ବଢ଼େଇ

ର ଫଳା (୍ର) ବ୍ୟବହାର କଲାବେଳେ `ର` ଫଳାଟି କେଉଁଠି ରହୁଛି, ସେ ସଂପର୍କରେ ସତର୍କ ନ'ହେଲେ ଭୁଲ୍ ହୋଇଯାଏ ।

ଉଦାହରଣ ସ୍ୱରୂପ `ଛାତ୍ରାବାସ`-ଏହା ସାଧାରଣ ଆଖିକୁ ଠିକ୍ ଲାଗିପାରେ। କିନ୍ତୁ `ଆ` ବା ଦୀର୍ଘ `ଈ` କାର ପରେ `୍ର` ର ଫଳା ଦେବା ଭୁଲ୍। ତେଣୁ-

ଛାତ୍ରାବାସ, ଗ୍ରାମ, ଛାତ୍ରୀ, କ୍ରୀଡ଼ା, ଖ୍ରୀଷ୍ଟାବ୍ଦ, ଗ୍ରୀଷ୍ମ, ଗ୍ରୀବା, ତ୍ରାଣକର୍ତ୍ତା, ପ୍ରାଥମିକ, କ୍ରୋଧ, ସାମଗ୍ରୀ, ଘ୍ରାଣ, ଡ୍ରାମା, ନିଦ୍ରା, ପ୍ରାଣ, ପ୍ରୀତି, ଭ୍ରାତା, ସମ୍ରାଟ୍, ବିଶ୍ରାମ, ଶ୍ରୀ, ପରିସ୍ରା, ସ୍ରୋତ, ହ୍ରାସ।

ସେହିପରି ରେଫ ଚିହ୍ନ (ର୍)ଟି ଦେବାବେଳେ ଆମେ ମଧ୍ୟ ସତର୍କ `ନ` ହେଲେ ଭୁଲ୍ ହେବାର ସମ୍ଭାବନା ଥାଏ- ଉଦାହରଣ- ଦୁଗା ଓ ଦୁର୍ଗା।

ଏହି ଶବ୍ଦ ଦୁଇଟି ସାଧାରଣ ଭାବେ ଠିକ ଲାଗୁଥିଲେ ମଧ୍ୟ ପ୍ରଥମ ଶବ୍ଦଟି ଭୁଲ୍।

ତେଣୁ ସବୁବେଳେ ଅକ୍ଷରଟିରେ ରେଫ ଦେଇ ସାରିବାପରେ ହିଁ `ଆ` କାର ବା ଦୀର୍ଘ `ଈ` କାର ଦିଆଯାଇପାରେ। ଯଥା -

ଦୁର୍ଗା, ନିର୍ଘାତ, ଚର୍ଚ୍ଚା, ମୂର୍ଚ୍ଛା, ନିର୍ଣ୍ଣାୟକ, କର୍ତ୍ତା, ଅର୍ଥାତ୍, ଦୁର୍ନାମ, ଦୁର୍ନୀତି, ଦୁର୍ବାର, ପୁନର୍ବାର, ଗର୍ବୀ, କର୍ମୀ, ଚତୁର୍ଥୀ, ବିଦ୍ୟାର୍ଥୀ, ଦୁର୍ଭାବନା, ନିର୍ମାଣ, ନିର୍ଲୋଭ, ବର୍ଷା, ମର୍ଯ୍ୟାଦା।

+++

## ସାଧାରଣତଃ ବନାନ ଭୁଲ୍ ହେଉଥିବା କେତେକ ଶବ୍ଦ ଓ ସେଗୁଡିକର ଶୁଦ୍ଧରୂପ

# ଅ

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅଙ୍କୁର/ଅଙ୍କୃର | ଅଙ୍କୁର |
| ଅଖୀଳ | ଅଖିଳ |
| ଅଗ୍ନିହୋତ୍ରି | ଅଗ୍ନିହୋତ୍ରୀ |
| ଅଗ୍ରୀମ | ଅଗ୍ରିମ |
| ଅଙ୍ଗାଙ୍ଗୀଭାବ | ଅଙ୍ଗାଙ୍ଗିଭାବ |
| ଅଙ୍ଗିକାର | ଅଙ୍ଗୀକାର |
| ଅର୍ଚନା | ଅର୍ଚ୍ଚନା |
| ଅଜାଣତା | ଅଜାଣତ |
| ଅଣଶୁଧିଆ | ଅଣଶୁଦ୍ଧିଆ |
| ଅଣ୍ଡିରିଚଣ୍ଡୀ | ଅଣ୍ଡିରୀଚଣ୍ଡୀ/ଅଣ୍ଡିରାଚଣ୍ଡୀ |
| ଅଞ୍ଜଳୀ | ଅଞ୍ଜଳି |
| ଅତରଦାନୀ | ଅତରଦାନି |
| ଅତିବଢ଼ି | ଅତିବଡୀ |
| ଅଧମନ୍ନ | ଅଧମର୍ଣ୍ଣ |
| ଅଧସ୍ଥନ | ଅଧସ୍ତନ |
| ଅଧିକାଶଂ | ଅଧିକାଂଶ |
| ଅଧିଷ୍ଠାତ୍ରି | ଅଧିଷ୍ଠାତ୍ରୀ |
| ଅଧିନ | ଅଧୀନ |
| ଅଧୀନସ୍ଥ | ଅଧୀନ |
| ଅଧିକ୍ଷକ | ଅଧୀକ୍ଷକ |
| ଅଧକ୍ଷ | ଅଧ୍ୟକ୍ଷ |
| ଅର୍ଦ୍ଧରାତ୍ରି | ଅର୍ଦ୍ଧରାତ୍ର |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅଧଗତି | ଅଧୋଗତି |
| ଅଧଗାମି | ଅଧୋଗାମୀ |
| ଆଧ୍ୟାତ୍ମ | ଅଧ୍ୟାତ୍ମ |
| ଅଧ୍ୟାତ୍ମିକ | ଆଧ୍ୟାତ୍ମିକ |
| ଅନାଟନ | ଅନଟନ |
| ଅନସନ | ଅନଶନ |
| ଅନୋନ୍ୟପାୟ୍ୱ | ଅନନ୍ୟୋପାୟ୍ୱ |
| ଅନୁସୁୟା/ଅନସୁୟା | ଅନସୂୟା |
| ଅନାଥିନୀ | ଅନାଥା |
| ଅନାବଶ୍ୟକୀୟ | ଅନାବଶ୍ୟକ |
| ଅନାହୁତ | ଅନାହୂତ |
| ଅନିର୍ବାର୍ଯ୍ୟ | ଅନିବାର୍ଯ୍ୟ |
| ଅନୀଷା/ଅନିସା | ଅନିଷା |
| ଅନୁକୁଳ | ଅନୁକୂଳ |
| ଅର୍ଣ୍ଣ | ଅନ୍ନ |
| ଅର୍ଣ୍ଣପୂର୍ଣ୍ଣା | ଅନ୍ନପୂର୍ଣ୍ଣା |
| ଅର୍ନ୍ତଦୃଷ୍ଟି | ଅନ୍ତର୍ଦୃଷ୍ଟି |
| ଅନ୍ତର୍ଯ୍ୟାମି | ଅନ୍ତର୍ଯାମୀ |
| ଅନ୍ତରିକ୍ଷ | ଅନ୍ତରୀକ୍ଷ |
| ଅନ୍ତସାରଶୁନ୍ୟ | ଅନ୍ତଃସାରଶୂନ୍ୟ |
| ଅନ୍ତସତ୍ତ୍ୱା | ଅନ୍ତଃସତ୍ତ୍ୱା |
| ଅନ୍ତସ୍ଥଳ | ଅନ୍ତଃସ୍ଥଳ |
| ଅନୁଚ୍ଛେଦ | ଅନୁଚ୍ଛେଦ |
| ଅନୁଶରଣ | ଅନୁସରଣ |
| ଅନୁବାଦିତ | ଅନୂଦିତ |
| ଅନ୍ୟାନ୍ୟମାନେ | ଅନ୍ୟମାନେ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅନ୍ୟ ମାନେ | ଅନ୍ୟମାନେ |
| ଅନ୍ୟୁନ | ଅନ୍ୟୂନ |
| ଅପଦସ୍ତ | ଅପଦସ୍ଥ |
| ଅପରାହ୍ନ | ଅପରାହ୍ଣ |
| ଅପର୍ନା | ଅପର୍ଣ୍ଣା (ପାର୍ବତୀ, ଉମା) |
| ଅପୁତ୍ରିକ | ଅପୁତ୍ରକ |
| ଅବଗତାର୍ଥେ | ଅବଗତ୍ୟର୍ଥେ |
| ଅବତିର୍ଣ୍ଣ | ଅବତୀର୍ଣ୍ଣ |
| ଅବସ୍ତା | ଅବସ୍ଥା |
| ଅର୍ବାଚିନ | ଅର୍ବାଚୀନ |
| ଅବଧୁତ | ଅବଧୂତ |
| ଅବଶୋଷ | ଅବସୋସ (ଯାବନିକ 'ଅଫସୋସ୍'ରୁ ଆସିଛି) |
| ଅଭିନେତାଗଣ | ଅଭିନେତୃଗଣ |
| ଅବିଭାବକ | ଅଭିଭାବକ |
| ଅଭିମାନି | ଅଭିମାନୀ |
| ଅଭିସେକ | ଅଭିଷେକ |
| ଅଭିଷ୍ଟ | ଅଭୀଷ୍ଟ |
| ଅଭୁତପୂର୍ବ | ଅଭୂତପୂର୍ବ |
| ଅଭ୍ୟନ୍ତରିଣ | ଅଭ୍ୟନ୍ତରୀଣ/ଆଭ୍ୟନ୍ତରୀଣ |
| ଅମର୍ଷି | ଅମର୍ଷୀ |
| ଅମୀୟୃ | ଅମିୟୃ |
| ଅରୁଣୀମା | ଅରୁଣିମା |
| ଅଶିତି | ଅଶୀତି (ଅଶି ସଂଖ୍ୟା) |
| ଅଶ୍ଲିଳ | ଅଶ୍ଳୀଳ |
| ଅଷ୍ଟବକ୍ର | ଅଷ୍ଟାବକ୍ର |
| ଅଶ୍ୱସ୍ତି | ଅସ୍ୱସ୍ତି (ମନର ଅଶାନ୍ତି) |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅହର୍ନିଶି | ଅହର୍ନିଶ |
| ଅହୋରାତ୍ରି | ଅହୋରାତ୍ର |
| ଅକ୍ଷୁର୍ଣ୍ଣ/ଅକ୍ଷୁର୍ଣ୍ଣ | ଅକ୍ଷୁଣ୍ଣ |
| ଅଲମ୍ପିକ୍ | ଅଲିମ୍ପିକ୍ |
| ଅଧୋପତନ | ଅଧଃପତନ |
| ଅନ୍ତେଷ୍ଟି | ଅନ୍ତ୍ୟେଷ୍ଟି |
| ଅନ୍ଧିଭୂତ | ଅନ୍ଧୀଭୂତ |
| ଅନ୍ନବ | ଅର୍ଣ୍ଣବ |

## ଆ

| | |
|---|---|
| ଆଇ | ଆଈ |
| ଆଇଁସ | ଆଇଁଷ |
| ଆଉଁଷିବା | ଆଉଁଶିବା |
| ଆକଣ୍ଠ ପର୍ଯ୍ୟନ୍ତ | ଆକଣ୍ଠ/କଣ୍ଠ ପର୍ଯ୍ୟନ୍ତ |
| ଆକାଂଖ୍ୟା | ଆକାଙ୍କ୍ଷା |
| ଆକୂଳ | ଆକୁଳ |
| ଆଖ୍ୟାଇକା | ଆଖ୍ୟାୟିକା |
| ଆଗାମି | ଆଗାମୀ |
| ଆଚ୍ଛନ୍ନ | ଆଚ୍ଛନ୍ନ |
| ଆଡ଼ରୁଶା | ଆତରୁଷା |
| ଆତତାଇ | ଆତତାୟୀ |
| ଆତିଶଯ୍ୟତା | ଆତିଶଯ୍ୟ |
| ଆତିଶଜ୍ୟ | ଆତିଶଯ୍ୟ |
| ଆର୍ତ | ଆର୍ତ୍ତ |
| ଆଧିକ୍ୟତା | ଆଧିକ୍ୟ |
| ଆଧ୍ୟାତ୍ମ | ଅଧ୍ୟାତ୍ମ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଆନିତ | ଆନୀତ |
| ଆନୁଗତ୍ୟତା | ଆନୁଗତ୍ୟ |
| ଆନୁସଙ୍ଗିକ | ଆନୁଷଙ୍ଗିକ |
| ଆପତ୍କାଳିନ | ଆପଦ୍କାଳୀନ |
| ଆପୋଷ | ଆପୋସ (ଯାବନିକ 'ଆପସ୍' ଶବ୍ଦରୁ ଆସିଛି) |
| ଆବଶ୍ୟକୀୟ | ଆବଶ୍ୟକ |
| ଆବଶ୍ୟକୀୟତା | ଆବଶ୍ୟକତା |
| ଆବାହ୍ମାନ | ଆବହ୍ମାନ |
| ଆବାଲ୍ୟରୁ | ଆବାଲ୍ୟ |
| ଆବିର୍ଭୁତ | ଆବିର୍ଭୂତ |
| ଆବିସ୍କାର | ଆବିଷ୍କାର |
| ଆବୃତି | ଆବୃତ୍ତି (ମୁଖସ୍ଥ ବିଷୟର ପାଠ) |
| ଆମଦାନୀ | ଆମଦାନି |
| ଆମାସୟ | ଆମାଶୟ |
| ଆଲମାରୀ | ଆଲମାରି |
| ଆଲଗ୍ନି | ଆଲଗ୍ନୀ |
| ଆରତୀ | ଆରତି |
| ଆୟୁତ୍ତକ୍ଷେତ୍ର | ଆୟୃତକ୍ଷେତ୍ର |
| ଆୟୃତାଧୀନ | ଆୟତ୍ତ/ଅଧୀନ |
| ଆର୍ଯୁବେଦ | ଆୟୁର୍ବେଦ |
| ଆଶୀଷ | ଆଶିଷ |
| ଆଶିର୍ବାଦ | ଆଶୀର୍ବାଦ |
| ଆସ୍ତା | ଆସ୍ଥା |
| ଆର୍ନ୍ତଜାତିକ | ଆନ୍ତର୍ଜାତିକ |
| ଆନୁକୁଲ୍ୟ | ଆନୁକୂଲ୍ୟ |
| ଆୟୁସ୍ମାନ | ଆୟୁଷ୍ମାନ୍ |

| ଅଶୁଦ୍ଧ | ଶୁଦ୍ଧ |
|---|---|

## ଈ

| | |
|---|---|
| ଇଚ୍ଛା | ଇଚ୍ଛା |
| ଇତଃସ୍ତତଃ | ଇତସ୍ତତଃ |
| ଇତିବୃତ୍ତି | ଇତିବୃତ୍ତ |
| ଇନ୍ଦ୍ରପ୍ରସ୍ତ | ଇନ୍ଦ୍ରପ୍ରସ୍ଥ |
| ଇପ୍‌ସିତ | ଈପ୍‌ସିତ |
| ଇପ୍ସିତା | ଇପ୍ସିତା |
| ଇଲିସି | ଇଲିଶି |
| ଇଶାନ | ଈଶାନ |
| ଇଶ୍ୱର | ଈଶ୍ୱର |
| ଇର୍ଷା | ଈର୍ଷା |
| ଇହା | ଈହା |
| ଇକ୍ଷିତ | ଈକ୍ଷିତ |

## ଉ

| | |
|---|---|
| ଉଚିତ୍ | ଉଚିତ |
| ଉସ୍ଥୃଙ୍ଖଳ | ଉଚ୍ଛୃଙ୍ଖଳ |
| ଉଚ୍ଛିଷ୍ଟ | ଉଚ୍ଛିଷ୍ଟ |
| ଉଜ୍ଜ୍ୱଳମୟ | ଉଜ୍ଜ୍ୱଳ/ଔଜ୍ଜ୍ୱଲ୍ୟମୟ |
| ଉଜ୍ୱଳ | ଉଜ୍ଜ୍ୱଳ |
| ଉର୍ଜସ୍ୱଳ | ଉର୍ଜ୍ଜସ୍ୱଳ |
| ଉଢ଼ | ଉଢ଼ |
| ଉଣା | ଊଣା |
| ଉଣାଇଶ | ଊଣାଇଶ/ଊଣେଇଶ |
| ଉତ୍‌କିର୍ଣ୍ଣ | ଉତ୍‌କୀର୍ଣ୍ଣ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଉତପ୍ତ | ଉତ୍ତପ୍ତ |
| ଉନ୍ନନାଭ | ଉର୍ଣ୍ଣନାଭ |
| ଉତାପ | ଉତ୍ତାପ |
| ଉତ୍ପିଡ଼ିତ | ଉତ୍ପୀଡ଼ିତ |
| ଉତ୍ତମର୍ଣ୍ଣ | ଉତ୍ତମନ୍ନ |
| ଉତ୍ତିର୍ଣ୍ଣ | ଉତ୍ତୀର୍ଣ୍ଣ |
| ଉତୁଙ୍ଗ | ଉତ୍ତୁଙ୍ଗ |
| ଉତେଜିତ | ଉତ୍ତେଜିତ |
| ଉତୋଳନ | ଉତ୍ତୋଳନ |
| ଉତ୍ୟକ୍ତ | ଉତ୍ତ୍ୟକ୍ତ |
| ଉତ୍ପତି | ଉତ୍ପତ୍ତି |
| ଉତ୍କର୍ଷ୍ୟ | ଉତ୍କର୍ଷତା/ଔତ୍କର୍ଷ୍ୟ |
| ଉତ୍ସର୍ଗିକୃତ | ଉତ୍ସର୍ଗୀକୃତ |
| ଉଦ୍‌ଗୀରଣ | ଉଦ୍‌ଗିରଣ |
| ଉଦାସିନ | ଉଦାସୀନ |
| ଉଦିଚି | ଉଦୀଚୀ |
| ଉଦ୍‌ବୃଦ୍ଧ | ଉଦ୍‌ବୁଦ୍ଧ |
| ଉଦ୍‌ଭୁତ | ଉଦ୍‌ଭୂତ |
| ଉଦ୍ୟମି | ଉଦ୍ୟମୀ |
| ଉଦ୍‌ଯୋଗି | ଉଦ୍‌ଯୋଗୀ |
| ଉଦୀପକ | ଉଦ୍ଦୀପକ |
| ଉଦେଶ୍ୟ | ଉଦ୍ଦେଶ୍ୟ |
| ଉର୍ଦ୍ଧ୍ୱ | ଊର୍ଦ୍ଧ୍ୱ |
| ଉର୍ଣ୍ଣୟନ | ଉନ୍ନୟନ |
| ଉର୍ଣ୍ଣୀତ | ଉନ୍ନୀତ |
| ଉନ୍ମତ | ଉନ୍ମତ୍ତ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଉନ୍ମିଳନ | ଉନ୍ମୀଳନ |
| ଉପକାରୀତା | ଉପକାରିତା |
| ଉପକାରି | ଉପକାରୀ |
| ଉର୍ମି | ଊର୍ମି |
| ଉର୍ମିଳା | ଊର୍ମିଳା |
| ଉପଜିବୀ | ଉପଜୀବୀ |
| ଉପଯୋଗୀତା | ଉପଯୋଗିତା |
| ଉପରୋକ୍ତ | ଉପର୍ଯ୍ୟୁକ୍ତ |
| ଉପାଧୀ | ଉପାଧି |
| ଉପ୍ରଧ | ଉପ୍ରୋଧ (ବନ୍ଧୁତ୍ୱଖାତିରି) |
| ଉଲାସ | ଉଲ୍ଲାସ |
| ଉଲିଖିତ | ଉଲ୍ଲିଖିତ |
| ଉଷ୍ଣିଷ | ଉଷ୍ଣୀଷ (ପଗଡ଼ି, ମୁକୁଟ) |
| ଉର୍ଦ୍ଧ୍ୱ | ଊର୍ଦ୍ଧ୍ୱ |
| ଉହ୍ୟ | ଊହ୍ୟ |

## ଏ

| | |
|---|---|
| ଏକକାଳିନ | ଏକକାଳୀନ |
| ଏକଚ୍ଛତ୍ର | ଏକଚ୍ଛତ୍ର |
| ଏକତ୍ରିତ | ଏକତ୍ର |
| ଏକାକି | ଏକାକୀ |
| ଏକାଦଶି | ଏକାଦଶୀ |
| ଏକିକରଣ | ଏକୀକରଣ |
| ଏତଦ୍ୱାରା | ଏତଦ୍ଦ୍ୱାରା |
| ଏବେବି/ଏବେମଧ୍ୟ | ଏବେ ବି, ଏବେ ମଧ୍ୟ |

| ଅଶୁଦ୍ଧ | ଶୁଦ୍ଧ |
|---|---|

## ଐ

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଐକ୍ୟତା | ଐକ୍ୟ/ଏକତା |
| ଐକ୍ୟତାନ | ଐକତାନ |
| ଐତିହ୍ | ଐତିହ୍ୟ |
| ଐଶାଣ୍ୟ | ଐଶାନ୍ୟ |
| ଐହ୍ୟିକ | ଐହିକ |

## ଓ

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଓଢ଼ଣ | ଓଢ଼ଣି |
| ଓତଃପ୍ରୋତଃ | ଓତପ୍ରୋତ |
| ଓଜଃସ୍ୱିନୀ | ଓଜସ୍ୱିନୀ |
| ଓଜସ୍ୱି | ଓଜସ୍ୱୀ |
| ଔଚିତ୍ୟତା | ଔଚିତ୍ୟ |

## କ

| ଅଶୁଦ୍ଧ | ଶୁଦ୍ଧ |
|---|---|
| କଁଅଳ | କଅଁଳ |
| କଇଞ୍ଚି | କଇଁଚି |
| କଚେରୀ | କଚେରି/କଚିରି |
| କଜ୍ଜ୍ୱଳ | କଜ୍ଜଳ, କଜଳ, କଜ୍ଜ୍ୱଳ |
| କଟୁକ୍ତି | କଟୂକ୍ତି |
| କଠିଣ | କଠିନ |
| କଣ୍ଠିରବ | କଣ୍ଠୀରବ |
| କର୍ତୃପକ୍ଷ | କର୍ତ୍ତୃପକ୍ଷ |
| କର୍ଣ | କର୍ଣ୍ଣ |
| କନିଷ୍ଟ | କନିଷ୍ଠ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| କୋପଳକଳ୍ପିତ | କପୋଳକଳ୍ପିତ |
| କବୟୃତ୍ରୀ | କବୟିତ୍ରୀ (ନାରୀ କବି) |
| କସ୍ତୁରି | କସ୍ତୁରୀ |
| କଶାଘାତ | କଷାଘାତ |
| କମଳିନି | କମଳିନୀ |
| କଳଶ | କଳସ |
| କଳୁସ | କଳୁଷ |
| କଲ୍ଲୋଳିନି | କଲ୍ଲୋଳିନୀ |
| କାର୍ପଣ୍ୟତା | କାର୍ପଣ୍ୟ |
| କାର୍ତିକେୟ | କାର୍ତ୍ତିକେୟ |
| କାରିଗରୀ | କାରିଗରି |
| କାଳିନ୍ଦି, କାଳନ୍ଦି, କାଳନ୍ଦୀ | କାଳିନ୍ଦୀ |
| କାଳୀଦାସ | କାଳିଦାସ |
| କାଳିସୀ | କାଳଶି(ଦେବୀ) |
| କିଆରୀ | କିଆରି |
| କିରିଟି/କିରିଟୀ | କିରୀଟୀ |
| କିପାଂ | କିଂପା/କିମ୍ପା |
| କିମ୍ବଦନ୍ତୀ | କିଂବଦନ୍ତି/କିଂବଦନ୍ତୀ |
| କିଷଳୟ | କିଶଳୟ/କିସଳୟ |
| କ୍ରିଡ଼ା | କ୍ରୀଡ଼ା |
| କ୍ରିଡ଼ନକ | କ୍ରୀଡ଼ନକ |
| କ୍ରିତଦାସ | କ୍ରୀତଦାସ |
| କୀଟଦଂଷ୍ଟ | କୀଟଦଷ୍ଟ |
| କିର୍ତ୍ତୀ | କୀର୍ତ୍ତି |
| କିଦୃଶ | କୀଦୃଶ |
| କୁଟୀଳ | କୁଟିଳ |

| ଅଶୁଦ୍ଧ | ଶୁଦ୍ଧ |
| --- | --- |
| କୁତୁହଳ | କୁତୂହଳ |
| କୃଦ୍ଧ | କ୍ରୁଦ୍ଧ (କ୍ରୋଧାନ୍ୱିତ) |
| କ୍ରୁର/କୃର | କ୍ରୂର |
| କୃଛୁ | କୃଚ୍ଛ୍ର |
| କୁତ୍ରିମ | କୃତ୍ରିମ |
| କୃତ୍ୟକୃତ୍ୟ | କୃତକୃତ୍ୟ |
| କୃତୀତ୍ୱ | କୃତିତ୍ୱ |
| କୃତୀ | କୃତି(କାର୍ଯ୍ୟ) |
| କୃତି | କୃତୀ(କର୍ତ୍ତା) |
| କୃତିବାସ | କୃତ୍ତିବାସ |
| କୃତି ଛାତ୍ର | କୃତୀ ଛାତ୍ର |
| କାର୍ପଣ୍ୟତା | କୃପଣତା/କାର୍ପଣ୍ୟ |
| କୃଷିଜୀବି | କୃଷିଜୀବୀ |
| କୃଷିବଳ | କୃଷୀବଳ |
| କୃର୍ଷ୍ଣ | କୃଷ୍ଣ |
| କେନ୍ଦ୍ରିୟ | କେନ୍ଦ୍ରୀୟ |
| କୋଷ୍ଟି | କୋଷ୍ଠୀ |
| କୋଠରୀ | କୋଠରି |
| କୌତୁକ | କୌତୁକ |
| କୌତୁହଳ | କୌତୂହଳ |
| କୈନ୍ଦ୍ରୀକ | କୈନ୍ଦ୍ରିକ |
| କୌମୁଦି | କୌମୁଦୀ |
| କୌସଳ | କୌଶଳ |
| କୌସଲ୍ୟା | କୌଶଲ୍ୟା |
| କୌସେୟ | କୌଷେୟ/କୌଶେୟ |
| କୌପିନ | କୌପୀନ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| **ଖ** | |
| ଖାକୀ | ଖାକି |
| ଖେଳାଳୀ | ଖେଳାଳି |
| ଖ୍ରୀଷ୍ଟିୟ | ଖ୍ରୀଷ୍ଟୀୟ |
| **ଗ** | |
| ଗଡ୍‌ଡାରିକା | ଗଡ୍‌ଡରିକା |
| ଗଡ୍‌ଡ଼ାଳିକା | ଗଡ୍‌ଡଳିକା |
| ଗଣେଷ | ଗଣେଶ |
| ଗଣ୍ଡୁଷ | ଗଣ୍ଡୂଷ |
| ଗଦ୍‌ଗଦ୍‌ | ଗଦ୍‌ଗଦ |
| ଗର୍ଦ୍ଧଭ | ଗର୍ଦ୍ଦଭ |
| ଗରୀବ | ଗରିବ |
| ଗାରିମା | ଗରିମା |
| ଗରହିତ | ଗର୍ହିତ |
| ଗାଉଁଲୀ | ଗାଉଁଲି |
| ଗାମ୍ଭୀର୍ଯ୍ୟତା | ଗାମ୍ଭୀର୍ଯ୍ୟ/ଗମ୍ଭୀରତା |
| ଗ୍ଲାନୀ | ଗ୍ଲାନି |
| ଗୀରିଶ | ଗିରୀଶ |
| ଗିତ | ଗୀତ |
| ଗୀତୀକା | ଗୀତିକା |
| ଗ୍ରସ୍ଥ | ଗ୍ରସ୍ତ |
| ଗ୍ରହିତା | ଗ୍ରହୀତା |
| ଗ୍ରିବା | ଗ୍ରୀବା |
| ଗୁଣୀବୃନ୍ଦ | ଗୁଣିବୃନ୍ଦ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଗୁହାରୀ | ଗୁହାରି |
| ଗୃହିତ | ଗୃହୀତ |
| ଗୋଧୁଳି | ଗୋଧୂଳି |
| ଗୋପିନାଥ | ଗୋପୀନାଥ |
| ଗୋଲକବିହାରୀ | ଗୋଲୋକବିହାରୀ(ବିଷ୍ଣୁ) |
| ଗୋଲୋକ | ଗୋଲକ(ପେଣ୍ଡୁ) |
| ଗୋହିରୀ | ଗୋହିରି |
| ଗୋଷ୍ଠି | ଗୋଷ୍ଠୀ |
| ଗୌଣି/ଗଉଣି | ଗୌଣୀ/ଗଉଣୀ |

## ଘ

| | |
|---|---|
| ଘଟଣା | ଘଟନା, ଘଟଣା (ଘଟିବା ବିଷୟ) |
| ଘୃଣାକ୍ଷର | ଘୁଣାକ୍ଷର (ଘୁଣ + ଅକ୍ଷର) |
| ଘୁର୍ଣ୍ଣନ | ଘୂର୍ଣ୍ଣନ |
| ଘୁରିବା | ଘୂରିବା |
| ଘୋଡ଼ଣି | ଘୋଡ଼ଣୀ |

## ଚ

| | |
|---|---|
| ଚମ୍ଫୁ | ଚମ୍ପୂ |
| ଚଳଚିତ୍ର | ଚଳଚ୍ଚିତ୍ର |
| ଚସମା | ଚଷମା |
| ଚଂଚୁ | ଚଞ୍ଚୁ/ଚଞ୍ଚୂ |
| ଚାକିରୀ | ଚାକିରି |
| ଚାକିରୀଆ | ଚାକିରିଆ |
| ଚାଟୁକ୍ତି/ଚାଟୁକାର | ଚାଟୂକ୍ତି/ଚାଟୁକାର |
| ଚାଣୁର | ଚାଣୂର |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଚାପଲ୍ୟତା | ଚାପଲ୍ୟ/ଚପଳତା |
| ଚାଲୁଣି | ଚାଲୁଣୀ |
| ଚାହାଁଣୀ | ଚାହାଣି(ଦେଖିବା ଅର୍ଥରେ) |
| ଚିତାକର୍ଷକ | ଚିତ୍ତାକର୍ଷକ |
| ଚିନ୍ତାକୂଳ | ଚିନ୍ତାକୁଳ |
| ଚିକଣ | ଚିକ୍କଣ |
| ଚିହ୍ଲାଳୀ | ଚିହ୍ଲାଳି |
| ଚୀର | ଚିର (ବି.-ଗାଈଚିର, ବିଂ.-ଦୀର୍ଘକାଳ ବ୍ୟାପୀ) |
| ଚିରଂଜିବୀ | ଚିରଂଜୀବୀ |
| ଚୂଷିବା | ଚୁଷିବା (କ୍ରି.-ଶୋଷିବା) |
| ଚୂଡ଼ା | ଚୁଡା(ଖାଦ୍ୟ) |
| ଚୁଡ଼ା | ଚୂଡା(ଶୀର୍ଷ) |
| ଚୁତ | ଚୂତ(ଆମ୍ବ) |
| ଚ୍ୟୁତ | ଚ୍ୟୁତ(ବିଚ୍ଛିନ୍ନ) |

## ଛ

| | |
|---|---|
| ଛତ୍ରପତୀ | ଛତ୍ରପତି |
| ଛତ୍ରୀ | ଛତ୍ରି(ବଡ଼ଛତା) |
| ଛତ୍ରି | ଛତ୍ରୀ(ଛତ୍ରଧାରୀ) |
| ଛନ୍ଦଣୀ | ଛନ୍ଦଣି |
| ଛାଉଣି | ଛାଉଣୀ |
| ଛାଞ୍ଚୁଣି | ଛାଞ୍ଚୁଣୀ |
| ଛାନିଆଁ | ଛାନିଆ |
| ଛୁଞ୍ଚୀ | ଛୁଞ୍ଚି |
| ଛୁରି | ଛୁରି/ଛୁରୀ |

| ଅଶୁଦ୍ଧ | ଶୁଦ୍ଧ |
|---|---|

## ଜ

| | |
|---|---|
| ଜଗଜୀବନ | ଜଗଜ୍ଜୀବନ |
| ଜଗଦିଶ | ଜଗଦୀଶ |
| ଜଗଧାତ୍ରି | ଜଗଦ୍ଧାତ୍ରୀ |
| ଜଗର୍ନାଥ | ଜଗନ୍ନାଥ |
| ଜଞ୍ଜୀର | ଜଞ୍ଜିର |
| ଜଗୁଆଳୀ | ଜଗୁଆଳି |
| ଜବାନବନ୍ଦୀ | ଜବାନବନ୍ଦି |
| ଜୟନ୍ତି | ଜୟନ୍ତୀ |
| ଜନାକିର୍ଣ୍ଣ | ଜନାକୀର୍ଣ୍ଣ |
| ଜରାଜିର୍ଣ୍ଣ | ଜରାଜୀର୍ଣ୍ଣ |
| ଜରୁରୀ | ଜରୁରି(ବି)/ଜରୁରୀ(ବିଂ) |
| ଜଳଧୀ | ଜଳଧି |
| ଜଳାନ୍ତକ | ଜଳାତଙ୍କ |
| ଜବ | ଯବ |
| ଜବକ୍ଷାରଯାନ | ଯବକ୍ଷାରଜାନ |
| ଜନ୍ତା | ଯନ୍ତା |
| ଜଜାତି | ଯଯାତି |
| ଜଶ | ଯଶ |
| ଜଶୋଦା/ଯୋଶଦା | ଯଶୋଦା |
| ଜଜ୍ଞ | ଯଜ୍ଞ |
| ଜଷ୍ଟି | ଯଷ୍ଟି |
| ଜାନ | ଯାନ |
| ଜାତନା | ଯାତନା |
| ଜାତ୍ରା | ଯାତ୍ରା |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଜାଗ | ଯାଗ (ଯଜ୍ଞ, ହୋମ) |
| ଜାକଯମକ | ଜାକଜମକ |
| ଜାଗିରି | ଜାଗିରୀ |
| ଜାଜୁଲ୍ୟମାନ | ଜାଜ୍ୱଲ୍ୟମାନ |
| ଜାତିୟାଣ | ଜାତିଆଣ |
| ଜାହ୍ନବି | ଜାହ୍ନବୀ |
| ଜାନକି | ଜାନକୀ |
| ଜାତୀ | ଜାତି |
| ଜିଗିଷା | ଜିଗୀଷା |
| ଜିନିସ | ଜିନିଷ |
| ଜିବିକା | ଜୀବିକା |
| ଜିବିତ | ଜୀବିତ |
| ଜୀମୁତ | ଜୀମୂତ |
| ଜିର୍ଣ୍ଣଶିର୍ଣ୍ଣ | ଜୀର୍ଣ୍ଣଶୀର୍ଣ୍ଣ |
| ଜିର୍ଣ୍ଣ | ଜୀର୍ଣ୍ଣ |
| ଜିବାଣୁ | ଜୀବାଣୁ |
| ଜିବନୀ | ଜୀବନୀ |
| ଜିଅନ୍ତା | ଜୀଅନ୍ତା |
| ଜୁଟ | ଜୂଟ |
| ଜାରା | ଜେରା |
| ଜୋରୀମାନା | ଜୋରିମାନା |
| ଜୋଶା | ଜୋଷା (ସ୍ତ୍ରୀ) |
| ଜୋଛ୍ନା | ଜ୍ୟୋସ୍ନା |
| ଜୋତିଷ୍କ | ଜ୍ୟୋତିଷ୍କ |
| ଜୋତିଷ | ଜ୍ୟୋତିଷ |

| ଅଶୁଦ୍ଧ | ଶୁଦ୍ଧ |
|---|---|

## ଝ

| | |
|---|---|
| ଝିଆରି | ଝିଆରୀ |
| ଝିଙ୍କାରୀ | ଝିଙ୍କାରି |
| ଝିପି ଝିପି | ଝିପିଝିପି |
| ଝୀନବସନ | ଝିନବସନ |
| ଝୁମ୍ପୁଡ଼ୀ | ଝୁମ୍ପୁଡି |
| ଝୋଟ୍ଟୀ | ଝୋଟି |

## ଟ

| | |
|---|---|
| ଟାଆଁସା | ଟାଆଁଶା |
| ଟାଙ୍ଗୀ | ଟାଙ୍ଗି(ପଥୁରିଆ ଜାଗା) |
| ଟାଙ୍ଗି | ଟାଙ୍ଗୀ(ଛୋଟ କୁରାଢ଼ି) |
| ଟୀକା | ଟିକା(ଟିପା) |
| ଟିପ୍‌ପଣି | ଟିପ୍‌ପଣୀ |
| ଟିକା | ଟୀକା(ପାଦଟୀକା, ବ୍ୟାଖ୍ୟା) |
| ଟିକାକାର | ଟୀକାକାର |
| ଟେରୀ | ଟେରି(ମୁଣ୍ଡକୁଣ୍ଡାଇବା) |
| ଟେରି | ଟେରୀ(ବଙ୍କା ଭାବରେ ଚାହୁଁଥିବା ନାରୀ) |

## ଠ

| | |
|---|---|
| ଠକାମୀ | ଠକାମି |
| ଠାଣୀ | ଠାଣି |
| ଠଶା(ଥଟ୍ଟା ପରିହାସ) | ଠସା |
| ଠିକିରୀ | ଠିକିରି(ଚିଲମର କଣ୍ଠଦେଶରେ ଦିଆଯିବା ଗୋଡି/ତାସର ଠିକିରି) |
| ଠିକ | ଠିକ୍ (ଉଚିତ) |
| ଠେଶା | ଠେଁସ |

| ଅଶୁଦ୍ଧ | ଶୁଦ୍ଧ |
|---|---|

## ଡ

| | |
|---|---|
| ଡଙ୍ଗୁଣି | ଡଙ୍ଗୁଣୀ (ଡାଆଣୀ / ଡାହାଣୀ) |
| ଡାଆଁସ | ଡାଆଁଶ |
| ଡାଉଁସ | ଡାଉଁଶ |
| ଡାକ୍ତରୀ | ଡାକ୍ତରି (ଏକ ବ୍ୟବସାୟ) |
| | ଡାକ୍ତରୀ (ଡାକ୍ତରି ସମ୍ପର୍କିତ) |
| ଡିକ୍ରି | ଡିକ୍ରୀ (ଅଦାଲତର ରାୟ) |
| ଡିଗ୍ରି | ଡିଗ୍ରୀ (ଅଦାଲତର ହୁକୁମ / ବିଶ୍ୱବିଦ୍ୟାଳୟର ଉପାଧି) |
| ଡିବିରୀ | ଡିବିରି (କିରାସିନି ଦୀପ) |
| ଡେବିରୀ | ଡେବିରି (ବାମହାତ) |
| ଡେରୀ | ଡେରି |
| ଡୋରୀ | ଡୋରି |
| ଡୋଲୀ | ଡୋଲି |

## ଢ

| | |
|---|---|
| ଢକ ଡକ | ଢକଡକ |
| ଢଳ ଡଳ | ଢଳଡଳ |
| ଡାଙ୍କୁଣି | ଢାଙ୍କୁଣୀ |
| ଢିଙ୍କୀ | ଢିଙ୍କି |
| ଢୋଲକୀ | ଢୋଲକି |

## ତ

| | |
|---|---|
| ତଜ୍ଞନିତ | ତଜ୍ଜନିତ |
| ତର୍ଜନି | ତର୍ଜନୀ (ବିଶି ଆଙ୍ଗୁଠି) |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ତର୍ଜ୍ଜନ | ତର୍ଜନ |
| ତଟସ୍ତ | ତଟସ୍ଥ (କୂଳରେ ସ୍ଥିତ) |
| ତଟିନି | ତଟିନୀ |
| ତଡ଼ିତ | ତଡ଼ିତ୍ |
| ତତ୍କାଳିନ | ତତ୍କାଳୀନ |
| ତତ୍‌କାଳିନ | ତତ୍‌କାଳୀନ |
| ତଣ୍ଡୂଳ | ତଣ୍ଡୁଳ |
| ତତୋଧିକ | ତତୋଽଧିକ |
| ତଚ୍ଛମ | ତତ୍ସମ |
| ତତୁଲ୍ୟ | ତତ୍ତୁଲ୍ୟ |
| ତତ୍ୱ | ତତ୍ତ୍ୱ |
| ତତ୍ୱାବଧାନ | ତତ୍ତ୍ୱାବଧାନ |
| ତଦନୁଯାୟି | ତଦନୁଯାୟୀ |
| ତଦାନିନ୍ତନ | ତଦାନୀନ୍ତନ |
| ତଦୁର୍ଦ୍ଧ/ତଦୁର୍ଦ୍ଧ୍ୱ | ତଦୂର୍ଦ୍ଧ୍ୱ |
| ତଦ୍ରୂପ/ତଦୃପ | ତଦ୍ରୂପ |
| ତଦିୟ | ତଦୀୟ |
| ତଦ୍ୱାରା | ତଦ୍ଦ୍ୱାରା |
| ତନୁଯ | ତନୁଜ |
| ତନ୍ତି | ତନ୍ତୀ |
| ତନ୍ତ୍ରି | ତନ୍ତ୍ରୀ (ବିଂ.ତାରଯୁକ୍ତ)/ତନ୍ତ୍ରି(ବି.ବୀଣାଦିର ତାର) |
| ତପସ୍ୱି | ତପସ୍ୱୀ |
| ତପସ୍ୱିନି | ତପସ୍ୱିନୀ |
| ତପବନ | ତପୋବନ |
| ତମିଶ୍ରା | ତମିସ୍ରା |
| ତମାଶା | ତମାସା |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ତରକାରୀ | ତରକାରି |
| ତରଙ୍ଗିଣି | ତରଙ୍ଗିଣୀ |
| ତରଣୀ | ତରଣି (ନୌକା)<br>ତରଣୀ (ନୌକା)<br>ତରଣି (ସୂର୍ଯ୍ୟ) |
| ତରବାରୀ | ତରବାରି |
| ତରାଜୁ | ତରାଜୁ |
| ତହ୍‌ସୀଲ | ତହ୍‌ସିଲ |
| ତରୁଣି | ତରୁଣୀ |
| ତଦ୍ୱାରା | ତଦ୍ଦ୍ୱାରା |
| ତାଚୁଲ୍ୟ/ତାସ୍ହଲ୍ୟ | ତାଚ୍ଛଲ୍ୟ |
| ତାଯୁବ | ତାଜୁବ |
| ତାତ୍କାଳୀକ | ତାତ୍କାଳିକ |
| ତାମଶା | ତାମସା |
| ତାମସି | ତାମସୀ |
| ତାମ୍ରକୁଟ | ତାମ୍ରକୂଟ (ତମାଖୁ) |
| ତାରକଷୀ | ତାରକସି(ବି) ସୁନାରୂପାର ସୂକ୍ଷ୍ମ<br>ତାରରେ କାରୁକାର୍ଯ୍ୟ,<br>ତାରକସୀ(ବିଂ)ତାରକସି ସମ୍ବନ୍ଧୀୟ |
| ତାରିଣି | ତାରିଣୀ |
| ତିତୀକ୍ଷା | ତିତିକ୍ଷା |
| ତିନ୍ତୁଳୀ | ତିନ୍ତୁଳି |
| ତିରଷ୍କାର | ତିରସ୍କାର |
| ତିଳୋତମା | ତିଳୋତ୍ତମା |
| ତୀର୍ଯ୍ୟକ | ତିର୍ଯ୍ୟକ୍ |
| ତିର୍ଥ | ତୀର୍ଥ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ତିର୍ଣ୍ଣ | ତୀର୍ଣ୍ଣ |
| ତିକ୍ଷଣ୍ | ତୀକ୍ଷ୍ଣ |
| ତିବ୍ର | ତୀବ୍ର |
| ତିର | ତୀର |
| ତିର୍ଥବାସୀ | ତୀର୍ଥବାସୀ |
| ତ୍ରିସଙ୍କୁ | ତ୍ରିଶଙ୍କୁ |
| ତୀଖ | ତିଖ |
| ତୀର୍ଯ୍ୟକ୍ | ତିର୍ଯ୍ୟକ୍ |
| ତୁମୁଳ | ତୁମୁଳ |
| ତୁଳସି | ତୁଳସୀ |
| ତୃଟି | ତ୍ରୁଟି/ତ୍ରୁଟୀ |
| ତୁଳନିୟ | ତୁଳନୀୟ |
| ତୁଣିର/ତୁଣୀର | ତୂଣୀର |
| ତୁରି/ତୁରୀ | ତୂରୀ |
| ତୁଳି | ତୂଳୀ, ତୂଳି |
| ତୃତିୟ | ତୃତୀୟ |
| ତୃପ୍ତୀ | ତୃପ୍ତି |
| ତେଜସ୍ୱି | ତେଜସ୍ୱୀ |
| ତେଜସ୍ୱିନି | ତେଜସ୍ୱିନୀ |
| ତେଜଷ୍କିୟ | ତେଜସ୍କ୍ରିୟ |
| ତେଜିଆନ୍ | ତେଜୀୟାନ୍ |
| ତେଲୀଆ | ତେଲିଆ |
| ତେଲି | ତେଲୀ |
| ତୋରାଣୀ | ତୋରାଣି |
| ତୋସାମୋଦ | ତୋଷାମଦ/ତୋଷାମୋଦ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ତ୍ୟାଗି | ତ୍ୟାଗୀ |
| ତ୍ୟାଜ୍ୟ | ତ୍ୟାଯ୍ୟ |
| ତ୍ରିଶୁଳ | ତ୍ରିଶୂଳ |
| ତ୍ରିଭୁଜ | ତ୍ରିଭୁଜ |

## ଥ

| | |
|---|---|
| ଥଳକୁଳ | ଥଳକୂଳ |
| ଥଳୀ | ଥଳି |
| ଥାଳୀ | ଥାଳି |
| ଥାଳୀଆ | ଥାଳିଆ |
| ଥୂଣ୍ଟା | ଥୁଣ୍ଟା (ସାଖାହୀନ) |

## ଦ

| | |
|---|---|
| ଦଧୀ | ଦଧି |
| ଦଧିଚି | ଦଧୀଚି |
| ଦପ୍ତରି | ଦପ୍ତରୀ |
| ଦରକାରି | ଦରକାରୀ |
| ଦରଜୀ/ଦର୍ଜୀ | ଦରଜି/ଦର୍ଜି |
| ଦମ୍ପତ୍ତି | ଦମ୍ପତି |
| ଦଶଭୂଜା | ଦଶଭୁଜା |
| ଦନାର୍ଦ୍ଦନ | ଜନାର୍ଦ୍ଦନ |
| ଦଂସନ | ଦଂଶନ |
| ଦାଗି | ଦାଗୀ |
| ଦାଢୀ | ଦାଢ଼ି |
| ଦାର୍ଢ୍ୟତା | ଦାର୍ଢ୍ୟ/ଦୃଢ଼ତା |
| ଦାନି | ଦାନୀ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଦାବୀ | ଦାବି |
| ଦାଇତ୍ୱ/ଦାୟିତ୍ତ୍ୱ | ଦାୟିତ୍ୱ |
| ଦାଇ/ଦାୟି | ଦାୟୀ |
| ଦାରିଦ୍ର୍ୟତା | ଦାରିଦ୍ର୍ୟ/ଦରିଦ୍ରତା |
| ଦାଶରଥୀ | ଦାଶରଥି |
| ଦାର୍ଶନୀକ | ଦାର୍ଶନିକ |
| ଦ୍ୱାଦଶି | ଦ୍ୱାଦଶୀ |
| ଦିଗାମ୍ବର | ଦିଗମ୍ବର |
| ଦିଧା | ଦ୍ୱିଧା |
| ଦୀନ | ଦିନ(ଦିବସ) |
| ଦିନ | ଦୀନ(ଦରିଦ୍ର) |
| ଦିବାରାତ୍ରି | ଦିବାରାତ୍ର |
| ଦିଲ୍ଲୀପ | ଦିଲୀପ |
| ଦ୍ୱିତିୟ | ଦ୍ୱିତୀୟ |
| ଦିର୍ଘ | ଦୀର୍ଘ |
| ଦିର୍ଘଜିବୀ | ଦୀର୍ଘଜୀବୀ |
| ଦିପାବଳି | ଦୀପାବଳି/ଦୀପାବଳୀ |
| ଦିପ୍ତି/ଦିପ୍ତୀ | ଦୀପ୍ତି |
| ଦିପ | ଦୀପ(ଜଳୁଥିବା ଦୀପ) |
| ଦିକ୍ଷା | ଦୀକ୍ଷା |
| ଦିପ୍ତୀମୟୀ | ଦୀପ୍ତିମୟୀ |
| ଦ୍ୱିପ | ଦ୍ୱୀପ(ସ୍ଥଳଭାଗ ବିଶେଷ) |
| ଦୀପାନ୍ତର | ଦ୍ୱୀପାନ୍ତର |
| ଦୁକୁଳ | ଦୁକୂଳ |
| ଦୁରୁହ | ଦୁରୂହ |
| ଦୁଖ | ଦୁଃଖ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଦୁଖି/ଦୁଖୀ | ଦୁଃଖୀ |
| ଦୁର୍ଜ୍ଜନ | ଦୁର୍ଜନ |
| ଦୁସ୍ଥ | ଦୁଃସ୍ଥ |
| ଦୁଶାସନ | ଦୁଃଶାସନ |
| ଦୁର୍ଗା | ଦୁର୍ଗା |
| ଦୁଧିଆଳି | ଦୁଧିଆଳୀ |
| ଦୁର୍ଦ୍ଧଷ | ଦୁର୍ଦ୍ଧର୍ଷ |
| ଦୁର୍ବିସହ | ଦୁର୍ବିଷହ |
| ଦୁରାବସ୍ଥା/ଦୁରାବସ୍ଥା | ଦୁରବସ୍ଥା |
| ଦୃତଗାମୀ | ଦ୍ରୁତଗାମୀ |
| ଦୃମ | ଦ୍ରୁମ |
| ଦୁଷ୍ଟାମୀ | ଦୁଷ୍ଟାମି |
| ଦୁର୍ଶ୍ଚନ୍ତ | ଦୁଷ୍ଚନ୍ତ |
| ଦୁତ | ଦୂତ |
| ଦୁତି | ଦୂତୀ |
| ଦୁତୀକା | ଦୂତିକା |
| ଦୁରିକରଣ | ଦୂରୀକରଣ |
| ଦୁରଦର୍ଶି | ଦୂରଦର୍ଶୀ |
| ଦୁତ | ଦୂତ |
| ଦୁବ | ଦୂବ |
| ଦୁତାବାସ | ଦୂତାବାସ |
| ଦୁର୍ବାଦଳ | ଦୂର୍ବାଦଳ |
| ଦୁରଦର୍ଶୀତା | ଦୂରଦର୍ଶିତା |
| ଦୁରବର୍ତ୍ତି | ଦୂରବର୍ତ୍ତୀ |
| ଦୁରବିକ୍ଷଣ | ଦୂରବୀକ୍ଷଣ |
| ଦୁରିକରଣ | ଦୂରୀକରଣ |

| ଅଶୁଦ୍ଧ | ଶୁଦ୍ଧ |
| --- | --- |
| ଦୁରିଭୂତ | ଦୂରୀଭୂତ |
| ଦୁଷଣ | ଦୂଷଣ |
| ଦୁଷିତ | ଦୂଷିତ |
| ଦୃଢ଼ିକରଣ | ଦୃଢ଼ୀକରଣ |
| ଦୃଢ଼ିଭୁତ | ଦୃଢ଼ୀଭୂତ |
| ଦୃଶ୍ୟପଟ୍ଟ | ଦୃଶ୍ୟପଟ |
| ଦୃଷ୍ଟିଭଙ୍ଗି | ଦୃଷ୍ଟିଭଙ୍ଗୀ |
| ଦେଦିପ୍ୟପାନ | ଦେଦୀପ୍ୟମାନ |
| ଦେଶାନ୍ତରି | ଦେଶାନ୍ତରୀ |
| ଦେବାଦେବୀ | ଦେବଦେବୀ |
| ଦେଶିୟ | ଦେଶୀୟ |
| ଦୈତ୍ୟଶାସନ | ଦ୍ୱୈତଶାସନ |
| ଦୋକାନି | ଦୋକାନୀ |
| ଦୋସଦର୍ଶି | ଦୋଷଦର୍ଶୀ |
| ଦୋଶୀ | ଦୋଷୀ |
| ଦ୍ରୋପଦୀ | ଦ୍ରୌପଦୀ |
| ଦ୍ୱନ୍ଦ | ଦ୍ୱନ୍ଦ୍ୱ |
| ଦ୍ରବଣିୟ | ଦ୍ରବଣୀୟ |
| ଦ୍ରବିଭୁତ | ଦ୍ରବୀଭୂତ |
| ଦ୍ରଷ୍ଟବ୍ୟ | ଦ୍ରଷ୍ଟବ୍ୟ |

## ଧ

| | |
| --- | --- |
| ଧନୀକ | ଧନିକ |
| ଧନିଆଁ | ଧନିଆ |
| ଧନି | ଧନୀ |
| ଧର୍ମସାଳା | ଧର୍ମଶାଳା |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଧର୍ମାବଲମ୍ବି | ଧର୍ମାବଲମ୍ବୀ |
| ଧର୍ମିଯ୍ୱ | ଧର୍ମୀଯ୍ୱ |
| ଧରଣି | ଧରଣୀ |
| ଧରିତ୍ରି | ଧରିତ୍ରୀ |
| ଧସ୍ତାଧସ୍ତି | ଧସ୍ତାଧସ୍ତୀ |
| ଧାଇ | ଧାଈ |
| ଧାତ୍ରି | ଧାତ୍ରୀ |
| ଧିବର | ଧୀବର |
| ଧିର | ଧୀର |
| ଧୁରନ୍ଧର | ଧୁରନ୍ଧର |
| ଧୁରିଣ | ଧୁରୀଣ |
| ଧୃବ | ଧ୍ରୁବ |
| ଧୁତୁକି | ଧୁତୁକି |
| ଧୁର୍ତ୍ତ | ଧୂର୍ତ୍ତ |
| ଧୁମ୍ରପାନ | ଧୂମପାନ |
| ଧୁପଦାନୀ | ଧୂପଦାନି |
| ଧୁମକେତୁ | ଧୂମକେତୁ |
| ଧୁମ | ଧୂମ |
| ଧୁଳୀସାତ | ଧୂଳିସାତ୍ |
| ଧୁଳି | ଧୂଳି |
| ଧୁସର | ଧୂସର |
| ଧୃତରାଷ୍ଟ୍ର | ଧୃତରାଷ୍ଟ୍ର |
| ଧେନୂ | ଧେନୁ |
| ଧ୍ୱସଂଲିଳା | ଧ୍ୱଂସଲୀଳା |
| ଧ୍ୱନୀ | ଧ୍ୱନି |
| ଧର୍ଯ୍ୟ/ଧୈର୍ଯ | ଧୈର୍ଯ୍ୟ |
| ଧୁର୍ଜଟୀ | ଧୂର୍ଜଟି |

| ଅଶୁଦ୍ଧ | ଶୁଦ୍ଧ |
|---|---|

# ନ

| | |
|---|---|
| ନଇ | ନଈ |
| ନର୍କ | ନରକ |
| ନକ୍ଷେତ୍ର | ନକ୍ଷତ୍ର |
| ନଗନ୍ୟ | ନଗଣ୍ୟ |
| ନମୂନା | ନମୁନା |
| ନଜରବନ୍ଦୀ | ନଜରବନ୍ଦି (ଆଖି ଆଗରେ ଅଟକ ରଖିବା) |
| | ନଜରବନ୍ଦୀ (ଯାହାକୁ ଅଟକ ରଖାଯାଇଥାଏ) |
| ନନ୍ଦିଘୋସ | ନନ୍ଦିଘୋଷ |
| ନପୁଂଶକ | ନପୁଂସକ |
| ନବିକରଣ | ନବୀକରଣ |
| ନବିନ | ନବୀନ |
| ନଭଶ୍ଚୁମ୍ବି | ନଭଶ୍ଚୁମ୍ବୀ |
| ନମଷ୍କାର | ନମସ୍କାର |
| ନାରକିୟ | ନାରକୀୟ |
| ନଳିନି | ନଳିନୀ |
| ନଭଃଶ୍ଚର | ନଭଶ୍ଚର |
| ନଗରି | ନଗରୀ |
| ନରେସ | ନରେଶ |
| ନସ୍ୱର | ନଶ୍ୱର |
| ନଦି | ନଦୀ |
| ନବନିତ | ନବନୀତ |
| ନିସ୍କର୍ମା | ନିଷ୍କର୍ମା (ନିକମା) |
| ନା | ନାଁ (ନାମ ଅର୍ଥରେ) |
| ନାଁ | ନା (ନାସ୍ତି ଅର୍ଥରେ) |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ନାତିଦିର୍ଘ | ନାତିଦୀର୍ଘ |
| ନାନ୍ଦିମୁଖ | ନାନ୍ଦୀମୁଖ |
| ନାମାବଳି | ନାମାବଳୀ/ନାମାବଳି(ହରିନାମାଙ୍କିତ ଚାଦର, ନାମସମୂହ) |
| ନାଉରୀ | ନାଉରି |
| ନାଶିନି | ନାଶିନୀ |
| ନାଟକିୟ | ନାଟକୀୟ |
| ନାତିଶିତୋଷ୍ଣ | ନାତିଶୀତୋଷ୍ଣ |
| ନାଁବାଳକ | ନାବାଳକ (ବିଂ. ଅପ୍ରାପ୍ତ ବୟସ୍କ) |
| ନାମଯାଦା | ନାମଜାଦା |
| ନାଗରୀକ | ନାଗରିକ |
| ନିର୍ଦ୍ଧନୀ | ନିର୍ଦ୍ଧନ |
| ନିରୂପମା | ନିରୁପମା |
| ନୀରବ | ନିରବ |
| ନିଶବ୍ଦ | ନିଃଶବ୍ଦ |
| ନିଃସ୍ୱାସ/ନିସ୍ୱାସ | ନିଃଶ୍ୱାସ/ନିଶ୍ୱାସ |
| ନିଗୁଢ଼ | ନିଗୂଢ଼ |
| ନିରବଚ୍ଛିନ୍ନ | ନିରବଚ୍ଛିନ୍ନ |
| ନୀରାକରଣ | ନିରାକରଣ |
| ନୀରିହ | ନିରୀହ |
| ନୀରୁତା | ନିରୁତା |
| ନିରୂପାୟ | ନିରୁପାୟ |
| ନୀର୍ଗତ | ନିର୍ଗତ |
| ନୀର୍ଜନ | ନିର୍ଜନ |
| ନିର୍ଦ୍ଧେଶ | ନିର୍ଦ୍ଦେଶ |
| ନିର୍ଦ୍ଧିଷ୍ଟ | ନିର୍ଦ୍ଦିଷ୍ଟ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ନିର୍ଦ୍ଧୁମ | ନିର୍ଦ୍ଧୂମ |
| ନିର୍ନିମେସ | ନିର୍ନିମେଷ |
| ନିର୍ଭୁଲ | ନିର୍ଭୁଲ |
| ନିଃଷ୍ଟ୍ରୟୁ | ନିଷ୍ଟ୍ରୟୁ |
| ନିଃଷ୍ଟିତ | ନିଷ୍ଟିତ |
| ନିରିକ୍ଷା | ନିରୀକ୍ଷା |
| ନିର୍ଭିକ | ନିର୍ଭୀକ |
| ନିରପରାଧୀ | ନିରପରାଧ |
| ନିଷ୍ଟୁର | ନିଷ୍ଠୁର |
| ନିତମ୍ବିନି | ନିତମ୍ବିନୀ |
| ନିନ୍ଦନିୟ | ନିନ୍ଦନୀୟ |
| ନିପିଡ଼ନ | ନିପୀଡ଼ନ |
| ନିର୍ବାହନ | ନିର୍ବାହଣ (ସଂପାଦନ) |
| ନିବୃତି | ନିବୃତ୍ତି |
| ନିମିସ/ନିଶେସ | ନିମିଷ |
| ନିସେଶ | ନିଶେଷ |
| ନିମୁକ୍ତ | ନିର୍ମୋକ୍ତ |
| ନିୟୋଯନ | ନିୟୋଜନ |
| ନିରର୍ଣ୍ଣ | ନିରନ୍ନ |
| ନିରସ୍ତ୍ରିକରଣ | ନିରସ୍ତ୍ରୀକରଣ |
| ନୀରାମିଷ | ନିରାମିଷ |
| ନିରିକ୍ଷକ | ନିରୀକ୍ଷକ |
| ନିରୁଦ୍ଦେଶ୍ୟ | ନିରୁଦ୍ଦେଶ |
| ନିରୁଦ୍ଧିଷ୍ଟ | ନିରୁଦ୍ଦିଷ୍ଟ |
| ନିରୁପଣ | ନିରୂପଣ |
| ନିର୍ଝରିଣି | ନିର୍ଝରିଣୀ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ନିଷ୍ପେଶିତ | ନିଷ୍ପେଷିତ |
| ନିର୍ଦ୍ୱନ୍ଦ | ନିର୍ଦ୍ୱନ୍ଦ୍ୱ |
| ନିର୍ଲଜ | ନିର୍ଲଜ୍ଜ |
| ନିଶାଶକ୍ତ | ନିଶାସକ୍ତ |
| ନିଶିଥ | ନିଶୀଥ |
| ନିଶିଥିନୀ | ନିଶୀଥିନୀ |
| ନିମିଳନ | ନିମୀଳନ |
| ନିର୍ଲୋଭୀ | ନିର୍ଲୋଭ |
| ନିରିକ୍ଷଣ | ନିରୀକ୍ଷଣ |
| ନିର୍ଣ୍ଣିତ | ନିର୍ଣ୍ଣୀତ |
| ନିଖୀଳ | ନିଖିଳ |
| ନିର୍ଯ୍ୟାତନା | ନିର୍ଯାତନା |
| ନିରିଶ୍ୱର | ନିରୀଶ୍ୱର |
| ନିଶ୍ୱନ | ନିସ୍ୱନ |
| ନିସ୍କଣ୍ଟକ | ନିଷ୍କଣ୍ଟକ |
| ନିରାମିଶାଷୀ | ନିରାମିଷାଶୀ |
| ନିଷ୍କୀୟ୍ର | ନିଷ୍କ୍ରିୟ |
| ନିସ୍କର୍ଶ | ନିଷ୍କର୍ଷ |
| ନିଷ୍ପନ | ନିଷ୍ପନ୍ନ |
| ନିସ୍ପ୍ରୟୋଜନ | ନିଷ୍ପ୍ରୟୋଜନ |
| ନିଃସ୍ତକ | ନିସ୍ତୁକ |
| ନିରପରାଧୀ | ନିରପରାଧ |
| ନିଃସ୍ୱାର୍ଥପର | ନିଃସ୍ୱାର୍ଥ |
| ନିଶଙ୍କ | ନିଃଶଙ୍କ |
| ନିଷେଶିତ | ନିଃଶେଷିତ |
| ନିସଙ୍କୋଚ | ନିଃସଙ୍କୋଚ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ନିସହାୟ୍ୟ | ନିଃସହାୟ୍ୟ |
| ନିସନ୍ଦେହ | ନିଃସନ୍ଦେହ |
| ନିସ୍ୱ | ନିଃସ୍ୱ |
| ନିଶେଷ | ନିଃଶେଷ |
| ନିସଙ୍ଗ | ନିଃସଙ୍ଗ |
| ନିରବ | ନୀରବ |
| ନିତିନିଷ୍ଟ | ନୀତିନିଷ୍ଠ |
| ନୀଛ/ନିଛ | ନୀଚ |
| ନିରସ | ନୀରସ |
| ନିରାଜନା | ନୀରାଜନା |
| ନିରୋଗ | ନୀରୋଗ |
| ନିଳାଦ୍ରୀ | ନୀଳାଦ୍ରି |
| ନିଳିମା | ନୀଳିମା |
| ନିଳ | ନୀଳ |
| ନିର | ନୀର |
| ନିଳମଣି | ନୀଳମଣି |
| ନିହାର | ନୀହାର |
| ନୁପୁର/ନୁପୂର | ନୂପୁର |
| ନ୍ୟୁନ | ନ୍ୟୂନ |
| ନୁତନ | ନୂତନ |
| ନ୍ୟୁନିକରଣ | ନ୍ୟୂନୀକରଣ |
| ନୃଶଂଶ | ନୃଶଂସ |
| ନୈବ୍ୟକ୍ତିକ | ନୈର୍ବ୍ୟକ୍ତିକ |
| ନୈଷ୍ଟିକ | ନୈଷ୍ଠିକ |
| ନୈସର୍ଗୀକ | ନୈସର୍ଗିକ |
| ନୈରୁତ | ନୈରୂତ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ନୈପୁଣ୍ୟତା | ନୈପୁଣ୍ୟ/ନିପୁଣତା |
| ନ୍ୟାୟାଧିଶ | ନ୍ୟାୟାଧୀଶ |
| ନ୍ୟାଜ୍ୟ | ନ୍ୟାଯ୍ୟ |
| ନ୍ୟାସି | ନ୍ୟାସୀ |

# ପ

| | |
|---|---|
| ପରିବେଷ | ପରିବେଶ |
| ପରିସ୍କାର | ପରିଷ୍କାର |
| ପରିବେସଣ | ପରିବେଷଣ |
| ପରିଷୋଧ | ପରିଶୋଧ |
| ପରିକ୍ଷା | ପରୀକ୍ଷା |
| ପରାଧିନ | ପରାଧୀନ |
| ପରିଶ୍ରବଣ | ପରିସ୍ରବଣ |
| ପତ୍ନି | ପତ୍ନୀ |
| ପଞ୍ଜୁରୀ | ପଞ୍ଜୁରି |
| ପରିଶ୍ରା | ପରିସ୍ରା |
| ପଦ୍ୟାଶଂ | ପଦ୍ୟାଂଶ |
| ପରିଶିଷ୍ଠ | ପରିଶିଷ୍ଟ |
| ପରିକ୍ଷାର୍ଥୀ | ପରୀକ୍ଷାର୍ଥୀ |
| ପଞ୍ଜିକରଣ | ପଞ୍ଜୀକରଣ |
| ପର୍ଯ୍ୟବେସିତ | ପର୍ଯ୍ୟବସିତ |
| ପରସ | ପରଶ |
| ପଞ୍ଜାବୀ | ପଞ୍ଜାବି (ଜାମା) |
| ପଞ୍ଜାବି | ପଞ୍ଜାବୀ (ଲୋକ) |
| ପଟାଳୀ | ପଟାଳି |
| ପଦାବଳୀ | ପଦାବଳି/ପଦାବଳୀ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ପରିଣିତ | ପରିଣୀତ |
| ପରିପନ୍ଥି | ପରିପନ୍ଥୀ |
| ପରିସିମା | ପରିସୀମା |
| ପରିପ୍ରେକ୍ଷି | ପରିପ୍ରେକ୍ଷୀ |
| ପରମେଷ୍ଟି | ପରମେଷ୍ଠୀ |
| ପରମେଶୋର | ପରମେଶ୍ୱର |
| ପରମୁଖାପେଖି | ପରମୁଖାପେକ୍ଷୀ |
| ପରାନ୍ନଜିବି | ପରାନ୍ନଜୀବୀ |
| ପରସା | ପରଶା/ପରଷା |
| ପରିଚ୍ଛୁଦ | ପରିଚ୍ଛଦ |
| ପରିଚ୍ଛେଦ | ପରିଚ୍ଛେଦ |
| ପରିଚ୍ଛନ୍ନ | ପରିଚ୍ଛନ୍ନ |
| ପର୍ଣ୍ଣମୋଚି | ପର୍ଣ୍ଣମୋଚୀ |
| ପଞ୍ଜି | ପଞ୍ଜି/ପଞ୍ଜୀ |
| ପଞ୍ଜିକୃତ | ପଞ୍ଜୀକୃତ |
| ପରିତ୍ୟଜ୍ୟ | ପରିତ୍ୟାଜ୍ୟ |
| ପରିଶଦ | ପରିଷଦ |
| ପର୍ଶୁରାମ | ପରଶୁରାମ |
| ପଲବ | ପଲ୍ଲବ |
| ପର୍ବପର୍ବାଣୀ | ପର୍ବପର୍ବାଣି |
| ପାନିୟ୍ର | ପାନୀୟ୍ର |
| ପାବନୀ | ପାବନ(ହନୁମାନ୍)/ପାବନୀ(ପବିତ୍ର କାରିଣୀ) |
| ପାଶୋରିବା | ପାସୋରିବା |
| ପାଚେରୀ | ପାଚେରି |
| ପାଷାଣ୍ଡ | ପାଷଣ୍ଡ |
| ପାଣିଗ୍ରାହି | ପାଣିଗ୍ରାହୀ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ପାରଦର୍ଶୀତା | ପାରଦର୍ଶିତା |
| ପାରଂପାରିକ | ପାରଂପରିକ |
| ପାଶୋର | ପାସୋର |
| ପିଉସି | ପିଉସୀ |
| ପିପାଶା | ପିପାସା |
| ପିତ | ପୀତ (ହଳଦିଆ) |
| ପୀତ୍ତ | ପିତ୍ତ (ଶରୀରର ଧାତୁ ବିଶେଷ) |
| ପିଠ | ପୀଠ |
| ପିଡ଼ା | ପୀଡ଼ା |
| ପିଡ଼ିତ | ପୀଡ଼ିତ |
| ପିତବାସ | ପୀତବାସ |
| ପିୟୁଷ | ପୀୟୂଷ |
| ପୁଷ୍କରିଣି | ପୁଷ୍କରିଣୀ |
| ପୁଷ୍ଠ | ପୁଷ୍ଟ |
| ପୁଷ୍ପାଞ୍ଜଳୀ | ପୁଷ୍ପାଞ୍ଜଳି |
| ପୁତ | ପୁତ (ପୁଅ) |
| ପୁଣ୍ୟ | ପୁଣ୍ୟ |
| ପୁଞ୍ଜିଭୁତ | ପୁଞ୍ଜୀଭୂତ |
| ପୁରି | ପୁରୀ(ନଗରୀ)/ପୁରି(ଅଟାର ଲୁଚି) |
| ପୁର୍ନମିଳନ | ପୁନର୍ମିଳନ |
| ପୁରଷ୍କାର | ପୁରସ୍କାର |
| ପୁଣ୍ୟ | ପୁଣ୍ୟ |
| ପୁରଷ୍କାର | ପୁରସ୍କାର |
| ପୁନେଇଁ/ପୁନିଅଁ | ପୁନେଇଁ/ପୁନିଅଁ |
| ପୁଜନିୟ | ପୂଜନୀୟ |
| ପୁଜ୍ୟାଷ୍ପଦ | ପୂଜାସ୍ପଦ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ପୂର୍ଣ୍ଣମି | ପୂର୍ଣ୍ଣମୀ |
| ପୂର୍ଣ୍ଣୀମା | ପୂର୍ଣ୍ଣମା |
| ପୂର୍ବାହ୍ନ | ପୂର୍ବାହ୍ଣ/ପୂର୍ବାହ୍ନ |
| ପୁତ | ପୂତ (ପବିତ୍ର) |
| ପୁର୍ବ/ପୃବ | ପୂର୍ବ |
| ପୁର୍ଣ୍ଣ | ପୂର୍ଣ୍ଣ |
| ପୁଜ | ପୂଯ |
| ପୁର୍ତ୍ତି | ପୂର୍ତ୍ତି |
| ପୁରବୀ | ପୂରବୀ |
| ପୁରାପୁରି | ପୂରାପୂରି |
| ପୁର୍ବସୁରି | ପୂର୍ବସୂରୀ |
| ପୁଜୋନସ୍ବବ | ପୂଜନୋତ୍ସବ |
| ପୁଜା | ପୂଜା |
| ପୃଥିବି | ପୃଥିବୀ |
| ପୃଷ୍ଟ | ପୃଷ୍ଠ (ପଛପଟ ବା ପିଠି) |
| ପୃଥକିକରଣ/ପୃଥକୀକରଣ | ପୃଥକ୍‌କରଣ |
| ପୃଷ୍ଠଭୂମୀ | ପୃଷ୍ଠଭୂମି |
| ପେଜ | ପେଯ |
| ପେଜୁଆ | ପେଯୁଆ |
| ପୋକଜୋକ | ପୋକଯୋକ |
| ପୌସ | ପୌଷ |
| ପୌରହିତ୍ୟ | ପୌରୋହିତ୍ୟ |
| ପ୍ରସୁନ | ପ୍ରସୂନ |
| ପ୍ରସ୍ତ | ପ୍ରସ୍ଥ |
| ପ୍ରାଣି | ପ୍ରାଣୀ |
| ପ୍ରଣିତ | ପ୍ରଣୀତ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ପ୍ରାୟୃଶ୍ଚିତ | ପ୍ରାୟଶ୍ଚିତ୍ତ |
| ପ୍ରିତ | ପ୍ରୀତ |
| ପ୍ରତୀମା | ପ୍ରତିମା |
| ପ୍ରଜ୍ଜ୍ୱଳିତ | ପ୍ରଜ୍ୱଳିତ |
| ପ୍ରତ୍ୟେହ | ପ୍ରତ୍ୟହ |
| ପ୍ରବାହମାନ | ପ୍ରବହମାନ |
| ପ୍ରଜ୍ଜ୍ୱଳନ | ପ୍ରଜ୍ୱଳନ |
| ପ୍ରତିଦ୍ୱନ୍ଦି | ପ୍ରତିଦ୍ୱନ୍ଦ୍ୱୀ |
| ପ୍ରତିଯୋଗୀତା | ପ୍ରତିଯୋଗିତା |
| ପ୍ରତିଯୋଗି | ପ୍ରତିଯୋଗୀ |
| ପ୍ରତିସୋଧ | ପ୍ରତିଶୋଧ |
| ପ୍ରତିଶୃତି | ପ୍ରତିଶ୍ରୁତି |
| ପ୍ରତିଶେଧ | ପ୍ରତିଷେଧ |
| ପ୍ରତ୍ୟାକ୍ଷାନ | ପ୍ରତ୍ୟାଖ୍ୟାନ |
| ପ୍ରତୁଷ | ପ୍ରତ୍ୟୁଷ/ପ୍ରତ୍ୟୂଷ |
| ପ୍ରଦୋସ | ପ୍ରଦୋଷ |
| ପ୍ରୟୋଯନ | ପ୍ରୟୋଜନ |
| ପ୍ରସନ | ପ୍ରସନ୍ନ |
| ପ୍ରେମଲ୍ଲାସ | ପ୍ରେମୋଲ୍ଲାସ |
| ପ୍ରଣତୀ | ପ୍ରଣତି |
| ପ୍ରଭାତି | ପ୍ରଭାତୀ |
| ପ୍ରସୂତୀ | ପ୍ରସୂତି (ବି. ପୋଖତି, ପ୍ରସବ) |
| ପ୍ରଷାଦ | ପ୍ରସାଦ |
| ପ୍ରଭୂ | ପ୍ରଭୁ |
| ପ୍ରସଂଶା | ପ୍ରଶଂସା |
| ପ୍ରାତ | ପ୍ରାତଃ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ପ୍ରୀୟ | ପ୍ରିୟ |
| ପ୍ରିତି/ପ୍ରିତୀ | ପ୍ରୀତି |
| ପ୍ରସୁନ | ପ୍ରସୂନ |
| ପ୍ରାଣି | ପ୍ରାଣୀ |
| ପ୍ରସ୍ୱାଶ | ପ୍ରଶ୍ୱାସ |
| ପ୍ରଭୁତ | ପ୍ରଭୂତ |
| ପ୍ରଜୁଜ୍ୟ | ପ୍ରଯୁଜ୍ୟ |
| ପ୍ରତିକ | ପ୍ରତୀକ |
| ପ୍ରତିତ | ପ୍ରତୀତ |
| ପ୍ରତିତି | ପ୍ରତୀତି |
| ପ୍ରତିପ | ପ୍ରତୀପ |
| ପ୍ରତିକ୍ଷଣ | ପ୍ରତୀକ୍ଷଣ |
| ପ୍ରସସ୍ତୀ | ପ୍ରଶସ୍ତି |
| ପ୍ରତିଚୀ | ପ୍ରତୀଚୀ |
| ପ୍ରତିକ୍ଷା | ପ୍ରତୀକ୍ଷା |
| ପ୍ରତିକ୍ଷିତ | ପ୍ରତୀକ୍ଷିତ |
| ପ୍ରବିଣ | ପ୍ରବୀଣ |
| ପ୍ରାଚିନ | ପ୍ରାଚୀନ |
| ପ୍ରାଚିର | ପ୍ରାଚୀର |
| ପ୍ରହରି | ପ୍ରହରୀ |
| ପ୍ରଣାଳି | ପ୍ରଣାଳୀ/ପ୍ରଣାଳି |
| ପ୍ରଭୂଦତ୍ତ | ପ୍ରଭୁଦତ୍ତ |
| ପ୍ରତିକୁଳ | ପ୍ରତିକୂଳ |
| ପ୍ରଚ୍ଛଦପଟ | ପ୍ରଚ୍ଛଦପଟ |
| ପ୍ରତିୟମାନ | ପ୍ରତୀୟମାନ |
| ପ୍ରଶ୍ନବାଚି | ପ୍ରଶ୍ନବାଚୀ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ପ୍ରତିଦ୍ୱନ୍ଦିତା | ପ୍ରତିଦ୍ୱନ୍ଦ୍ୱିତା |
| ପ୍ରଦୁଷଣ | ପ୍ରଦୂଷଣ |
| ପ୍ରାର୍ଥି | ପ୍ରାର୍ଥୀ |
| ପ୍ରାର୍ଥୀତ୍ତ୍ୱ | ପ୍ରାର୍ଥିତ୍ୱ |

## ଫ

| | |
|---|---|
| ଫଉଜଦାରୀ | ଫଉଜଦାରି |
| ଫକୀର | ଫକିର |
| ଫଣି | ଫଣୀ |
| ଫଣିନ୍ଦ୍ର | ଫଣୀନ୍ଦ୍ର |
| ଫଂଳା ଫଂଳ | ଫଳାଫଳ |
| ଫଳାହାରି | ଫଳାହାରୀ |

## ବ

| | |
|---|---|
| ବଙ୍ଗାଳି | ବଙ୍ଗାଳୀ(ବଙ୍ଗବାସୀ ଲୋକ) |
| ବଜାତି | ବଜ୍ଜାତି |
| ବତୀଘର | ବତିଘର |
| ବଣଭୋଜୀ | ବଣଭୋଜି |
| ବରଫାବୃତ୍ତ | ବରଫାବୃତ |
| ବାସ୍ତବିକ୍ | ବାସ୍ତବିକ |
| ବଧୁ | ବଧୂ |
| ବନ୍ଧନି | ବନ୍ଧନୀ |
| ବିହିସ୍କାର | ବହିଷ୍କାର |
| ବଶିଭୁତ | ବଶୀଭୂତ |
| ବର୍ଷିଯାନ | ବର୍ଷୀୟାନ |
| ବନିକରଣ | ବନୀକରଣ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ବର୍ହିବାଣିଜ୍ୟ | ବହିର୍ବାଣିଜ୍ୟ |
| ବଂଶି | ବଂଶୀ |
| ବଂଶିଯ଼ | ବଂଶୀଯ଼ |
| ବାହ୍ାନ | ବାହନ |
| ବାଙ୍ମଯ଼ | ବାଙ୍ମଯ଼ |
| ବାହୁଲ୍ୟତା | ବାହୁଲ୍ୟ/ବହୁଳତା |
| ବାହ୍ୟିକ | ବାହ୍ୟ |
| ବାତ୍ସଲ୍ୟତା | ବାତ୍ସଲ୍ୟ/ବତ୍ସଳତା |
| ବିଷର୍ଣ୍ଣ | ବିଷଣ୍ଣ |
| ବିଜୁଳୀବତୀ | ବିଜୁଳିବତି |
| ବିଦିର୍ଣ୍ଣ | ବିଦୀର୍ଣ୍ଣ |
| ବିଶେସ୍ୟ | ବିଶେଷ୍ୟ |
| ବିଶେସଣ | ବିଶେଷଣ |
| ବିଶ୍ଲେସଣ | ବିଶ୍ଲେଷଣ |
| ବିଶଯ଼ | ବିଷଯ଼ |
| ବିଶଧର | ବିଷଧର |
| ବିଶାଦ | ବିଷାଦ |
| ବିସମ | ବିଷମ |
| ବିଲିନ | ବିଲୀନ |
| ବିମର୍ସ(ବିଂ.) | ବିମର୍ଷ(ବିଷଣ୍ଣ) |
| ବିମର୍ସ(ବି.) | ବିମର୍ଶ(ବିତର୍କ ବା ବିଚାର) |
| ବିଭଗ୍ନ | ବିଭଗ୍ନ |
| ବିନିତ | ବିନୀତ |
| ବିସ୍ତିର୍ଣ୍ଣ | ବିସ୍ତୀର୍ଣ୍ଣ |
| ବିରୋଧି | ବିରୋଧୀ |
| ବିପରିତ | ବିପରୀତ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ବିଦୃପ | ବିଦ୍ରୂପ |
| ବିକୀରଣ | ବିକିରଣ |
| ବିଭିଷିକା | ବିଭୀଷିକା |
| ବିରୁପାକ୍ଷ | ବିରୂପାକ୍ଷ |
| ବିମୁଢ଼ | ବିମୂଢ଼ |
| ବିଶ୍ୱସ୍ଥ | ବିଶ୍ୱସ୍ତ |
| ବିଶୁବ | ବିଷୁବ |
| ବିସାରଦ | ବିଶାରଦ |
| ବିରୁପା | ବିରୂପା |
| ବିଭୁତି | ବିଭୂତି |
| ବିକ୍ଷାତ | ବିଖ୍ୟାତ |
| ବିବୃତ୍ତି | ବିବୃତି |
| ବିଶ୍ୱାସନୀୟ | ବିଶ୍ୱସନୀୟ |
| ବିରୁଦ୍ଧରେ | ବିରୋଧରେ |
| ବିଷଦ | ବିଶଦ |
| ବିଶ୍ରାମଗାର | ବିଶ୍ରାମାଗାର |
| ବିଭତ୍ସ | ବୀଭତ୍ସ |
| ବିତସ୍ପୃହ | ବୀତସ୍ପୃହ |
| ବିକ୍ଷଣ | ବୀକ୍ଷଣ |
| ବୀଚୀ/ବିଚୀ | ବୀଚି |
| ବିଜ | ବୀଜ |
| ବିଣା | ବୀଣା |
| ବିଥି/ବିଥିକା | ବୀଥି, ବୀଥିକା |
| ବିର | ବୀର |
| ବୁଦ୍ଧିଜିବି | ବୁଦ୍ଧିଜୀବୀ |
| ବୃହତ | ବୃହତ୍ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ବୃହତର | ବୃହତ୍ତର |
| ବୃହତମ | ବୃହତ୍ତମ |
| ବେକାରୀ | ବେକାରି |
| ବୈଜୟନ୍ତି | ବୈଜୟନ୍ତୀ |
| ବୟାକରଣିକ | ବୈୟାକରଣିକ/ବ୍ୟାକରଣିକ |
| ବୋକାମୀ | ବୋକାମି |
| ବୋହୁ | ବୋହୂ |
| ବ୍ୟତିତ | ବ୍ୟତୀତ |
| ବ୍ୟସ୍ଥ | ବ୍ୟସ୍ତ |
| ବ୍ୟାକ୍ଷା | ବ୍ୟାଖ୍ୟା |
| ବ୍ୟବହାରିକ | ବ୍ୟାବହାରିକ |
| ବ୍ୟବସାୟିକ | ବ୍ୟାବସାୟିକ |

## ଭ

| | |
|---|---|
| ଭରଷା | ଭରସା |
| ଭସାଣୀ | ଭସାଣି |
| ଭଷ୍ମ | ଭସ୍ମ |
| ଭଉଁରୀ | ଭଉଁରି |
| ଭର୍ଚ୍ଛନା | ଭର୍ତ୍ସନା |
| ଭଗ୍ନୀ | ଭଗିନୀ |
| ଭଙ୍ଗୀମା | ଭଙ୍ଗିମା |
| ଭଙ୍ଗି | ଭଙ୍ଗୀ |
| ଭଙ୍ଗୀଳ | ଭଙ୍ଗିଳ |
| ଭାଗିରଥୀ | ଭାଗୀରଥୀ (ଗଙ୍ଗା) |
| | ଭାଗୀରଥି(ଭଗୀରଥଙ୍କ ପୁତ୍ର) |
| ଭିକାରୀ | ଭିକାରି |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଭିସ୍ମ | ଭୀଷ୍ମ |
| ଭିମ | ଭୀମ |
| ଭିତି | ଭୀତି (ବି. ଭୟ) |
| ଭିତ | ଭୀତ (ବିଂ. ଭୟପ୍ରାପ୍ତ) |
| ଭିରୁ | ଭୀରୁ (ବିଂ. ଭୟପ୍ରାପ୍ତ) |
| ଭିସଣ | ଭୀଷଣ |
| ଭୂବନେଶ୍ୱର | ଭୁବନେଶ୍ୱର |
| ଭୂଲ୍ | ଭୁଲ୍ |
| ଭୂବନ | ଭୁବନ |
| ଭୁଆଷୁଣି | ଭୁଆସୁଣୀ |
| ଭୁଷୁଡ଼ିବା | ଭୁଶୁଡ଼ିବା |
| ଭୂମିଷ୍ଟ | ଭୂମିଷ୍ଠ |
| ଭୂଗଳ | ଭୂଗୋଳ |
| ଭୁୟସି | ଭୂୟସୀ |
| ଭୁତପୂର୍ବ | ଭୂତପୂର୍ବ |
| ଭୁଷଣ | ଭୂଷଣ |
| ଭୂମ୍ୟାଧିକାରୀ | ଭୂମ୍ୟଧିକାରୀ |
| ଭାରୋତ୍ତଳନ | ଭାରୋତ୍ତୋଳନ |
| ଭୌଗଳିକ | ଭୌଗୋଳିକ |
| ଭାତୃଭାବ | ଭ୍ରାତୃଭାବ |
| ଭାତୃଷ୍ପୁତ୍ର | ଭ୍ରାତୃଷ୍ପୁତ୍ର |
| ଭ୍ରାତାଗଣ | ଭ୍ରାତୃଗଣ |
| ଭୃଣ | ଭ୍ରୂଣ |
| ଭୃକ୍ଷେପ | ଭ୍ରୂକ୍ଷେପ/ଭ୍ରୂକ୍ଷେପ/ |
| ଭ୍ରୂଲତା | ଭ୍ରୂଲତା/ଭୃଲତା |

| ଅଶୁଦ୍ଧ | ଶୁଦ୍ଧ |
|---|---|
| **ମ** | |
| ମଣିସ | ମଣିଷ |
| ମନିଷା | ମନୀଷା |
| ମନିଷି | ମନୀଷୀ |
| ମନଗତ | ମନୋଗତ |
| ମନୋନିତ | ମନୋନୀତ |
| ମନଭାବ | ମନୋଭାବ |
| ମନବାଞ୍ଛା | ମନୋବାଞ୍ଛା |
| ମନବଳ | ମନୋବଳ |
| ମନରଞ୍ଜନ | ମନୋରଞ୍ଜନ |
| ମନରଥ | ମନୋରଥ |
| ମନ୍ତ୍ରି | ମନ୍ତ୍ରୀ |
| ମନ୍ତ୍ରୀମଣ୍ଡଳ | ମନ୍ତ୍ରିମଣ୍ଡଳ |
| ମନ୍ତ୍ରୀତ୍ତ୍ୱ | ମନ୍ତ୍ରିତ୍ୱ |
| ମହତ୍ୱ | ମହତ୍ତ୍ୱ |
| ମରୁଭୂମୀ | ମରୁଭୂମି |
| ମରୁଦ୍ୟାନ | ମରୂଦ୍ୟାନ |
| ମରିଚିକା | ମରୀଚିକା |
| ମର୍ଯ୍ୟଦା | ମର୍ଯ୍ୟାଦା |
| ମହତର | ମହତ୍ତର |
| ମହତମ | ମହତ୍ତମ |
| ମହିଯ୍ୟାନ | ମହୀଯ୍ୟାନ୍ |
| ମହିଯ୍ୟସୀ | ମହୀଯ୍ୟସୀ |
| ମୟୁର | ମୟୂର |
| ମହତ | ମହତ୍ |

| ଅଶୁଦ୍ଧ | ଶୁଦ୍ଧ |
| --- | --- |
| ମହନିୟତା | ମହନୀୟତା |
| ମଜୁରୀ | ମଜୁରି |
| ମହନିୟ | ମହନୀୟ |
| ମୟୁଖ | ମୟୂଖ |
| ମସୃଣ | ମସୃଣ |
| ମଶାରୀ | ମଶାରି |
| ମହମବତୀ | ମହମବତି |
| ମନସ୍ୱି | ମନସ୍ୱୀ |
| ମନସ୍ୱିନି | ମନସ୍ୱିନୀ |
| ମଧ୍ୟରାତ୍ରି | ମଧ୍ୟରାତ୍ର |
| ମନକାମନା | ମନସ୍କାମନା |
| ମନୋକଷ୍ଟ | ମନଃକଷ୍ଟ |
| ମନୋପୀଡ଼ା | ମନଃପୀଡ଼ା |
| ମନପ୍ରାଣ | ମନଃପ୍ରାଣ |
| ମନସ୍ଥ | ମନଃସ୍ଥ |
| ମନଯୋଗ | ମନୋଯୋଗ |
| ମାର୍ଗଶୀର | ମାର୍ଗଶିର |
| ମାଗୁଣୀ | ମାଗୁଣି |
| ମାର୍ଜନି | ମାର୍ଜନୀ (ଝାଡୁ) |
| ମାନନିୟ | ମାନନୀୟ |
| ମହାତ୍ମ୍ୟ | ମାହାତ୍ମ୍ୟ |
| ମାମୁଁ | ମାମୁ |
| ମାଉସି | ମାଉସୀ |
| ମାଂସପେଷି | ମାଂସପେଶୀ |
| ମାଂଶାସୀ | ମାଂସାଶୀ |
| ମିନତୀ | ମିନତି |

| ଅଶୁଦ୍ଧ | ଶୁଦ୍ଧ |
| --- | --- |
| ମିସ୍ତ୍ରୀ | ମିସ୍ତ୍ରି |
| ମିମାଂସା | ମୀମାଂସା |
| ମୁଖ୍ୟ | ମୁଖ୍ୟ |
| ମୁହୂର୍ତ୍ତ | ମୁହୂର୍ତ୍ତ |
| ମୁନିଆଁ | ମୁନିଆ |
| ମୁହୂର୍ମୁହୁ | ମୁହୁର୍ମୁହୁଃ |
| ମୁମୂର୍ଷୁ | ମୁମୂର୍ଷୁ |
| ମୁରଲି | ମୁରଲୀ |
| ମୁଖସ୍ତ | ମୁଖସ୍ଥ |
| ମୁର୍ଖ | ମୂର୍ଖ |
| ମୁର୍ଚ୍ଛା | ମୂର୍ଚ୍ଛା |
| ମୁର୍ଚ୍ଛନା | ମୂର୍ଚ୍ଛନା |
| ମୁକ | ମୂକ |
| ମୁଢ଼ | ମୂଢ଼ |
| ମୁଷଳ | ମୂଷଳ |
| ମୂର୍ଦ୍ଧଣ୍ୟ | ମୂର୍ଦ୍ଧନ୍ୟ |
| ମୃତ୍ୟୁଞ୍ଜୟୀ | ମୃତ୍ୟୁଞ୍ଜୟ (ସ୍ତ୍ରୀ-ମୃତ୍ୟୁଞ୍ଜୟା) |
| ମୃନ୍ମୟ | ମୃଣ୍ମୟ |
| ମୁର୍ତ୍ତିକା | ମୃତ୍ତିକା |
| ମେଧାବି | ମେଧାବୀ |
| ମୈତ୍ରି | ମୈତ୍ରୀ |

## ଯ

| | |
| --- | --- |
| ଯନ୍ତ୍ରି | ଯନ୍ତ୍ରୀ |
| ଯଦ୍ୱାରା | ଯଦ୍ଦ୍ୱାରା |
| ଯଶଧନ | ଯଶୋଧନ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଯଶଶାଳି | ଯଶଃଶାଳୀ |
| ଯଶସ୍ୱି | ଯଶସ୍ୱୀ |
| ଯଶସ୍ୱିନି | ଯଶସ୍ୱିନୀ |
| ଯାତାୟତ | ଯାତାୟାତ |
| ଯାନ୍ତ୍ରୀକ | ଯାନ୍ତ୍ରିକ |
| ଯାନବାହାନ | ଯାନବାହନ |
| ଯାମିନି | ଯାମିନୀ |
| ଯାବଜୀବନ | ଯାବଜ୍ଜୀବନ |
| ଯିଶୁ | ଯୀଶୁ |
| ଯୋଗି | ଯୋଗୀ |

## ର

| | |
|---|---|
| ରପ୍ତାନୀ | ରପ୍ତାନି |
| ରବୀ | ରବି |
| ରବିନ୍ଦ୍ର | ରବୀନ୍ଦ୍ର |
| ରଥି | ରଥୀ |
| ରହସ୍ୟାବୃତ୍ତ | ରହସ୍ୟାବୃତ |
| ରଶ୍ମୀ | ରଶ୍ମି |
| ରମଣିୟ | ରମଣୀୟ |
| ରମଣିୟତା | ରମଣୀୟତା |
| ରଙ୍ଗୀନ | ରଙ୍ଗିନ |
| ରକ୍ଷି | ରକ୍ଷୀ (ବିଂ. ରକ୍ଷାକାରୀ) / (ବି. ପ୍ରହରୀ) |
| ରହଣୀ | ରହଣି |
| ରସୋତୀର୍ଣ୍ଣ | ରସୋତ୍ତୀର୍ଣ୍ଣ |
| ରାକ୍ଷାସ | ରାକ୍ଷସ |
| ରିତି | ରୀତି |
| ରିତିନିତି | ରୀତିନୀତି |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ରୁପା | ରୂପା |
| ରୁଢ଼ | ରୂଢ଼ (କେଶମୂଳ) |
| ରୁଢ଼ | ରୂଢ (ରୁକ୍ଷ, ଅପ୍ରିୟ) |
| ରୁଢ଼ି/ରଢ଼ି | ରୂଢ଼ି |
| ରୁପ | ରୂପ |
| ରୁପସୀ | ରୂପସୀ |
| ରେଫ୍ | ରେଫ |
| ରୋଗି | ରୋଗୀ |
| ରୋଷଣୀ | ରୋଶଣି |

## ଲ

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଲକ୍ଷ୍ୟ | ଲକ୍ଷ (ଶହେ ହଜାର ଟଙ୍କା) |
| ଲକ୍ଷ | ଲକ୍ଷ୍ୟ (ଉଦ୍ଦେଶ୍ୟ/ଦର୍ଶନଯୋଗ୍ୟ) |
| ଲଜା | ଲଜ୍ଜା/ଲଜ୍ୟା |
| ଲବ୍ଧପ୍ରତିଷ୍ଠିତ | ଲବ୍ଧପ୍ରତିଷ୍ଠ |
| ଲାଜ୍ଜ | ଲାଜ |
| ଲାବନ୍ୟ | ଲାବଣ୍ୟ |
| ଲୁକ୍କାଇତ | ଲୁକ୍କାୟିତ |
| ଲୋଭନିୟ | ଲୋଭନୀୟ |
| ଲୋଭି | ଲୋଭୀ |

## ଶ

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଶଢ | ଶଠ |
| ଶତାଢି | ଶତାବ୍ଦୀ |
| ଶରିର | ଶରୀର |
| ଶଶି | ଶଶୀ |
| ଶଶୀଭୂଷଣ | ଶଶିଭୂଷଣ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଶଙ୍ଖାରୀ | ଶଙ୍ଖାରି |
| ଶମ୍ଭୂ | ଶମ୍ଭୁ |
| ଶତପଥି/ସତପଥି | ଶତପଥୀ |
| ଶତୃ | ଶତ୍ରୁ |
| ଶତୃଘ୍ନ | ଶତ୍ରୁଘ୍ନ |
| ଶପ୍ତଶ୍ୱର | ସପ୍ତସ୍ୱର |
| ଶାରିରିକ/ଶାରିରୀକ | ଶାରୀରିକ |
| ଶାଶନ | ଶାସନ |
| ଶାସ୍ତ୍ରି | ଶାସ୍ତ୍ରୀ |
| ଶାଢ଼ୀ | ଶାଢ଼ି |
| ଶିକ୍ଷୟିତ୍ରୀ | ଶିକ୍ଷୟିତ୍ରୀ |
| ଶୀକାର | ଶିକାର |
| ଶିକାରି | ଶିକାରୀ |
| ଶିସ୍ୟ | ଶିଷ୍ୟ |
| ଶିଷ୍ଟ | ଶିଷ୍ଟ |
| ଶୀଲ୍‌ପ | ଶିଳ୍ପ |
| ଶୀଲ୍‌ପାୟନ | ଶିଳ୍ପାୟନ |
| ଶିଲ୍‌ପଦ୍ୟୋଗି | ଶିଳ୍ପୋଦ୍ୟୋଗୀ |
| ଶିରଚ୍ଛେଦ | ଶିରଚ୍ଛେଦ |
| ଶିର୍ଣ୍ଣ | ଶୀର୍ଣ୍ଣ |
| ଶିତ | ଶୀତ (ଜାଡ଼) |
| ଶିଘ୍ର | ଶୀଘ୍ର |
| ଶିରବ୍ୟଥା | ଶିରୋବ୍ୟଥା |
| ଶିର୍ଷ | ଶୀର୍ଷ |
| ଶିତଳ | ଶୀତଳ |
| ଶିର୍ଷକ | ଶୀର୍ଷକ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଶୁଶ୍ରୁଷା/ଶୁଶ୍ରୃସା | ଶୁଶ୍ରୂଷା |
| ଶୁଧ | ଶୁଦ୍ଧ |
| ଶୁଭେସ୍ଛା | ଶୁଭେଚ୍ଛା |
| ଶୁସ୍କ | ଶୁଷ୍କ |
| ଶୁଚୀ | ଶୁଚି (ପବିତ୍ର) |
| ଶୁଭାକାଂକ୍ଷି | ଶୁଭାକାଂକ୍ଷୀ (ପ୍ରାଚୀନ : ଶୁଭାକାଙ୍କ୍ଷୀ) |
| ଶୁନ୍ୟ | ଶୂନ୍ୟ |
| ଶୁର | ଶୂର |
| ଶୁଦ୍ର | ଶୂଦ୍ର |
| ଶୌର୍ଯ | ଶୌର୍ଯ୍ୟ |
| ଶ୍ରମୀକ | ଶ୍ରମିକ |
| ଶ୍ରମଜିବି | ଶ୍ରମଜୀବୀ |
| ଶ୍ରଧା | ଶ୍ରଦ୍ଧା |
| ଶ୍ରଧାସ୍ପଦ | ଶ୍ରଦ୍ଧାସ୍ପଦ |
| ଶ୍ରଦ୍ଧାଞ୍ଜଳୀ | ଶ୍ରଦ୍ଧାଞ୍ଜଳି |
| ଶ୍ରେୟୃଷ୍କର | ଶ୍ରେୟସ୍କର |
| ଶୃତଲିଖନ | ଶ୍ରୁତଲିଖନ |
| ଶୃତିଗୋଚର | ଶ୍ରୁତିଗୋଚର |
| ଶ୍ମଶ୍ରୂ | ଶ୍ମଶ୍ରୁ |
| ଶ୍ମସାନ | ଶ୍ମଶାନ |
| ଶ୍ଲେଶ | ଶ୍ଲେଷ |

## ଷ

| | |
|---|---|
| ଷଡଯନ୍ତ୍ର | ଷଡ୍‌ଯନ୍ତ୍ର (ଚକ୍ରାନ୍ତ) |
| ଷଡରୁତୁ | ଷଡ୍‌ଋତୁ |
| ଷଡ଼ଜ | ଷଡ୍‌ଜ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଷଢ଼େଇ | ଶଢ଼େଇ |
| ଷଷ୍ଟ | ଷଷ୍ଠ |
| ଷଷ୍ଠି | ଷଷ୍ଠୀ (ଦେବୀ) |
| ଷଷ୍ଟୀ | ଷଷ୍ଠି (ଷାଠିଏ) |
| ଷଢ଼ଙ୍ଗି | ଷଡ଼ଙ୍ଗୀ |
| ଷକ୍ଷମ | କ୍ଷମ |
| ଷାଣ୍ମାସିକ | ଷଣ୍ମାସିକ (ମାସରେ ଛଅଥର ସଂଘଟିତ) |
| ଷଣ୍ମାସିକ | ଷାଣ୍ମାସିକ (ଛଅ ମାସ ଅନ୍ତରରେ ସଂଘଟିତ) |
| ଷୋଢ଼ଷ | ଷୋଡ଼ଶ |

## ସ

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସମ୍ମାନୀୟୃ | ସମ୍ମାନନୀୟ |
| ସମ୍ମାନୀତ | ସମ୍ମାନିତ |
| ସବାନ୍ଧବେ | ସବାନ୍ଧବ |
| ସମାସ୍ୟା | ସମସ୍ୟା |
| ସମିଚିନ | ସମୀଚୀନ |
| ସମତୂଲ | ସମତୁଲ |
| ସମତୂଲ୍ୟ | ସମତୁଲ୍ୟ |
| ସନ୍ୟାସ | ସନ୍ନ୍ୟାସ |
| ସନ୍ୟାସି | ସନ୍ନ୍ୟାସୀ |
| ସର୍ଯପ | ସର୍ଷପ |
| ସତ୍ୱ | ସତ୍ତ୍ୱ (ତ୍ରିଗୁଣ ମଧ୍ୟରୁ ପ୍ରଥମ ଓ ଶ୍ରେଷ୍ଠ ଗୁଣ) |
| ସପରିବାରେ | ସପରିବାର |
| ସହଜୋଗ | ସହଯୋଗ |
| ସହଯୋଗି | ସହଯୋଗୀ |
| ସହଯୋଗୀତା | ସହଯୋଗିତା |
| ସମୃଦ୍ଧ | ସମୃଦ୍ଧ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସମ୍ରୁଦ୍ଧି | ସମୃଦ୍ଧି |
| ସମୃଦ୍ଧିଶାଳି | ସମୃଦ୍ଧିଶାଳୀ |
| ସମ୍ମତା | ସମତା (ଏକରୂପତା, ସମଭାବ) |
| ସମ୍ମାନ | ସମାନ (ଏକରୂପ) |
| ସମୁହ | ସମୂହ |
| ସମଷ୍ଠି | ସମଷ୍ଟି |
| ସଚିଦାନନ୍ଦ | ସଚ୍ଚିଦାନନ୍ଦ |
| ସଂଗିତ | ସଙ୍ଗୀତ |
| ସମିପ | ସମୀପ |
| ସମିର | ସମୀର |
| ସମିକ୍ଷା | ସମୀକ୍ଷା |
| ସରିସୃପ | ସରୀସୃପ |
| ସମକୋଣି | ସମକୋଣୀ |
| ସଂମୁଖିନ | ସମ୍ମୁଖୀନ |
| ସହକାରି | ସହକାରୀ |
| ସରକାରି | ସରକାରୀ |
| ସକ୍ଷିକରଣ | ସକ୍ଷୀକରଣ |
| ସନ୍ନିବେସିତ | ସନ୍ନିବେଶିତ |
| ସର୍ବଗ୍ରାସି | ସର୍ବଗ୍ରାସୀ |
| ସର୍ବାଙ୍ଗୀନ | ସର୍ବାଙ୍ଗୀଣ |
| ସହରି | ସହରୀ |
| ସପୁରି | ସପୁରୀ |
| ସଉତୁଣି | ସଉତୁଣୀ |
| ସାରଲ୍ୟତା | ସରଳତା/ସାରଲ୍ୟ |
| ସହଭାଗି | ସହଭାଗୀ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସହ୍ଭାଗୀତା | ସହ୍ଭାଗିତା |
| ସମାନ | ସମ୍ମାନ |
| ସମତି | ସମ୍ମତି |
| ସନ୍ମତି | ସମ୍ମତି |
| ସମ୍ପର୍ଣ୍ଣ | ସମ୍ପନ୍ନ |
| ସତ୍ୱେ | ସତ୍ତ୍ୱେ |
| ସାହାଯ୍ୟ | ସହାଯ୍ୟ |
| ସାମଗ୍ରୀକ | ସମଗ୍ରିକ |
| ସମ୍ରାଞ୍ଜୀ | ସମ୍ରାଜ୍ଞୀ |
| ସୃଜନ | ସର୍ଜନ |
| ସୃଜନଶୀଳ | ସର୍ଜନଶୀଳ |
| ସରସ୍ୱତି | ସରସ୍ୱତୀ |
| ସର୍କରା | ଶର୍କରା |
| ସଢ଼ିବା | ଶଢ଼ିବା |
| ସଂଶ୍ଳିଷ୍ଠ | ସଂଶ୍ଳିଷ୍ଟ |
| ସଂଶ୍ଳେସଣ | ସଂଶ୍ଳେଷଣ |
| ସଂପତି | ସମ୍ପତ୍ତି |
| ସଂସଯ୍ୟ | ସଂଶଯ୍ୟ |
| ସଂସୋଧନ | ସଂଶୋଧନ |
| ସଂଶାର | ସଂସାର |
| ସଂଷ୍କାର | ସଂସ୍କାର |
| ସଂଷ୍କୃତି | ସଂସ୍କୃତି |
| ସଂଖେପ | ସଂକ୍ଷେପ |
| ସଂଖିପ୍ତ | ସଂକ୍ଷିପ୍ତ |
| ସଂକ୍ଷିପ୍ତରେ | ସଂକ୍ଷେପରେ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସଂଯମତା | ସଂଯମ |
| ସଞ୍ଜତ | ସଂଯତ |
| ସଂସୟ | ସଂଶୟ |
| ସଂକିର୍ଣ୍ଣ | ସଂକୀର୍ଣ୍ଣ |
| ସଂକୀର୍ତନ | ସଂକୀର୍ତ୍ତନ |
| ସଂଜିବ | ସଂଜୀବ |
| ସଂଜିବନି | ସଂଜୀବନୀ |
| ସଞ୍ଜମ | ସଂଯମ |
| ସଂପର୍ଣ୍ଣ | ସମ୍ପନ୍ନ |
| ସଠିକ୍ | ସମ୍ପୂର୍ଣ୍ଣ ଠିକ ବା ଠିକ |
| ସ୍ଥବୀର | ସ୍ଥବିର |
| ସାମନ୍ତରିକ | ସାମାନ୍ତରିକ |
| ସାରଥୀ | ସାରଥି |
| ସାହାସ | ସାହସ |
| ସାହାର୍ଯ୍ୟ | ସାହାଯ୍ୟ |
| ସମ୍ବତ୍ସରିକ | ସାମ୍ବତ୍ସରିକ |
| ସ୍ୱାକ୍ଷର | ସାକ୍ଷର (ବିଂ. ଅକ୍ଷରଜ୍ଞାନଯୁକ୍ତ) |
| ସାରସତ୍ୱ | ସାରସ୍ୱତ |
| ସାମ୍ୟତା | ସାମ୍ୟ/ସମତା |
| ସମ୍ବାଦିକ | ସାମ୍ବାଦିକ |
| ସାଧ୍ୟାଯୃତ୍ତ | ସାଧ୍ୟ |
| ସାମଗ୍ରି | ସାମଗ୍ରୀ |
| ସାସ୍ତ୍ର | ଶାସ୍ତ୍ର |
| ସ୍ୱାକ୍ଷରତା | ସାକ୍ଷରତା (ବି. ଅକ୍ଷରଜ୍ଞାନ) |
| ସାଂସ୍କୃତିକ | ସାଂସ୍କୃତିକ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସଂସାରିକ | ସାଂସାରିକ |
| ସ୍ଥାୟି | ସ୍ଥାୟୀ |
| ସ୍ଥାୟୀତ୍ୱ | ସ୍ଥାୟିତ୍ୱ |
| ସ୍ଥାନିୟ | ସ୍ଥାନୀୟ |
| ସିନ୍ଦୁର | ସିନ୍ଦୂର |
| ସ୍ଥିରିକୃତ | ସ୍ଥିରୀକୃତ |
| ସ୍ଥିରିକରଣ | ସ୍ଥିରୀକରଣ |
| ସିମା | ସୀମା |
| ସିମିତ | ସୀମିତ |
| ସିମାବଦ୍ଧ | ସୀମାବଦ୍ଧ |
| ସୁଭାସ | ସୁଭାଷ (ସୁବଚନ) |
| ସୁବାଷ | ସୁବାସ (ସୁଗନ୍ଧ) |
| ସୁଶିଳ | ସୁଶୀଳ |
| ସୁବାସୀତ | ସୁବାସିତ |
| ସୁନ୍ଦର | ସୁନ୍ଦର |
| ସୁମୀତ୍ରା | ସୁମିତ୍ରା |
| ସୁପ୍ତୀ | ସୁପ୍ତି |
| ସୁସୁପ୍ତି | ସୁଷୁପ୍ତି |
| ସୁସମା | ସୁଷମା |
| ସୁତା | ସୁତା (କନ୍ୟା, ଦୁହିତା) |
| ସୁତା | ସୂତା (ସୂତ୍ର, ତନ୍ତୁ) |
| ସୁଚୀତ | ସୂଚିତ |
| ସୁଚି | ସୂଚୀ/ସୂଚି (ଛୁଞ୍ଚି) |
| ସୁର୍ପନଖା | ସୂର୍ପଣଖା |
| ସୁତୁଲୀ | ସୂତୁଲି |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସୁକ୍ଷ୍ମ | ସୂକ୍ଷ୍ମ |
| ସୁତ୍ର | ସୂତ୍ର (କୌଶଳ, ସୂତା) |
| ସୁକ୍ତି | ସୂକ୍ତି (ସଦ୍‌ବଚନ) |
| ସୁତ୍ରପାତ | ସୂତ୍ରପାତ |
| ସୁର୍ଯ୍ୟ | ସୂର୍ଯ୍ୟ |
| ସ୍ଥୁଳ | ସ୍ଥୂଳ |
| ସ୍ରୁଷ୍ଟି | ସୃଷ୍ଟି |
| ସ୍ୱେଚ୍ଛାସେବି | ସ୍ୱେଚ୍ଛାସେବୀ |
| ସ୍ୱେଚ୍ଛାଚାରି | ସ୍ୱେଚ୍ଛାଚାରୀ |
| ସୋରିସ | ସୋରିଷ |
| ସୌଜନ୍ୟତା | ସୌଜନ୍ୟ |
| ସୌମିତ୍ରୀ | ସୌମିତ୍ରି |
| ସୌମେନ୍ଦ୍ର | ସୌମ୍ୟେନ୍ଦ୍ର |
| ସୁନାମଧନ୍ୟ | ସ୍ୱନାମଧନ୍ୟ |
| ସତ୍ତ୍ୱ | ସ୍ୱତ୍ୱ (ମାଲିକାନା) |
| ସତ୍ୱାଧିକାରୀ | ସ୍ୱତ୍ୱାଧିକାରୀ |
| ସତ୍ୱାଧିକାର | ସ୍ୱତ୍ୱାଧିକାର |
| ସ୍ୱତଃସ୍ଫୁର୍ତ | ସ୍ୱତଃସ୍ଫୂର୍ତ୍ତି |
| ସ୍ୱକିୟ | ସ୍ୱକୀୟ |
| ସ୍ୱର୍ଗତଃ | ସ୍ୱର୍ଗତ |
| ସ୍ୱଂୟସେବକ | ସ୍ୱୟଂସେବକ |
| ସ୍ୱାଧିନତ୍ତା | ସ୍ୱାଧୀନତା |
| ସ୍ୱଭାବିକ | ସ୍ୱାଭାବିକ |
| ସ୍ୱାଧିନୋତ୍ତର | ସ୍ୱାଧୀନତୋତ୍ତର |
| ସ୍ୱାଦିଷ୍ଟ | ସ୍ୱାଦିଷ୍ଠ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ସ୍ୱାଧିନ | ସ୍ୱାଧୀନ |
| ସ୍ୱିକାର | ସ୍ୱୀକାର |
| ସ୍ୱିକୃତି | ସ୍ୱୀକୃତି |
| ସ୍ତମ୍ଭିଭୁତ | ସ୍ତମ୍ଭୀଭୂତ |
| ସ୍ତିମୀତ | ସ୍ତିମିତ |
| ସ୍ତୁପିକୃତ | ସ୍ତୂପୀକୃତ |
| ସ୍ତୁପ | ସ୍ତୂପ |
| ସ୍ପଷ୍ଟିକରଣ | ସ୍ପଷ୍ଟୀକରଣ |
| ସ୍ଫିତ | ସ୍ଫୀତ |
| ସ୍ଫୁର୍ତି | ସ୍ଫୁର୍ତ୍ତି |
| ସଙ୍କର | ଶଙ୍କର |
| ସଙ୍କା | ଶଙ୍କା |
| ସଙ୍ଖ | ଶଙ୍ଖ |

## ହ

| | |
|---|---|
| ହଟଗୋଳ | ହଟ୍ଟଗୋଳ |
| ହର୍ସ୍ୱ | ହ୍ରସ୍ୱ |
| ହ୍ରାଶ | ହ୍ରାସ |
| ହିନ୍ଦି | ହିନ୍ଦୀ |
| ହିଂଶା | ହିଂସା |
| ହିନ | ହୀନ |
| ହିରା | ହୀରା |
| ହିନସ୍ତା | ହୀନସ୍ତା |
| ହିନିମାନ | ହୀନିମାନ |

| ଅଶୁଦ୍ଧ | ଶୁଦ୍ଧ |
|---|---|
| ହୃଷ୍ଟପୃଷ୍ଟ | ହୃଷ୍ଟପୁଷ୍ଟ |
| ହୃଷିକେଶ | ହୃଷୀକେଶ |
| ହୂଷ୍ଟ | ହୃଷ୍ଟ |

# କ୍ଷ

| | |
|---|---|
| କ୍ଷଣିକପାଇଁ | କ୍ଷଣକପାଇଁ |
| କ୍ଷତ୍ରୀୟ | କ୍ଷତ୍ରିୟ |
| କ୍ଷାତି | ଖ୍ୟାତି |
| କ୍ଷିରିସା | ଖିରିସା |
| କ୍ଷିରି/କ୍ଷୀରି | ଖିରି/କ୍ଷୀରୀ |
| କ୍ଷାରିୟ | କ୍ଷାରୀୟ |
| କ୍ଷୀତି | କ୍ଷିତି |
| କ୍ଷିର | କ୍ଷୀର |
| କ୍ଷିରସାଗର | କ୍ଷୀରସାଗର |
| କ୍ଷିରାବ୍ଧି | କ୍ଷୀରାବ୍ଧି |
| କ୍ଷିଣ | କ୍ଷୀଣ |
| କ୍ଷୁର୍ଣ୍ଣ | କ୍ଷୁଣ୍ଣ |
| କ୍ଷୁଦ୍ରତ୍ତର | କ୍ଷୁଦ୍ରତର |
| କ୍ଷୁଦ୍ରତ୍ତମ | କ୍ଷୁଦ୍ରତମ |
| କ୍ଷୁଦ୍ର | କ୍ଷୁଦ୍ର |

●●●